R.N.I. REGN. No. 65000/96 POSTAL REGN. No. OR/BN-32/12-14

ଊନତ୍ରିଂଶ ବର୍ଷ
ସଂଖ୍ୟା : ୦୬
ତିଥି : ଚତୁର୍ଥୀ
୦୮ ଅକ୍ଟୋବର ୨୦୨୪, ମଙ୍ଗଳବାର
ସମ୍ବଲପୁର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

# ସମୟ

ସମୟ SAMAYA

28th ANNIVERSARY

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Bhubaneswar | Balasore | Angul | Berhampur | Sambalpur | Jeypore




## ପରିବାରର ୭ ଜଳିଗଲେ

ମୁମ୍ବାଇ,୭।୧୦: ମୁମ୍ବାଇ ଚେମ୍ବୁର ଅଞ୍ଚଳର ସିଦ୍ଧାର୍ଥ କଲୋନୀରେ ଥିବା ଏକ ଘରେ ଭୋର୍ ସାଢେ ୪ଟା ବେଳେ ଅଗ୍ନିକାଣ୍ଡ ଘଟିଥିଲା । ଏଥିରେ ଗୋଟିଏ ପରିବାରର ୭ ଜଣଙ୍କ ମୃତ୍ୟୁ ହୋଇଛି । ମୃତକଙ୍କ ମଧ୍ୟରେ ଦୁଇ ଜଣ ଛୋଟ ଛୁଆ ମଧ୍ୟ ଅଛନ୍ତି । ଏହି ଘର ତଳେ ଏକ କରାଣି ଦୋକାନ ଥିଲା ଏବଂ (୯ ପୃଷ୍ଠାରେ)

# ମୌସୁମୀ ଫେରିବା ବିଳମ୍ବ

## ୯ରେ ଲଘୁଚାପ, ୧୬ରୁ ବର୍ଷା ସମ୍ଭାବନା

ଭୁବନେଶ୍ୱର,୭।୧୦ (ସବ୍ୟୁ) : ରାଜ୍ୟରେ ରବିବାର ଉପକୂଳ ଜିଲ୍ଲାରେ ପାଗ ମେଘୁଆ ସହିତ କିଛି ସ୍ଥାନରେ ବର୍ଷା ହୋଇଛି । ଗଞ୍ଜାମର ଆସ୍କା ଠାରୁ କଟକ ପର୍ଯ୍ୟନ୍ତ ଘଡ଼ଘଡ଼ି ସହ ବର୍ଷା ହୋଇଛି । ଆସନ୍ତାକାଲି (ସୋମବାର) ମଧ୍ୟ ଏହା ଜାରି ରହିବାର ସମ୍ଭାବନା ରହିଛି । ବଙ୍ଗୋପସାଗରୀୟ ପବନ ସହିତ ଉତ୍ତର ଭାରତରୁ ଆସୁଥିବା ଶୁଷ୍କ ପବନ ମିଶିବାରୁ ବାୟୁମଣ୍ଡଳ ଅସ୍ଥିର ଯୋଗୁ ପରିଚଳନ ବର୍ଷା ହେଉଛି ବୋଲି କୃଷି ପାଣିପାଗ ବିଜ୍ଞାନୀ ସୁରେନ୍ଦ୍ର ନାଥ ପଶୁପାଳକ କହିଛନ୍ତି । ଶ୍ରୀ ପଶୁପାଳକ କହିଛନ୍ତି, ମଙ୍ଗଳବାର ଠାରୁ ଏହି ପରିଚଳନ ବର୍ଷା ଛତିଶଗଡ଼କୁ ମୁହାଁଇବ । ଆସନ୍ତା ୧୨ ତାରିଖ ଶିନବାର ଠାରୁ ପବନର ଦିଗ ପରିବର୍ତ୍ତନ ହେତୁ ଉତ୍ତର-ପଶ୍ଚିମ ଭାରତରୁ ପବନ ବୋହିବ । ଉପକୂଳ ସହିତ ଉତ୍ତର ଓଡ଼ିଶାରେ ସର୍ବନିମ୍ନ ତାପମାତ୍ରା କ୍ରମଶଃ କମିବ । ସର୍ବାଧିକ ତାପମାତ୍ରା କମିବ ନାହିଁ । କିନ୍ତୁ ଗୁଳୁଗୁଳି ହ୍ରାସ ପାଇବ । ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ଉତ୍ତର ବଙ୍ଗୋପସାଗର ନିଷ୍କ୍ରିୟ ରହିବା ସହିତ କୌଣସି ସିଷ୍ଟମର ସଙ୍କେତ ମିଳୁ ନାହିଁ । ତେବେ (୬ ପୃଷ୍ଠାରେ)

# ମାଓ ପ୍ରଭାବିତ ୮ ରାଜ୍ୟ ବୈଠକ ଆଜି

## ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିବେ ଅମିତ ଶାହା

ନୂଆଦିଲ୍ଲୀ,୭।୧୦: ସୋମବାର ମାଓ ପ୍ରଭାବିତ ରାଜ୍ୟର ମୁଖ୍ୟମନ୍ତ୍ରୀମାନଙ୍କ ସହ କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହଙ୍କ ବୈଠକ ବସିବାକୁ ଯାଉଛି ।ନୂଆଦିଲ୍ଲୀର ବିଜ୍ଞାନ ଭବନରେ ହେବାକୁ ଥିବା ଏହି ବୈଠକରେ ଓଡ଼ିଶା, ଆନ୍ଧ୍ର ପ୍ରଦେଶ, ତେଲେଙ୍ଗାନା, ବିହାର, ଛତିଶଗଡ଼, ଝାଡ଼ଖଣ୍ଡ, ମହାରାଷ୍ଟ୍ର ଓ ମଧ୍ୟ ପ୍ରଦେଶର ମୁଖ୍ୟମନ୍ତ୍ରୀ ଯୋଗଦେବେ । ମାଓ ପ୍ରଭାବିତ ରାଜ୍ୟ ଗୁଡ଼ିକୁ ବିକାଶମୂଳକ ସହଯୋଗ କ୍ଷେତ୍ରରେ କାର୍ଯ୍ୟ କରୁଥିବା ୫ ଜଣ କେନ୍ଦ୍ର ମନ୍ତ୍ରୀ ମଧ୍ୟ ଏହି ବୈଠକରେ ଯୋଗଦେବେ ।ସେହିଭଳି ଅତିରିକ୍ତ ଜାତୀୟ ସୁରକ୍ଷା ପରାମର୍ଶଦାତାଙ୍କ ସମେତ କେନ୍ଦ୍ର, ରାଜ୍ୟର ବରିଷ୍ଠ ଅଧିକାରୀ, କେନ୍ଦ୍ରୀୟ ସଶସ୍ତ୍ର ବଳର ଅଧିକାରୀମାନେ ମଧ୍ୟ ସାମିଲ




ହେବେ ବୋଲି କେନ୍ଦ୍ର ଗୃହ ମନ୍ତ୍ରାଳୟ ପକ୍ଷରୁ ସୂଚନା ମିଳିଛି । ଗତ ବର୍ଷ ମଧ୍ୟ ଅକ୍ଟୋବର ୬ ତାରିଖରେ ମାଓ ପ୍ରଭାବିତ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ସହ ଅମିତ ଶାହ ସମୀକ୍ଷା ବୈଠକ କରିଥିଲେ । ଏଥିରେ ମାଓବାଦୀଙ୍କୁ ମୂଳୋତ୍ପାଟନ କରିବା ପାଇଁ ଗୃହମନ୍ତ୍ରୀ ବିସ୍ତୃତ ନିର୍ଦ୍ଦେଶନାମା ଦେଇଥିଲେ ।

## ଦିଲ୍ଲୀ ଗଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୭।୧୦ (ସବ୍ୟୁ) : ଦିଲ୍ଲୀରେ ମାଓ ମୁକାବିଲା ବୈଠକରେ ଯୋଗ ଦେବେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ । ଏଥିପାଇଁ ଆଜିଠୁ ତିନି ଦିନିଆ ଦିଲ୍ଲୀ ଗସ୍ତରେ ଯାଇଛନ୍ତି ମୁଖ୍ୟମନ୍ତ୍ରୀ । ଏହି ଅବସରରେ ମୁଖ୍ୟମନ୍ତ୍ରୀ କିଛି କେନ୍ଦ୍ରମନ୍ତ୍ରୀଙ୍କୁ ବି ଭେଟିବା କାର୍ଯ୍ୟକ୍ରମ ରହିଛି । ମାଓ ପ୍ରଭାବିତ ରାଜ୍ୟ ଗୁଡ଼ିକୁ ବିକାଶମୂଳକ ସହଯୋଗ କ୍ଷେତ୍ରରେ କାର୍ଯ୍ୟ କରୁଥିବା ୫ ଜଣ କେନ୍ଦ୍ର ମନ୍ତ୍ରୀ ମଧ୍ୟ ଏହି ବୈଠକରେ ଯୋଗଦେବେ । ସେହିଭଳି ଅତିରିକ୍ତ ଜାତୀୟ ସୁରକ୍ଷା ପରାମର୍ଶଦାତାଙ୍କ ସମେତ କେନ୍ଦ୍ର, ରାଜ୍ୟର ବରିଷ୍ଠ ଅଧିକାରୀ, କେନ୍ଦ୍ରୀୟ ଶସସ୍ତ୍ର ବଳର ଅଧିକାରୀମାନେ ମଧ୍ୟ ସାମିଲ ହେବେ ବୋଲି କେନ୍ଦ୍ର ଗୃହ ମନ୍ତ୍ରାଳୟ ପକ୍ଷରୁ ସୂଚନା ମିଳିଛି । ଗତ ବର୍ଷ ମଧ୍ୟ ଅକ୍ଟୋବର ୬ ତାରିଖରେ ମାଓ ପ୍ରଭାବିତ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ସହ ଅମିତ ଶାହ ସମୀକ୍ଷା ବୈଠକ କରିଥିଲେ । ଏଥିରେ ମାଓବାଦୀଙ୍କୁ ମୂଳୋତ୍ପାଟନ କରିବା ପାଇଁ ଗୃହମନ୍ତ୍ରୀ ବିସ୍ତୃତ ନିର୍ଦ୍ଦେଶନାମା ଦେଇଥିଲେ ।




## ପିଜିଟି ନିଯୁକ୍ତି : ଲିଖିତ ପରୀକ୍ଷା ବାତିଲ୍

ଭୁବନେଶ୍ୱର, (ସବ୍ୟୁ) ୭।୧୦: ପୋଷ୍ଟ ଗ୍ରାଜୁଏଟ ଟିଚର୍ସ (ପିଜିଟି) ନିଯୁକ୍ତି ନେଇ ଆଜି ୩ଟି ଅସ୍ପନାଲ ସବ୍ଜେକ୍ଟ- ପଦାର୍ଥ ବିଜ୍ଞାନ, ଗଣିତ ଓ ଓଡ଼ିଆ (ପେପର- ୧ ଓ ପେପର - ୨) ପାଇଁ ହେବାକୁ ଥିବା ଲିଖିତ ପରୀକ୍ଷାକୁ ବାତିଲ କରି ଦିଆଯାଇଛି । (୯ ପୃଷ୍ଠରେ)

## ମସଜିଦ ଉପରେ ହମଲା: ୨୪ ମୃତ

ଗାଜା-ପଟ୍ଟି,୭।୧୦: ଗାଜାରେ ଏୟାରଷ୍ଟ୍ରାଇକ୍ ଆରମ୍ଭ କରିଛି ଇସ୍ରାଏଲ । ରବିବାର ଗାଜାର ଏକ ମସଜିଦ ଉପରେ ଇସ୍ରାଏଲ ରକେଟ୍ ମାଡ଼ କରିଛି । ଏଥିରେ ଅତିକମରେ ୨୪ ଜଣଙ୍କ ମୃତ୍ୟୁ ହୋଇଛ । ସେହିପରି ଅନେକ ଆହତ ହୋଇଛନ୍ତି । ଇସ୍ରାଏଲ ଓ ହମାସ ଯୁଦ୍ଧକୁ ଏକ ବର୍ଷ ପୂର୍ତ୍ତି ହେବାକୁ ଯାଉଥିବା ବେଳେ ଏହି ଆକ୍ରମଣ ହୋଇଛ । ମଧ୍ୟ ଗାଜାପଟ୍ଟି ଡେର୍ ଅଲ-ବାଲା ସ୍ଥିତ ଅଲ-ଅକ୍ସା ହସ୍ପିଟାଲ ନିକଟରେ ଥିବା ମସଜିଦ ଉପରେ ଆକ୍ରମଣ କରିଛି ଇସ୍ରାଏଲ । ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ମୁତାବକ, ଆଗକୁ ମୃତ୍ୟୁ ସଂଖ୍ୟା ଆହୁରି ବଢିପାରେ । କାରଣ ଏଠାରେ ବହୁ ସଂଖ୍ୟାରେ ବିସ୍ଥାପିତମାନେ ଆଶ୍ରୟ ନେଇଥିଲେ ।ଇସ୍ରାଏଲ ସେନା କହିଛି, ହମାସ ଆତଙ୍କବାଦୀଙ୍କ ଉପରେ ସଠିକ୍ ଆକ୍ରମଣ ହୋଇଛି । ଡେର ଅଲ ବାଲା ଅଞ୍ଚଳରେ ଥିବା ଶୁହାଦା ଅଲ-ଅକ୍ସା ମସ୍ଜିଦ ଭିତରେ ହମାସ ଆତଙ୍କବାଦୀ ଗତିବିଧି ପରିଚାଳନା କରୁଥିଲା । ଏହି ମସଜିଦ ଭିତରେ ହମାସର (୯ ପୃଷ୍ଠାରେ)

## ହବିଷ୍ୟାଳି ଯୋଜନାରେ ଆଜିଠୁ ପଞ୍ଜୀକରଣ

ଭୁବନେଶ୍ୱର,୭।୧୦(ସବ୍ୟୁ): କାର୍ତ୍ତିକ ମାସରେ ପୁରୀରେ ଜମିବ ହବିଷ୍ୟାଳିଙ୍କ ଭିଡ଼ ।ସୁରୁଖୁରୁରେ ସେମାନଙ୍କ ରହଣି ସହ ସୁବିଧାରେ ପ୍ରଭୁଙ୍କ ଦର୍ଶନ ନିମନ୍ତେ ପ୍ରଣୟନ କରାଯାଇଛି ହବିଷ୍ୟାଳି ଯୋଜନା । ଏହି ଯୋଜନା ନିମନ୍ତେ ଆଜିଠୁ ଆରମ୍ଭ ହେଉଛି ପଞ୍ଜିକରଣ ।ଏଥର ଅଫଲାଇନ୍ ନୁହେଁ କେବଳ ଅନଲାଇନ ମାଧ୍ୟମରେ ଆବେଦନ ଗ୍ରହଣ କରାଯିବ । ୧୧ ଯାଏଁ ଆବେଦନ ପ୍ରକ୍ରିୟା ଚାଲିବ । ଏଥିପାଇଁ edistrict.odisha.gov.inର ଆବେଦନ କରିପାରିବେ । ଏହି ଯୋଜନାରେ ୨୫ ଶହ ହବିଷ୍ୟାଳିଙ୍କ ରହଣି ପାଇଁ ୪ଟି ସ୍ଥାନରେ ବ୍ୟବସ୍ଥା କରାଯାଇଛି ।କାର୍ତ୍ତିକ ବ୍ରତ ଆରମ୍ଭ ପୂର୍ବ ଦିନଠାରୁ ଅକ୍ଟୋବର ୧୮ରୁ ହବିଷ୍ୟାଳି ବ୍ରତ ଆରମ୍ଭ କରିବେ । ଦୂରଦୂରାନ୍ତରୁ ଆସୁଥିବା ହବିଷ୍ୟାଳି ଏହି ଶିବିରରେ ରହିପାରିବେ । (୯ ପୃଷ୍ଠାରେ)







## ଟ୍ରକ-କଣ୍ଟେନର ଧକ୍କା, ୨ଚାଳକ ମୃତ

ସମ୍ବଲପୁର/ଜମନକିରା, ୭।୧୦ (ସବ୍ୟୁ) : ସମ୍ବଲପୁର ଜିଲ୍ଲା ଜମନକିରା ଥାନା ଅନ୍ତର୍ଗତ



ବଡକୁଣ୍ଡେସର ନିକଟରେ ଟ୍ରକ ଓ କଣ୍ଟେନର ମୁହାଁମୁହିଁ ଧକ୍କା ହୋଇଛି । ଫଳରେ ୨ଜଣ ଚାଳକଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଯାଇଛି । ଖବର ପାଇ ପୋଲିସ ଉଦ୍ଧାର କାର୍ଯ୍ୟ ଜାରି ରଖିଛି । ଅନ୍ୟପଟେ ଦୁର୍ଘଟଣାଗ୍ରସ୍ତ ଗାଡି ଗୁଡିକ ହୁତୁହୁତୁ ହୋଇ ଜଳୁଥିବା ବେଳେ ପୋଲିସ ବହୁ ପରିଶ୍ରମ ପରେ ନିଆଁକୁ ଆୟତ୍ତ କରିଛି । ଅନ୍ୟପଟେ ମୃତ ଚାଳକଙ୍କ ପରିଚୟ ମିଳିପାରିନାହିଁ ।





## ସୋସିଆଲ କୋଟ୍ସ



ମୁଁ ଅନ୍ଧବିଶ୍ୱାସୀ ଅଟେ । ମା'ଙ୍କ କହିବା ଅନୁଯାୟୀ ମୁଁ ପ୍ରତି ସପ୍ତାହରେ ନିଜକୁ କୁଦୃଷ୍ଟିରୁ ଦୂରରେ ରଖିବା ପାଇଁ ନଜର ଦୋଷ ଛଡାଇଥାଏ ।

**ଅନନ୍ୟା ପାଣ୍ଡେ, ଅଭିନେତ୍ରୀ**



ଗୋବିନ୍ଦା ଯେତେବେଳେ ବି ଅଭିନୟ କରନ୍ତି, ମୁଁ କେବଳ ତାଙ୍କୁ ଦେଖୁଥାଏ । ଅଭିନୟରେ କମିକ୍ ଟାଇମ୍ ମୁଁ ଗୋବିନ୍ଦାଙ୍କ ଠାରୁ ହିଁ ଶିଖିଛି । ସେ ଜଣେ ଖୁବ ଭଲ ଅଭିନେତା ।

**ରବିନା ଟଣ୍ଡନ୍, ଅଭିନେତ୍ରୀ**



ଜୀବନରେ ଅନେକ ଷ୍ଟ୍ରଗଲ କରିଛି । ଏପରିକି ପୁଅର ସ୍କୁଲ ଆଗରେ ପରିବା ବିକିବା ପାଇଁ ମଧ୍ୟ ପଡିଛି । ହେଲେ କେବେ ବି ହାର ମାନିନି, ସବୁବେଳେ ସାହସ ରଖି କାମ କରିଛି ।

**ରାଜେଶ କୁମାର, ଅଭିନେତା**

## ଇତିହାସ

୧୫୮୬– ଚକ୍ ରାଜବଂଶର ଶାସକ ୟୁସୁଫ୍ ଶାହ ଚକ୍ଙ୍କ ଆତ୍ମସମର୍ପଣ ପରେ କଶ୍ମୀର ଉପରେ ମୋଗଲଙ୍କ କବଜା ।
୧୭୦୮– ଛୁରି ଦ୍ୱାରା ଆକ୍ରମଣ କରାଯିବା ପରେ ଶିଖ୍ ଗୁରୁ ଗୋବିନ୍ଦ ସିଂହଙ୍କ ଦେହାନ୍ତ ।
୧୯୩୧– ଦକ୍ଷିଣ ଆଫ୍ରିକାରେ ରଙ୍ଗଭେଦ ବିରୋଧରେ ଅଭିଯାନ ଚଳାଇଥିବା ତଥା ନୋବେଲ ଶାନ୍ତି ପୁରସ୍କାରରେ ସମ୍ମାନିତ ଦେଶମଣ୍ଡ୍ ଟୁଟୁଙ୍କ ଜନ୍ମ ।
୧୯୫୦– ମଦର ଟେରେସାଙ୍କୁ ମିସିଓନାରୀଜ୍ ଅଫ୍ ଚାରିଟିର ସ୍ଥାପନା କରିବା ଲାଗି ଅନୁମତି ମିଳିଲା ଏବଂ ସେ କୋଲକାତାରୁ ଏହାର ଶୁଭାରମ୍ଭ କଲେ ।
୧୯୫୨– ଚଣ୍ଡିଗଡ଼ ପଞ୍ଜାବର ରାଜଧାନୀ ହେଲା ।
୧୯୯୬– ଆମେରିକାରେ କେବଲ ନ୍ୟୁଜ୍ ନେଟ୍‌ୱର୍କ ଫକ୍ସ ନ୍ୟୁଜ୍ ଚାନେଲ୍‌ର ଶୁଭାରମ୍ଭ ।
୨୦୦୦– ଭାରତକୁ ପ୍ରଥମ ରାଜୀବ ଗାନ୍ଧୀ ବନ୍ୟଜନ୍ତୁ ସଂରକ୍ଷଣ ପୁରସ୍କାର ପ୍ରାପ୍ତ ହେଲା ।
୨୦୦୦– ଜାପାନରେ ମାନବ କ୍ଲୋନିଙ୍ଗ୍ ଦଣ୍ଡନୀୟ ଅପରାଧ ଘୋଷିତ ହେଲା ।

# ଇକୋ ଆଙ୍ଗ୍‌ଜାଇଟି



ଏଭଳି କିଛି ମେଡିକାଲ ଟର୍ମ ରହିଛି, ଯାହା ବିଷୟରେ ଅନେକ ଲୋକ ଅନିଭିଜ୍ଞ ରହିଥାଆନ୍ତି । ସେଥିରୁ ଗୋଟିଏ ଟର୍ମ ହେଲା ଇକୋ ଆଙ୍ଗ୍‌ଜାଇଟି । ଆଜିକାଲି ଦୁନିଆରେ ଆଙ୍ଗଜାଇଟି ଏକ କମନ ୱାର୍ଡ । ଆଙ୍ଗଜାଇଟ୍ କହିଲେ ଷ୍ଟ୍ରେସ୍‌କୁ ବୁଝାଇଥାଏ । ଇକୋ–ଆଙ୍ଗଜାଇଟ୍ ସମସ୍ୟା ପରିବେଶରେ ହେଉଥିବା ପରିବର୍ତ୍ତନ କାରଣରୁ ଦେଖା ଦେଇଥାଏ । ପରିବେଶରେ ହେଉଥିବା ବିଭିନ୍ନ ନକରାତ୍ମକ ପରିବର୍ତ୍ତନ କାରଣରୁ ଅନେକ ବ୍ୟକ୍ତିଙ୍କ ମନରେ ଭୟ ଜାତ ହୋଇଥାଏ । ଏହି କ୍ରୋନିକ୍ ଭୟକୁ ଇକୋ ଆଙ୍ଗଜାଇଟ୍ କୁହାଯାଇଥାଏ । ଇଂଲଣ୍ଡର ଚାଇଲ୍ଡ ସାଇକ୍ରିଆଟିକ୍ସଙ୍କ ଦ୍ୱାରା ପ୍ରକାଶିତ ରିପୋର୍ଟ ଅନୁସାରେ ଇକୋ ଆଙ୍ଗଜାଇଟ୍ ବିଶେଷଭାବେ ଛୋଟପିଲା ଓ ଯୁବକଙ୍କ ପାଖରେ ଦେଖିବାକୁ ମିଳିଥାଏ । ଏହି ପ୍ରତିଶତ ପାଖାପାଖି ୫୭ । ଏହି ରୋଗରେ ପୀଡିତ ଲୋକଙ୍କ ପାଖରେ ବିଭିନ୍ନ ପ୍ରକାର ଦୈବିଦୁର୍ବିପାକ ସମୟରେ ସ୍ୱାସ୍ଥ୍ୟ ସମସ୍ୟା ଦେଖିବାକୁ ମିଳିଥାଏ । ତେବେ ଏହାର କେତେକ ପ୍ରାଥମିକ ଲକ୍ଷଣ ରହିଛି, ଯାହା ଦେଖାଯିବାମାତ୍ରେ ସଙ୍ଗେସଙ୍ଗେ ଡାକ୍ତରଙ୍କୁ ପରାମର୍ଶ କରନ୍ତୁ ।

**ଲକ୍ଷଣ**

- ଟ୍ରୋମା ଏବଂ ସକ୍ ଲାଗିବା ।
- ରାଗ ଆସିବା ।
- କିଛି କଥା ନିୟନ୍ତ୍ରଣ କରିବାରେ ସମସ୍ୟା ହେବା ।
- ଅସହାୟ ଲାଗିବା ।
- ସବୁ କଥାରେ ଡର ଲାଗିବା ।
- ଚିଡଚିଡା ଲାଗିବା ।

# ୮୦ ବର୍ଷରେ ରାମ୍ପ ୱାକ୍

ସ୍ୱପ୍ନ ପୂରଣ ପାଇଁ ବୟସ କେବେ ହେଲେ ବି ବାଧା ସାଜିନଥାଏ । ଯେଉଁ ବୟସରେ ବି ହେଉ ଯଦି ଜଣେ ବ୍ୟକ୍ତି ଚାହିଁବ ତେବେ ନିଜର ସ୍ୱପ୍ନ ପୂରଣ କରିପାରିବ । ସେହିଭଳି ଜଣେ ମହିଳା ବର୍ତ୍ତମାନ ନିଜର ସ୍ୱପ୍ନ ପୂରଣ କରି ଚର୍ଚ୍ଚାକୁ ଆସିଛନ୍ତି । ସାଉଥ୍ କୋରିଆର ପୂର୍ବମଡେଲ୍ ୮୦ ବର୍ଷରେ ମିସ୍ ୟୁନିଭର୍ସ ପ୍ରତିଯୋଗିତାରେ ଭାଗନେଇ ସମସ୍ତଙ୍କୁ ଚକିତ କରିଛନ୍ତି । ସେ ଏହି ପ୍ରତିଯୋଗିତାରେ ଅନ୍ୟ ପ୍ରତିଯୋଗୀଙ୍କର ଜେଜେ ମା' ବୟସର । ଚୋଇ ସୁନ୍ ହୱଆ ନାମକ ଏହି ବୃଦ୍ଧା ବର୍ତ୍ତମାନ ସମସ୍ତଙ୍କ ପାଇଁ ପ୍ରେରଣା ସାଜିଛନ୍ତି । ଯଦି ଆମେ କିଛି ସ୍ୱପ୍ନ ଦେଖିବା ଏବଂ ଏହାକୁ ପୂରଣ କରିବା ପାଇଁ ଚେଷ୍ଟା କରିବା ତେବେ ସବୁକିଛି ସମ୍ଭବ । ସେ ସମସ୍ତଙ୍କୁ ପ୍ରମାଣ କରି ଦେଖାଇଛନ୍ତି ଯେ ବୟସ କେବଳ ଏକ ସଂଖ୍ୟା । କେଉଁ ବି ବୟସରେ ନିଜର ସ୍ୱପ୍ନ ପୂରଣ କରିହେବ । ପ୍ରଥମଥର ପାଇଁ କୋରିଆରେ ସମସ୍ତ ବୟସର ମଡେଲଙ୍କୁ ମିସ୍ ୟୁନିଭର୍ସ କୋରିଆରେ ଭାଗନେବାକୁ ଅନୁମତି ଦେଇଥିଲା । ସେ ଏହି ପ୍ରତିଯୋଗିତା ଜିତିନାହାନ୍ତି ସତ ହେଲେ ସମସ୍ତଙ୍କୁ ପାଇଁ ପ୍ରେରଣା ହୋଇ ରହିଛନ୍ତି । ତାଙ୍କୁ ଫାଇନାଲରେ ବେଷ୍ଟ ଡ୍ରେସ୍‌ଡ ଆୱାର୍ଡ ମିଳିଥିଲା ଯାହା ତାଙ୍କ ପାଇଁ ଗର୍ବିତ ମୁହୂର୍ତ୍ତଥିବା ସେ ପ୍ରକାଶ କରିଛନ୍ତି । ସୋସିଆଲ ମିଡିଆରେ ସେ ବେଶ୍ ଭାଇରାଲ ହେବାରେ ଲାଗିଛନ୍ତି ।



# ମେଟାବଲିଜିମ୍ ଉପରେ ନିଦର ପ୍ରଭାବ

ଆମର ମେଟାବଲିଜିମ୍ (ଶରୀରରେ ହେଉଥିବା ଅନେକ ରସାୟନ ପ୍ରକ୍ରିୟା, ଯାହା ଶରୀରକୁ ସୁସ୍ଥ ରଖିଥାଏ)ର କାର୍ଯ୍ୟଦକ୍ଷତା ଅନେକ ଫ୍ୟାକ୍ଟର ଉପରେ ନିର୍ଭର କରିଥାଏ । ଏହାର ପ୍ରଭାବ ଆମର ଓଜନ ହ୍ରାସ ଓ ବୃଦ୍ଧି ଉପରେ ମଧ୍ୟ ପକାଇଥାଏ । ତେଣୁ ଆମର ପାଚନତନ୍ତ୍ର ସୁସ୍ଥ ରହିବାର ଗୁରୁତ୍ୱ ଆମ ପାଇଁ ବେଶ ଅଧିକ । ତେବେ ଆମ ଦୈନନ୍ଦିନ ଜୀବନରେ ଏଭଳି ଅନେକ ଘଟଣା ରହିଛି, ଯେଉଁ କାରଣରୁ ଆମ ମେଟାବଲିଜିମ୍ ଖରାପ ହୋଇଥାଏ । ଏଥିରେ ଅନେକ କାରଣ ସାମିଲ ରହିଛି, ଯେପରି ହର୍ମୋନାଲ ଚେଞ୍ଜ, ବିଭିନ୍ନ ଔଷଧ, ବିରଳ ସ୍ୱାସ୍ଥ୍ୟ ସମସ୍ୟା । କେବଳ ଏତିକି ନୁହେଁ ଆମର ବୟସ, କାର୍ଯ୍ୟ କରିବାର କ୍ଷମତା, ଜେନିଟିକ୍ସ ଆଦି ମଧ୍ୟ ଆମର ମେଟାବଲିଜିମ୍‌କୁ ପ୍ରଭାବିତ କରିଥାଏ । ଏହି ସବୁ ମଧ୍ୟରେ ସବୁଠାରୁ ଆଗରେ ରହିବ ନିଦ । ନିଦର ପ୍ରଭାବ ଆମ ଶରୀର ଉପରେ ଖୁବ ବେଶୀ ରହିଛି । ଯଦି ଜଣେ ବ୍ୟକ୍ତିଙ୍କର ନିଦ ପୂରା ନହେଉଛି, ତେବେ ତାଙ୍କର ମେଟାବଲିଜିମ୍ ଉପରେ ନକରାତ୍ମକ ପ୍ରଭାବ ପଡିଥାଏ ବୋଲି ଡାକ୍ତରମାନେ ମତ ଦେଇଛନ୍ତି । ଆମ ଶରୀରରେ ଦୁଇଟି ହର୍ମୋନ ଲେପ୍ଟିନ୍ ଓ ଗ୍ରେଲିନ୍ ଆମର ନିଦ ଉପରେ ପ୍ରଭାବ ପକାଇଥାଏ । ଲେପ୍ଟିନ୍ ଆମକୁ ଭୋକର ସଙ୍କେତ ଦେଉଥିବାବେଳେ ଗ୍ରେଲିନ୍ ଆମର ଭୋକ ବଢାଇଥାଏ । ତେବେ ଯେତେବେଳେ ଆମେ କମ ଶୋଇଥାଉ ସେତେବେଳେ ଆମର ଲେପ୍ଟିନ୍ କ୍ଷରଣ କମ ହୋଇଥାଏ ଏବଂ ଗ୍ରେଲିନ୍ କ୍ଷରଣ ବଢିଥାଏ । ତେଣୁ ସବୁବେଳେ ନିଦର ଯତ୍ନ ନିଅନ୍ତୁ । ନିଦ ନହେବା ଦ୍ୱାରା ମେଟାବଲିଜିମ୍‌ରେ ନକରାତ୍ମକ ପ୍ରଭାବ ପଡିବା କାରଣରୁ ଆମ ଶରୀରରେ ଅନେକ ପରିବର୍ତ୍ତନ ହୋଇଥାଏ । ଓଜନ ବଢିବା ସହ ଅନ୍ୟ ସ୍ୱାସ୍ଥ୍ୟ ସମସ୍ୟା ମଧ୍ୟ ଦେଖିବାକୁ ମିଳିଥାଏ । ତେଣୁ ମେଟାବଲିଜିମକୁ ବୁଷ୍ଟ କରିବାକୁ ବ୍ୟାୟାମ କରନ୍ତୁ, ଖାଦ୍ୟ ପେୟରେ ଧ୍ୟାନ ଦିଅନ୍ତୁ ।




# ଗାଡି ବିକୁଥିଲେ

**ଯଦି ଆପଣ ଗାଡି ବିକୁଛନ୍ତି ତେବେ କିଛି କଥାରେ ଧ୍ୟାନ ଦେବାର ଆବଶ୍ୟକତା ରହିଛି । ଏହି ପ୍ରକ୍ରିୟାକୁ ସବୁବେଳେ ସତର୍କତାର ସହ ପୂରା କରିବାକୁ ହୋଇଥାଏ, ନଚେତ୍ ଠକାମିରେ ପଡିବାର ଭୟ ଅଧିକ ରହିଥାଏ ।**



- ଯଦି ଆପଣ ନିଜ ଗାଡି ଅନ୍‌ଲାଇନ୍ ବିକୁଛନ୍ତି ତେବେ ସାମଗ୍ରୀ ବିଷୟରେ ପୋଷ୍ଟ କରିବା ସମୟରେ କେବଳ ନିଜ ଗାଡିର ବିବରଣୀ ସହିତ ଏକ ଯୋଗାଯୋଗ ନମ୍ବର ଦିଅନ୍ତୁ । ଅନ୍ୟ ସମସ୍ତ ତଥ୍ୟ ବ୍ୟକ୍ତିଗତ ସ୍ତରରେ ଗ୍ରାହକଙ୍କ ସହ ମିଶିବା ପରେ ଦିଅନ୍ତୁ ।
- ସେହିଭଳି ଯଦି ଆପଣ ଗ୍ରାହକଙ୍କୁ ଦେଖା କରିବାକୁ ଯାଉଛନ୍ତି ତେବେ ସୁରକ୍ଷିତ ସ୍ଥଳରେ ଦେଖା ହୁଅନ୍ତୁ । ଏପରି କରିବା ଦ୍ୱାରା ଆପଣ କୌଣସି ଦୁର୍ଘଟଣାକୁ ଏଡାଇ ପାରିବେ । ସେହିଭଳି ନିଜ ସହିତ ପରିବାର ସଦସ୍ୟ କିମ୍ବା ଅନ୍ୟ କେହି ବିଶ୍ୱାସ୍ୟଯୋଗ୍ୟ ବ୍ୟକ୍ତିଙ୍କୁ ରଖିପାରିବେ ।
- ଗାଡି ବିକିବା ପୂର୍ବରୁ ସବୁବେଳେ ଗ୍ରାହକଙ୍କ ପରିଚୟ ନିର୍ଦ୍ଧିଷ୍ଟ କରନ୍ତୁ । ଏଥିପାଇଁ ତାଙ୍କର ଆଧାର କାର୍ଡ କିମ୍ବା କୌଣସି ଆଇଡି କାର୍ଡର ଏକ ଫଟୋକପି ନିଜ ପାଖରେ ରଖନ୍ତୁ ।

**ପଇସା ନେଣଦେଣରେ ସତର୍କତା–** ସବୁବେଳେ ଅର୍ଥ ନେଣଦେଣରେ ସତର୍କତା ଅବଲମ୍ବନ କରନ୍ତୁ । ବିକ୍ରି ଅର୍ଥ ଆକାଉଣ୍ଟରେ ନେବାକୁ ଚେଷ୍ଟା କରନ୍ତୁ । ଯଦି କ୍ୟାସ ନେଉଛନ୍ତି ତେବେ ଏହାର ପ୍ରମାଣ ରଖନ୍ତୁ । ସେହିଭଳି ଗାଡିର ସମସ୍ତ ଅର୍ଥ ମିଳିବା ପରେ ହିଁ ଗାଡି ଦିଅନ୍ତୁ । ଚେଷ୍ଟା କରନ୍ତୁ ଏକାଥରେ ଗାଡିର ଅର୍ଥ ରଖି ସେହି ଦିନ ଗାଡି ହସ୍ତାନ୍ତର କରିବାକୁ । ଏପରି କରିବା ଦ୍ୱାରା ଉଭୟ ପକ୍ଷକୁ ସୁବିଧା ହୋଇଥାଏ ।

# ଗୁଡ ଗୋଲାପଜାମୁ

**ସାମଗ୍ରୀ–** ଖୁଆ, ମଇଦା, ଗୁଜୁରାତି ଗୁଣ୍ଡ, ବେକିଂ ସୋଡା, ଗୁଡ ।

**ପ୍ରଣାଳୀ–** ପ୍ରଥମେ ଖୁଆ, ମଇଦା, ଗୁଜୁରାତି ଗୁଣ୍ଡ, ବେକିଂ ସୋଡା ମିଶାଇ ଚକଟି ନିଅନ୍ତୁ । ଏହି ମିଶ୍ରଣରୁ ଛୋଟଛୋଟ ଗୁଳା ପ୍ରସ୍ତୁତ କରନ୍ତୁ । ଏହାପରେ କଡେଇ ତେଲ ଗରମ କରି ଏଥିରେ ଏହି ଗୁଳା ଗୁଡିକୁ ଛାଣି ନିଅନ୍ତୁ । ଏହାକୁ ଗୋଲ୍ଡେନ୍ ହେବା ଯାଏ ଛାଣନ୍ତୁ । ଏହି ସମୟରେ ଗୁଡରୁ ସିରା ପ୍ରସ୍ତୁତ କରନ୍ତୁ । ତେଲରୁ ସେହି ଗୁଳା ଗୁଡିକୁ କାଢି ଗୁଡ ସିରପ୍‌ରେ ପକାନ୍ତୁ । ଏହି ଗୋଲାପ ଜାମୁକୁ ଥଣ୍ଡା ହେଉ କିମ୍ବା ଗରମ ଗରମ ଖାଇପାରିବେ । ଖୁବ ସ୍ୱାଦିଷ୍ଟ ହୋଇଥାଏ ।



# ସୋଲୋ ଷ୍ଟାର



ବର୍ତ୍ତମାନ ବଲିଉଡର ସୋଲୋ ଷ୍ଟାର ଭାବେ ଉଭା ହୋଇଛନ୍ତି ଆଲିଆ ଭଟ୍ଟ । ଖୁବ ୟଙ୍ଗ ଏଜ୍‌ରେ ସେ ସଫଳତା ପାଇବାରେ ସକ୍ଷମ ହୋଇଛନ୍ତି । ନିଜ ଅଭିନୟର ଦମରେ ସେ ନିଜର ଏକ ସ୍ୱତନ୍ତ୍ର ସ୍ଥାନ ତିଆରି କରିବାରେ ସଫଳ ହୋଇଛନ୍ତି । ତାଙ୍କର ଅନେକ ଫିଲ୍ମ ଅଛି,ଯେଉଁଥିରେ ହିରୋ ନାହାନ୍ତି ହେଲେ ଫିଲ୍ମ ସୁପରହିଟ୍ ହୋଇଛି । ଆଲିଆ ବର୍ତ୍ତମାନ ବଲିଉଡର ମେଲ୍ ସେଣ୍ଟ୍ରିକ୍ ଫିଲ୍ମର ଧାରାକୁ ଭାଙ୍ଗିବାରେ ଲାଗିଛନ୍ତି । ୨୦୧୨ରେ ଡେବ୍ୟୁ କରିଥିବା ଆଲିଆ ହାଇୱେ, ରାଜି, ଗଙ୍ଗୁ ବାଇ, ଡିୟର ଜିନ୍ଦେଗି ଆଦି ଫିଲ୍ମରେ ସୋଲୋ ଷ୍ଟାର ଭାବେ ଅଭିନୟ କରି ସେ ନିଜକୁ ପ୍ରୁଫ୍ କରିଛନ୍ତି । ତାଙ୍କ ଫିଲ୍ମ ଗଙ୍ଗୁବାଇ କାଠିଆବାଡି ଏକ ବ୍ଲକ୍‌ବଷ୍ଟର ଫିଲ୍ମ ଭାବେ ଉଭା ହୋଇଥିଲେ । ଏଥିରେ ଆଲିଆଙ୍କ ଅଭିନୟକୁ ପୂରା ଇଣ୍ଡଷ୍ଟ୍ରୀ ପ୍ରଶଂସା କରିଥିଲା । ଏପରିକି କିଛି ନିର୍ଦ୍ଦେଶକ ଓ ଦର୍ଶକ ତାଙ୍କୁ ଅମିତାଭ ବଚ୍ଚନଙ୍କ ସହିତ ତୁଳନା ମଧ୍ୟ କରିଥିଲେ । ଖୁବ ଶୀଘ୍ର ଆଲିଆ ବି ଟାଉନ୍‌ର ନେକ୍ସଟ ସୁପରଷ୍ଟାର ଭାବେ ଗଣା ହେବେ ବୋଲି ସମସ୍ତେ ଆଲୋଚନା କରୁଛନ୍ତି । ନିକଟରେ ତାଙ୍କର ନୂଆ ଫିଲ୍ମ ଜିଗରାର ଟ୍ରେଲର ପରଦାକୁ ଆସିଛି । ସେଥିରେ ମଧ୍ୟ ସେ ଖୁବ ସୁନ୍ଦର ଅଭିନୟ କରିଛନ୍ତି । ଯାହା ତାଙ୍କର ଆଉ ଏକ ସୋଲୋ ପରଫରମାନ୍ସର ଉଦାହରଣ ।

### ଦୁଇ ଖଣିରେ ଜବତ ଥିବା ୭ଶହ ଟ୍ରିପରୁ ଉର୍ଦ୍ଧ୍ୱ ରକ୍ତଭିଜା କଳାପଥର ଗାୟବ

# ଚୋର କିଏ ଜାଣି ମଧ୍ୟ ଅଜଣା ସାଜିଛି ପ୍ରଶାସନ

ଚଣ୍ଡିଖୋଲ,(ସବ୍ୟୁ) ଯାଜପୁର ଜିଲ୍ଲା ଧର୍ମଶାଳା ତହସିଲ ଅନ୍ତର୍ଗତ ଡଙ୍କାରୀ ପାହାଡର ୧୦/୫ ନମ୍ବର ଓ ରାହାଡପୁରର ଅନ୍ୟ ଏକ କଳାପଥର ଖଣିରେ ଦୁର୍ଘଟଣା ଘଟି ୪ଜଣ ଶ୍ରମିକଙ୍କ ମୃତ୍ୟୁ ହେବାପରେ ସେହି ଦୁଇଖଣି ଉପରେ ପ୍ରଶାସନ ୧୬୩ଧାରା ଯାରିକରିଛି । ଫଳରେ ଉକ୍ତ ଦୁଇ ଖଣିରେ ପଥର ଖନନ ସମ୍ପୂର୍ଣ୍ଣ ବନ୍ଦ ରହିଛି । ତେବେ ୧୬୩ଧାରା ଯାରୀ ସମୟରେ ଏହି ଦୁଇ ଖଣିରେ ଗଛିତଥିବା ପ୍ରାୟ ୭ଶହ ଟ୍ରିପରୁ ଉର୍ଦ୍ଧ୍ୱ ରକ୍ତଭିଜା କଳାପଥରକୁ ପ୍ରଶାସନ ଜବତ କରିଥିଲେ ସୁଦ୍ଧା ତାହା ଏବେ ଗାୟବ ହୋଇଯିବା ଘଟଣା ସମଗ୍ର ଯାଜପୁର ଜିଲ୍ଲାରେ ଆଲୋଡନ ସୃଷ୍ଟି କରିଛି । ଗାୟବ ହୋଇଥିବା ଏହି କଳାପଥରର ମୂଲ୍ୟ ଦେଢ କୋଟିଏରୁ ଉର୍ଦ୍ଧ୍ୱ ଟଙ୍କା ହେବ ବୋଲି ଆକଳନ କରାଯାଇଛି । ତେବ ଜବତ ହୋଇଥିବା ଏହି ମୂଲ୍ୟବାନ ସରକାରୀ ସମ୍ପତ୍ତିକୁ କିଏ ଓ କେତେବେଳେ ଲୁଟପାଟ କରିଛି ଏବଂ ଲୁଟପରେ ଏହି କଳାପଥର କେଉଁ କେଉଁ କ୍ରସରକୁ ଚାଲାଣ ହୋଇଛି ତାହା ସାଧାରଣରେ ଆଲୋଚନା ହେଉଥିଲେ ମଧ୍ୟ ଜିଲ୍ଲା ଲଘୁ ଖଣିଉପ ନିର୍ଦ୍ଦେଶକ,ଧର୍ମଶାଳା ତହସିଲଦାର,ଜେନାପୁର ପୋଲିସ ସର୍ବୋପରି ଜିଲ୍ଲା ପ୍ରଶାସନ ଏ ସମ୍ପର୍କରେ ଚୁପହୋଇ ବସିଛନ୍ତି। ଗତ ସପ୍ତାହ ମଧ୍ୟରେ ଖଣିରେ ଜବତଥିବା ଏହି ପଥର ଲୁଟହୋଇଥିଲେ ମଧ୍ୟ ଅଦ୍ୟାବଧି ଏହି ଚୋରିନେଇ ପୋଲିସ ନିକଟରେ ଏତଲା ହୋଇନଥିବା ଜଣାପଡିଛି । ପ୍ରଶାସନିକ ସ୍ଥାଣୁତା ପାଇଁ ଏଥିରେ ସଂପୃକ୍ତ ଲୁଟେରା ମାନେ ଘଟଣାକୁ ଭିନ୍ନ ରଙ୍ଗ ଦେଇ ଖସିଯିବାକୁ ବସିଥିବା ଅଭିଯୋଗ ହୋଇଛି! ଏଥି ପୂର୍ବରୁ ଯାଜପୁର ଜିଲ୍ଲା ଧର୍ମଶାଳା ତହସିଲ ଅଞ୍ଚଳରେ ଶହଶହ କୋଟି ଟଙ୍କାର କଳାପଥର ଲୁଟପାଟ ଘଟଣା ରାଜ୍ୟରେ ମୁଖ୍ୟ ପ୍ରସଙ୍ଗ ହୋଇଥିଲା । ରାଜ୍ୟରେ ସରକାର ଓ ଧର୍ମଶାଳାରେ ନେତୃତ୍ୱ ପରିବର୍ତ୍ତନ ହେବାପରେ ଏହି ଲୁଟପାଟ ବନ୍ଦ ହେବ ବୋଲି ଲୋକେ ଅପେକ୍ଷା କରିଥିଲେ! ହେଲେ ବିଡମ୍ବନାର ବିଷୟ ଏହି କଳାପଥର ଲୁଟପାଟରେ ସମ୍ୟକଭାବେ ରୋକ ଲାଗିଥିଲେ ମଧ୍ୟ ଏବେ ନୂଆ ଢଙ୍ଗରେ ନିର୍ଦ୍ଦିଷ୍ଟ ଗୋଷ୍ଠୀ ଦ୍ୱାରା ପୂର୍ବ ପରି ଲୁଟପାଟ ଚାଲିଛି । ଅନେକ ଖଣିରେ ୧୬୩ଧାରା ଯାରି ହୋଇଥିଲେ ମଧ୍ୟ ତାହାକୁ ମାନୁ ନାହାଁନ୍ତି କଳା ପଥର ମାଫିଆ । ତେବେ ଏହି ଲୁଟପାଟ ଘଟଣାରେ କେବଳ ଜିଲା ଲଘୁ ଖଣି ଉପ ନିର୍ଦ୍ଦେଶକଙ୍କ ମୁଣ୍ଡରେ ଅଠାବୋଲି ଲୁଟେରା ଗୋଷ୍ଠୀ ଓ ସଂପୃକ୍ତ ଅନ୍ୟ ବିଭାଗୀୟ ଅଧିକାରୀ ମାନେ ଖସିଯିବାକୁ ଏକ ସୁଚିନ୍ତିତ ଯୋଜନା କରୁଥିବା ଆଲୋଚନା ହେଉଛି । ତେବେ ଏଠାରେ ଏବେ ଚାଲିଥିବା ଖଣିଲୁଟକୁ ରୋକିବା ଓ ଏହା ଉପରେ ପୁନଃ ତଦନ୍ତକରି ରିପୋର୍ଟ ଦେବାପାଇଁ ଶନିବାର ଅକ୍ଟୋବର ୫ ତାରିଖରେ ରାଜ୍ୟ ଖଣିବିଭାଗ ଉପ ସଚିବ ପ୍ରସାଦ ନାୟକ ପତ୍ର ସଂଖ୍ୟା ୮୬୪୮ରେ ଯାଜପୁର ଜିଲ୍ଲାପାଳ ଓ ଜିଲ୍ଲା ଲଘୁ ଖଣି ଉପ ନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି! ଯାହାକୁ ନେଇ ଜିଲ୍ଲା ପ୍ରଶାସନ ମହଲରେ ତତ୍ପରତା ପ୍ରକାଶ ପାଇଥିବା ଜଣାପଡିଛି । ତେବେ ସ୍ଥାନୀୟ ବିଧାୟକଙ୍କ ଅଭିଯୋଗ ଆଧାରରେ ଏହି ଚିଠି ହୋଇଥିବା ଆଲୋଚନା ହେଉଛି । ଚଳିତ ବର୍ଷ ମେ ମାସ ୧୬ ତାରିଖରେ ନାରାୟଣ ରାଉତଙ୍କ ୧୦/୫ ନମ୍ବର ଡଙ୍କାରୀ ଖଣିରେ ଅତଡା ଖସି ତିନି ଜଣ ଶ୍ରମିକଙ୍କ ଜୀବନ ଯାଇଥିବା ବେଳେ ସେଠାରେ ସେହି ଶ୍ରମିକ ମାନଙ୍କ ରକ୍ତ ଭିଜା ୫ଟ୍ରିପରୁ ଅଧିକ କଳା ପଥର ଜବତ ହୋଇଥିଲା । ତେବେ ଖଣିରେ ୧୬୩ ଧାରା ବଳବତ୍ତର ଥିବାରୁ ଏହି ସରକାରୀ ସମ୍ପତ୍ତିର ଯଗାରଖା ଦାୟିତ୍ୱ ନିଶ୍ଚିତ ପୋଲିସ କିମ୍ବା ଅନ୍ୟ ସଂପୃକ୍ତ ବିଭାଗୀୟ ଅଧିକାରୀଙ୍କ ଅଧିନରେ ଥିବ । ହେଲେ ସରକାରୀ ଅଧିକାରୀ ମାନଙ୍କ ଦୃଷ୍ଟି ଆଢୁଆଳରେ ଉକ୍ତ ଖଣିରୁ ଏତେ ପରିମାଣର ପଥର କିପରି ଗାୟବ ହୋଇଗଲା ତାହା ଏବେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି! ଏଥିସହ ଗତ ସେପ୍ଟେମ୍ବର ୧୪ ତାରିଖରେ ରାହାଡପୁରର ସଂଦୀପ ଚଣ୍ଡକଙ୍କ ନାମରେ ଥିବା ଏକ ଖଣିରେ ବେଆଇନ ଖଣି ଖନନ ସମୟରେ ଜଣେ ଶ୍ରମିକର ପଥର ଚାପାରେ ମୃତ୍ୟୁ ଘଟିଥିଲା! ଘଟଣାପରେ ସେହି ଖଣିରେ ମଧ୍ୟ ୧୬୩ଧାରା ଯାରି କରାଯାଇ ସେଠାରେ ଗଛିତଥିବା ପ୍ରାୟ ୨ଶହ ଟ୍ରିପରୁ ଉର୍ଦ୍ଧ୍ୱ କଳାପଥରକୁ ଜବତ କରାଯାଇଥିଲା । ହେଲେ ସେହି ଜବତ କଳା ପଥର ମଧ୍ୟ ଏହା ଭିତରେ ଗାୟବ ହୋଇଯାଇଥିବା ଦେଖାଯାଇଛି ।ଏହା ମଧ୍ୟ ପ୍ରଶାସନ ନଜରକୁ ଆସିପାରି ନଥିବା ଅଭିଯୋଗ ହୋଇଛି । ଏହି ସମଗ୍ର ଘଟଣା ଉପରେ ଉପଯୁକ୍ତ ତଦନ୍ତ ଓ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ ସହ ଖଣି ଖନନ ପାଇଁ ଧାର୍ଯ୍ୟ ୧୪ସୂତ୍ରୀ ଖଣି ନିୟମର ଅନୁପାଳନ କରାଯାଇ ଏଠାରେ ଖଣି ଖନନ କରାଯିବାକୁ ଦାବି ହୋଇଛି ।





ଭୁବନେଶ୍ୱର କଳିଙ୍ଗଷ୍ଟାଡିୟମ୍‌ରେ ପ୍ରାତଃ ଭ୍ରମଣ କରୁଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ

## ଭାରତୀୟ ଆଦିବାସୀ ଭୂମିଜ ସମାଜ ତରଫରୁ ଭୂମିଜ ଭାଷା ଦିବସ ପାଳନ

ବେତନଟୀ(ସବ୍ୟୁ)– ବେତନଟୀ ବ୍ଲକ ଅଧୀନ ବୈଦିପୁର ଗ୍ରାମ ର ବରିଷ୍ଠ ଭୂମିଜ ନେତା ପାଇକ ସିଂ ଙ୍କ ସଭାପତିତ୍ୱରେ ଶୁଳିଆପଦା ବ୍ଲକ ଅନ୍ତର୍ଗତ ଜୁଲୁକ ଗ୍ରାମ ରେ ଭାରତୀୟ ଆଦିବାସୀ ଭୂମିଜ ସମାଜ ଓ ରାଣୀ ଶିରୋମଣି ଭୂମିଜ ଯୁବକ ସଂଘ ର ମିଳିତ ଉଦ୍ୟମରେ ଭୂମିଜ ଭାଷା ଦିବସ ଖୁବ୍ ଧୁମଧାମରେ ରେ ପାଳନ କରାଯାଇଥିଲାଛ ଉକ୍ତ କାର୍ଯ୍ୟକ୍ରମରେ ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଯାଜପୁର ଜିଲ୍ଲାରୁ ସଂଖ୍ୟାଧିକ ଭୂମିଜ ସଂପ୍ରଦାୟର ର ଲୋକ ଉପସ୍ଥିତି ରହିଥିଲେଛ ଆଦିବାସୀ ପରମ୍ପରା ଅନୁଯାୟୀ କୁପୁଲ ଦାରମ, ପୂଜାର୍ଚ୍ଚନା ପରେ ବିଧିବଦ୍ଧ ଭାର୍ଦ୍ଦିରୀ ପତାକା ଉତ୍ତୋଳନ କରା ଯାଇ ଭୂମିଜ ୀର ସହିଦ୍ ମାନଙ୍କୁ ମାଲ୍ୟାର୍ପଣ କରା ଯାଇଥିଲା । ଏହା ପରେ ଭାରତୀୟ ଆଦିବାସୀ ଭୂମିଜ ସମାଜ ର ପୂର୍ବତନ ସଭାପତି ପାଇକ ସିଂ ଙ୍କ ସଭାପତିତ୍ୱରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲାଛଏହି ଆଲୋଚନାରେ ଭାରତୀୟ ଆଦିବାସୀ ଭୂମିଜ ସମାଜ ଓଡିଶା ର ସମ୍ପାଦକ ହେମେନ୍ଦ୍ର ସିଂ, କେନ୍ଦ୍ରୀୟ କମିଟି ସଦସ୍ୟା ଗୀତାମଣି ସିଂ, କେନ୍ଦ୍ରୀୟ କଳା ସାଂସ୍କୃତିକ ସମ୍ପାଦକ ସୁଜାତା ସିଂ, କୋଷାଧ୍ୟକ୍ଷ ଜିତେନ୍ଦ୍ର ସିଂ, ମୟୂରଭଞ୍ଜ ଜିଲ୍ଲା ସଭାପତି ରାଜ କୁମାର ସିଂ, ରାମଚନ୍ଦ୍ର ସିଂ, ଗଦାଧର ସିଂ, ଦେବକୀ ସିଂ , ମୁକ୍ତେଶ୍ୱରୀ ସିଂ ଗୁରୁଭା ସିଂ, କାଳିଚରଣ ସିଂ, ସାଇବା ସି , ଦେବେନ୍ଦ୍ର ସିଂ କେନ୍ଦ୍ରୀୟ ସଦସ୍ୟ ସନିଆ ସିଂ , ନୀଳଗୀରି ବ୍ଲକ୍ କମିଟୀ ସଭାପତି ନରୋତ୍ତମ ସିଂ ପ୍ରମୁଖ ସମାଜ ସେବୀ ମାନେ ଭୂମିଜ ଭାଷା ର ଉନ୍ନତି ନିମନ୍ତେ ବହୁ ମୂଲ୍ୟ ମତାମତ ଦେଇଥିଲେଛ ପ୍ରାଥମିକ ଶିକ୍ଷା ବ୍ୟବସ୍ଥା ରେ ଭୂମିଜ ଭାଷାକୁ ଅବହେଳା କରାଯାଇଥିବା ନେଇ ସମସ୍ତ ଭୂମିଜ ସମାଜସେବୀ ମାନେ ଗଭୀର କ୍ଷୋଭ ପ୍ରକାଶ କରିଥଲେ ଏବଂ ସରକାର ଏହି ଭାଷା ଓ ସଂସ୍କୃତିର ବିକାଶ ନେଇ କିଛି ଗୁରୁତ୍ୱ ପୂର୍ଣ୍ଣ ପଦକ୍ଷେପ ଗ୍ରହଣ ନ କଲେ ଏ ଜାତି ବାଧ୍ୟ ହେବ ରାଜ ରାସ୍ତାରେ ବିକ୍ଷୋଭ ପ୍ରଦର୍ଶନ କରିବା ନେଇ ଆଲୋଚନା ହୋଇଥିଲାଛ ଏହି କାର୍ଯ୍ୟକ୍ରମରେ ହୁ ସମାଜ ସେୀ,ଯୁବକ ଯୁବତୀ,ଭୂମିଜ ଛାତ୍ରଛାତ୍ରୀ ଯୋଗଦାନ୍ କରିଥିଲେ । ଯୁବକ ସଂଘ ର ବିଶାଲ ସିଂ,ସଂଜୟ ସିଂ,ଟୁଲୁ ସିଂ, କାର୍ତ୍ତିକ ସିଂ ପ୍ରମୁଖ ସମସ୍ତ କାର୍ଯ୍ୟ କ୍ରମ ର ସଫଳ ନିମନ୍ତେ ପ୍ରୟାସ କରିଥିଲେଛ ଶେଷ ରେ ରଖଜ କୁମାର ସିଂ ଧନ୍ୟବାଦ ଅର୍ପଣ କରିଥିଲେ ।




## ପ୍ରଧାନମନ୍ତ୍ରୀ କିଷାନ ଯୋଜନାରେ ୧୮ତମ କିସ୍ତି ପ୍ରଦାନ

ବେତନଟୀ (ସବ୍ୟୁ) : ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା କୃଷକଙ୍କଖାତାକୁ ପିଏମ କିଷାନ ଯୋଜନାରେ ୧୮ତମ କିସ୍ତି ପ୍ରଦାନ ଅବସରରେ ବେତନଟୀ ବ୍ଲକ କୃଷି କାର୍ଯ୍ୟାଳୟରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଲେ ବିଧାୟକ ସନାତନ ବିଜୁଳି । ବେତନଟୀ ବ୍ଲକ କୃଷି ଅଧିକାରୀ ମନୋଜ କୁମାର ପ୍ରଧାନଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ମାନ୍ୟବର ବିଧାୟକ ଶ୍ରୀ ବିଜୁଳିଙ୍କ ସମେତ ଭାଜପାର ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ପ୍ରଦୀପ କୁମାର ପରିଡା, ଉଦ୍ୟାନକୃଷି ଅଧିକାରିଣୀ ମଧୁସ୍ମିତା ସେଠୀ ପ୍ରମୁଖ ମଞ୍ଚାସିନ ଥିଲେ । ଏହି ଅବସରରେ ଅନଲାଇନରେ ଆବେଦନ କରିଥିବା ବେତନଟୀ ବ୍ଲକର କୃଷକ ମାନଙ୍କ ଖାତାକୁ ପିଏମ କିଷାନ ସହାୟତା ୨୦୦୦ ଟଙ୍କା ଲେଖାଏଁ ଜମା କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ୫୦ ରୁ ଉର୍ଦ୍ଧ୍ୱ ଭାଇ ଓ ଭଉଣୀ ଭାଗ ନେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ସହାୟକ କୃଷି ଅଧିକାରୀ ବିଜୟ କୁମାର ନାୟକ , ସୁମିତ୍ରା ହାଁସଦା , କୃଷି ଅଧୀଦର୍ଶକ ଅରୁଣ କୁମାର ମହାପାତ୍ର, ହିମାଂଶୁ ଦାସ ଅଧିକାରୀ , ପ୍ରିୟମ୍ବଦା ଧଳ , ଗ୍ରାମ୍ୟ କୃଷି ଅଧିକାରୀ ଅଭୟ କୁମାର ସାହୁ ,ସିପ୍ରା ପଣ୍ଡା , ଚନ୍ଦ୍ରକଳା ମଢେଇ , ସିତାଞ୍ଜଳୀ ପାତ୍ର , ଯଶୋଦା ମାଝୀ , ନିରୁପମା ନାୟକ , ପବିତ୍ରମୋହନ ବେହେରା , ଦେବାଶିଷ ନାୟକ , ଲୁଥି ମାରାଣ୍ଡି , ଭକ୍ତ ମାରାଣ୍ଡି ଏବଂ ଅନ୍ୟ ସମସ୍ତ କର୍ମଚାରୀ ଉପସ୍ଥିତ ରହିବା ସହ କାର୍ଯ୍ୟକ୍ରମକୁସଫଳକରିଥିଲେ । ପରିଶେଷରେ ବ୍ଲକ କୃଷି ଅଧିକାରୀ ଶ୍ରୀ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

## ଖଳିସାହିରେ ବନ୍ୟପ୍ରାଣୀ ସପ୍ତାହ ପାଳିତ

ଖଣ୍ଡପଡା, (ସବ୍ୟୁ): ଖଣ୍ଡପଡା ବ୍ଲକ ଅଧିନ ଖଳିସାହିସ୍ଥିତ ଶ୍ରୀ ନୀଳକଣ୍ଠେଶ୍ୱରଦେବବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ୭୦ତମ ବନ୍ୟପ୍ରାଣୀ ସପ୍ତାହ ଖଣ୍ଡପଡା ବନବିଭାଗ ପକ୍ଷରୁପାଳିତ ହୋଇଯାଇଛି । ଅନୁଷ୍ଠାନର ପ୍ରଧାନଶିକ୍ଷକ ଯୋଗୀନାଥ ମହାରଣାଙ୍କପୌରହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ ଖଣ୍ଡପଡା ବନପାଳସନାତନ ସ୍ୱାଇଁ ଯୋଗଦେଇ ବନ୍ୟପ୍ରାଣୀ ସପ୍ତାହ ପାଳନର ମହତ ଉଦ୍ଦେଶ୍ୟ ସଂପର୍କରେଆଲୋକପାତ କରିଥିଲେ । ପରିବେଶ ସୁରକ୍ଷା ସହ ବନ୍ୟ ଜନ୍ତୁ ମାନଙ୍କର ସୁରକ୍ଷା ନେଇବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ଏ ଅବସରରେସାଧାରଣରେ ସଚେତନତା ସୃଷ୍ଟି ନିମନ୍ତେ ଛାତ୍ରୀମାନେ ଗ୍ରାମ ପରିକ୍ରମା କରି ଖଳିସାହିଗ୍ରାମବାସୀଙ୍କୁ ସଚେତନ କରିଥିଲେ । ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟତ୍ରୀ, ଛାତ୍ରୀ ଓ ବନବିଭାଗ କର୍ମଚାରୀମାନେ ମିଳିତ ହୋଇ ବିଦ୍ୟାଳୟ ପରିସରରେ ବିଭିନ୍ନ କିସମର ଚାରାରୋପଣ କରିଥିଲେ । ରାଜ୍ୟ ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗର ନିର୍ଦ୍ଦେଶକ୍ରମେକାର୍ଯ୍ୟକ୍ରମର ଆୟୋଜନ କରାଯାଇ ଥିବା ଖଣ୍ଡପଡା ବନାଚଂଳ ଅଧିକାରୀ ଉଦିତକୁମାର ପ୍ରଧାନଙ୍କ ଠାରୁ ପ୍ରକାଶ ।




## ଭାରତରେ ୧୦ ଲକ୍ଷ ସରକାରୀ ସ୍କୁଲର ଉନ୍ନତି ପାଇଁ ସମାଧାନ ନିର୍ମାଣ କରୁଛି ଶିକ୍ଷାଗ୍ରହ

ଭୁବନେଶ୍ୱର (ସବ୍ୟୁ) : ଭାରତରେ ୧୦ ଲକ୍ଷ ସରକାରୀ ସ୍କୁଲ୍‌କୁ ଉନ୍ନତ କରିବା ପାଇଁ ଲକ୍ଷ୍ୟ ରଖିଥିବା ଏକ ଲୋକ ଶିକ୍ଷା ଆନ୍ଦୋଳନ, ଶିକ୍ଷାଗ୍ରହ ପକ୍ଷରୁ ଘୋଷଣା କରାଯାଇଛି ଯେ, ଏହା ଭାରତରେ ନିଜର ଟେକ୍ନୋଲୋଜି–ଆଧାରିତ ଉନ୍ନତିକରଣ ପଦକ୍ଷେପଗୁଡିକୁ ସଶକ୍ତ କରିବା ପାଇଁ ଆମାଜନ ୱେବ୍ ସର୍ଭିସେସ (ଏଡବ୍ଲ୍ୟୁଏସ୍)ର କ୍ଲାଉଡ୍ କମ୍ପ୍ୟୁଟିଂ ଟେକ୍ନୋଲୋଜିକୁ ବ୍ୟବହାର କରିବ। ଏକ ଲୋକ ଆନ୍ଦୋଳନର ଅଂଶ ଭାବେ ଶିକ୍ଷାଗ୍ରହ ସରକାରୀ ସଂସ୍ଥା, ସ୍ଥାନୀୟ ନାଗରିକ ସମାଜ ସଂସ୍ଥା (ସିଏସ୍‌ଓ), ଯୁବ ଓ ସମୁଦାୟ–ଆଧାରିତ ଗ୍ରୁପ୍‌ଗୁଡିକ ମଧ୍ୟରେ ସହଭାଗିତା ବିକଶିତ କରିବ, ଯାହାଫଳରେ ସେମାନେ ଆବଶ୍ୟକତା–ଭିତିକ ବିଦ୍ୟାଳୟ ଉନ୍ନତିକରଣ କାର୍ଯ୍ୟକ୍ରମ ଓ ସମାଧାନର ନେତୃତ୍ୱ ନେଇପାରିବେ। ଏହି ଆନ୍ଦୋଳନ ୨୦୩୦ ସୁଦ୍ଧା ୧୦୦ଟି ଜିଲ୍ଲାରେ ୪୦ ମିଲିୟନ ପିଲାଙ୍କୁ ପ୍ରଭାବିତ କରିବାକୁ ଲକ୍ଷ୍ୟ ରଖିଛି ଏବଂ ବର୍ତମାନ ଏହା ଅରୁଣାଚଳ ପ୍ରଦେଶ, ଆସାମ, ବିହାର, ଛତିଶଗଡ, ହରିଆନା, ଝାଡଖଣ୍ଡ, କର୍ଣ୍ଣାଟକ, କଶ୍ମୀର, ଓଡିଶା, ପାବ, ପୁଡୁଚେରୀ, ତାମିଲନାଡୁ, ତେଲେଙ୍ଗାନା ଓ ଉତର ପ୍ରଦେଶ ସମେତ ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳଗୁଡିକରେ ସକ୍ରିୟ ରହିଛି।






# ଇଣ୍ଟରନ୍ୟାସନାଲ ପରଫର୍ମିଂ ଆର୍ଟସ୍ ଫେଷ୍ଟିଭାଲ ଉଦ୍‌ଘଟିତ

ଭୁବନେଶ୍ୱର(ସବ୍ୟୁ) : ଭୁବନେଶ୍ୱରରେ ଚଳିତ ଥର ୭ମ ବର୍ଷ ଇଣ୍ଟରନ୍ୟାସନାଲ ପରଫର୍ମିଂ ଆର୍ଟସ୍ ଫେଷ୍ଟିଭାଲ (ଆଇପିଏଏଫ୍) ଆୟୋଜିତ ହେଉଛି । ଆଇପିଏଏଫ୍




ଭୁବନେଶ୍ୱର କେ.ଭି.ସିଂଦେଓ, ଉପ ମୁଖ୍ୟମନ୍ତ୍ରୀ, ଓଡ଼ିଶାଙ୍କ ଦ୍ୱାରା ୬ ତାରିଖରେ ଜୟଦେବ ଭବନରେ ଉଦ୍‌ଘାଟିତ ହୋଇଯାଇଛି । ଆଇପିଏଏଫ୍ ବିଭିନ୍ନ ରାଷ୍ଟ୍ରର ପାରମ୍ପରିକ କଳାକୁ ପ୍ରଦର୍ଶନ କରୁଥିବା କଳାକାରଙ୍କୁ ଏକତ୍ର କରିବା ଏବଂ ଆମର ସମୃଦ୍ଧ ସଂସ୍କୃତି ଓ ଐତିହ୍ୟର ସଂରକ୍ଷଣ ନିମନ୍ତେ ବିଶ୍ୱସ୍ତରରେ ବିଭିନ୍ନ କଳା ରୂପର ସମ୍ମିଶ୍ରିତ ପ୍ରଦର୍ଶନ ପାଇଁ ଏକ ମଞ୍ଚ ଯୋଗାଇଦେବା ଲକ୍ଷ୍ୟ ରଖୁଛି। ଆଇପିଏଏଫ ମଧ୍ୟ ସ୍ୱତନ୍ତ୍ର କଳାକାର (ଦିବ୍ୟାଙ୍ଗ) ଏବଂ ଯୁବ କଳାକାରଙ୍କୁ ବିଶାରଦମାନଙ୍କ ସହିତ ଏକ ମଞ୍ଚ ଯୋଗାଇଦେଇ ସମର୍ଥନ କରୁଛି। ଆଇପିଏଏଫ ସାମାଜିକ ଉଦ୍ୟୋଗୀ ଶ୍ୟାମ ପାଣ୍ଡେଙ୍କ ଦ୍ୱାରା ସୃଷ୍ଟି ଏକ ପ୍ରୟାସ ଯାହା ସମାଜ ଏବଂ ସଂସ୍କୃତିକୁ ବିଶ୍ୱସ୍ତରରେ କଳାଗୁଡିକର ସମ୍ମିଶ୍ରଣ ସହିତ ଏକତ୍ରିତ କରିବା ଲକ୍ଷ୍ୟ ରଖିଛି। ଆଇପିଏଏଫ୍ ବାୟୁ ଯୋଗ, ଶାସ୍ତ୍ରୀୟ ନୃତ୍ୟ, ଲୋକ ନୃତ୍ୟ, ଭିନ୍ନକ୍ଷମ କଳାକାର ଏବଂ ଉଦୀୟମାନ କଳାକାରଙ୍କୁ ଏହି ଲକ୍ଷ୍ୟରେ ସମର୍ଥନ କରୁଛି, ଯଦ୍ଦ୍ୱାରା ପରମ୍ପରା ସମୃଦ୍ଧ ରହିବା ଏବଂ ଯୁବବର୍ଗଙ୍କ ନିକଟରେ ପହଞ୍ଚିବା ସୁନିଶ୍ଚିତ ହୋଇପାରିବ । ଚଳିତ ଥର ଆଇପିଏଏଫ୍‌ର ୭ମ ବର୍ଷରେ ଭୁବନେଶ୍ୱରରେ ଆୟୋଜିତ ହେଉଥିବା ଉତ୍ସବ ଭାରତର ଲୁପ୍ତପ୍ରାୟ କଳାରୂପକୁ ସମର୍ଥନ ଯୋଗାଇ ଦେଉଛି । ଯେଉଁଠାରେ ଉଜ୍ଜୟିନୀର ବିଭିନ୍ନ କଳାକାରଙ୍କ ସହିତ ଅନ୍ୟ ରାଜ୍ୟଗୁଡିକର କଳାକାରମାନେ ଏକତ୍ରିତ ହୋଇଛନ୍ତି ।

## ତୋଫାବିବି କ୍ଲଷ୍ଟର ସୁରଭି କାର୍ଯ୍ୟକ୍ରମ

ଆଗରପଡ଼ା,(ସବ୍ୟୁ):ତୋଫାବିବି କ୍ଲଷ୍ଟର ସୁରଭି କାର୍ଯ୍ୟକ୍ରମ ଆଗରପଡ଼ା ତୋଫାବିବି ସ୍କୁଲ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ବନ୍ତବ୍ଲକ ଅଧକ୍ଷ ମନୋରଂଜନ ଘଡ଼େଇ ଯୋଗଦେଇ ସୁରଭି କାର୍ଯ୍ୟକ୍ରମ ଆଭିମୁଖ୍ୟ ସଂପର୍କରେ ଆଲୋକପାତ କରିଥିଲେ। ଚଡାଏଟ ଅଧକ୍ଷ କାର୍ତ୍ତିକେଶ୍ୱର ଚାଉଳ,ବିଇଓ ପ୍ରଫୁଲ୍ଲ ସାହୁ,ଏବିଇଓ ହରେକୃଷ୍ଣ ଆପଟ,ଶିକ୍ଷାବିତ୍ ହରିହର ପାଣିଗ୍ରାହୀ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। କୃଷ୍ଣ ଚରଣ ବିଦ୍ୟାମନ୍ଦିର ପ୍ରଧାନଶିକ୍ଷକ ଶରତ ଜେନାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ସିଆରସିସି ନିରଞ୍ଜନ ଖିଲାର ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସରପଂଚ ସୁଭଦ୍ରା ସିଂହ,ସମିତି ସଭ୍ୟା ଜ୍ୟୋତିର୍ମୟୀ ପଣ୍ଡା, ପ୍ରଣୟସିଂହ, ପ୍ରଶାନ୍ତ ଦାଶ,ଜଗନ୍ନାଥ ମଲ୍ଲିକ, ଅଧାପକ ଫକୀର ଶଙ୍ଖୁଆ,ଅଧାପିକା ବିଜୟନୀ ସ୍ୱାଇଁ,ଜଇନୁଲ ଆବେଦିନ ପ୍ରମୁଖ ବ୍ୟକ୍ତବ୍ୟ ପ୍ରଦାନ କରିଥିଲେ।

## ସିଡିଏରେ ଖୋଲିଲା ତତ୍ତ୍ୱ ସ୍ପୋର୍ଟସ

# ବ୍ୟବସାୟ ତୁଳନାରେ ପ୍ରତିଭାକୁ ମିଳିବ ଗୁରୁତ୍ୱ

କଟକ,(ସବ୍ୟୁ): ସିଡିଏ ସେକ୍ଟର-୧୩ରେ ତତ୍ତ୍ୱ ସ୍ପୋର୍ଟସ ରବିବାର ଉଦ୍ଘାଟିତ ହୋଇଯାଇଛି । ସମସ୍ତ କ୍ରୀଡ଼ାର ଆବଶ୍ୟକୀୟ ଉପକରଣ ଏବେ ଗୋଟିଏ କୋଠାରେ ମିଳି ପାରିବ । ମର୍କତନଗର ଅଞ୍ଚଳରେ ପୂର୍ବରୁ ଏଭଳି କ୍ରୀଡ଼ା ସରଞ୍ଜାମ ବିକ୍ରୟ କେନ୍ଦ୍ର ନଥିଲା । ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଭାରତ ମସଲାର ଅଧକ୍ଷ ସୁରେନ୍ଦ୍ରନାଥ ପଣ୍ଡା ଯୋଗ ଦେଇ ଏଭଳି ବ୍ୟବସାୟିକ ଉଦ୍ୟମକୁ ପ୍ରଶଂସା କରିଥିଲେ । ସେ କହିଥିଲେ ଯେ, ସଫଳତା ତୁରନ୍ତ ମିଳେ ନାହିଁ । ଦୃ ଇଚ୍ଛା ଶକ୍ତି ଥିଲେ ଆଜି ନହେଲେ କାଲି ସଫଳତାର ସ୍ୱାଦ ମିଳିବ । ଗ୍ରାହକଙ୍କୁ ସନ୍ତୁଷ୍ଟି କରିବା ସହ ବ୍ୟବସାୟରେ ସହନଶୀଳତା ଲୋଡା ବୋଲି ସେ କହିଥିଲେ । ସେହିପରି ରାଜ୍ୟ ବରିଷ୍ଠ କ୍ରିକେଟ ଦଳ ଚୟନ କମିଟି ସଦସ୍ୟ



ସୌରଜିତ ମହାପାତ୍ର ଅନ୍ୟତମ ଅତିଥି ଭାବେ ଯୋଗ ଦେଇ ମର୍କନଗର ଅଞ୍ଚଳରେ ତତ୍ତ୍ୱ ସ୍ପୋର୍ଟସ କ୍ରୀଡ଼ାବିତଙ୍କ ପାଇଁ ଉପଯୋଗୀ ସାବ୍ୟସ୍ତ ହେବ ବୋଲି କହିଥିଲେ । ରାଜ୍ୟ ବରିଷ୍ଠ ଦଳର ନିୟମିତ ଖେଳାଳି ତଥା ଆଇପିଏଲ ତାରକା ବିପ୍ଳବ ସାମନ୍ତରାୟ ଉପସ୍ଥିତ ରହି କ୍ରିକେଟ ସମେତ ଅନ୍ୟ ସମସ୍ତ ଖେଳର ଉପକରଣ ଏଠାରେ ମହଜୁଦ ରହିଥିବାରୁ ଖୁସିବ୍ୟକ୍ତ କରିଥିଲେ । ନୟାଗଡ ଜିଲ୍ଲା କ୍ରିକେଟ ସଂଘ ସମ୍ପାଦକ ତଥା ଓସିଏ ସଦସ୍ୟ ସଂଗ୍ରାମ ଗୁମାନସିଂହ ଯୋଗଦେଇ ରାଜ୍ୟରେ ଏଭଳି କ୍ରୀଡ଼ା ଉପକରଣ ଦୋକାନର ଆବଶ୍ୟକତା ଦିଗରେ ଆଲୋକପାତ କରିଥିଲେ ଛ ଦୋକାନର ମାଲିକାଣୀ ମନୀଷା ମିଶ୍ର କହିଥିଲେ ଯେ, ଏହା ତତ୍ତ୍ୱ ସ୍ପୋର୍ଟସ କେବଳ ଏକ ବ୍ୟବସାୟିକ କେନ୍ଦ୍ର ନୁହେଁ । ରାଜ୍ୟ କ୍ରୀଡ଼ାର ରାଜଧାନୀ ହେଉଛି କଟକ ଛ ଏଠାରେ ଅନେକ ପ୍ରତିଭାବାନ ଖେଳାଳି ରହିଛନ୍ତି । ଏଣୁ ବ୍ୟବସାୟିକ ଦୃଷ୍ଟିକୋଣକୁ ବାଦ୍ ଦେଇ ପ୍ରତିଭାବାନ ଖେଳାଳିଙ୍କୁ ଉପକରଣ ଯୋଗାଇ ଦେବାରେ ପ୍ରାଧାନ୍ୟ ଦିଆଯିବ ବୋଲି ମତ ଦେଇଥିଲେ । ୧୮୦୦ ବର୍ଗଫୁଟ ଅଞ୍ଚଳରେ ଖୋଲିଥିବା ତତ୍ତ୍ୱ ସ୍ପୋର୍ଟସରେ ନାମିଦାମୀ ବ୍ରାଣ୍ଡର ଖେଳ ଉପକରଣ ସମେତ ଡ୍ରେସ୍ ମଧ ଉପଲବ୍ଧ ରହିଛି । ଏଠାରେ କ୍ରିକେଟର ଏସ୍ଜି, ବାସ୍, ଡିଏସ୍ସି, ବ୍ୟାଡମିଣ୍ଟନର ଲିନିଙ୍ଗ, ହଣ୍ଡ୍ରେଡ ଭଳି ବ୍ରାଣ୍ଡେଡ୍ ଖେଳ ଉପକରଣ ରହିଛି । ସେହିପରି ଖେଳ ଅଭ୍ୟାସ ନିମନ୍ତେ ଆଡିଡାସ, ଇଏସ୍ସିଅନ, ସିକ୍ସ, ଲିନିଂର ଡ୍ରେସ ମଧ ଏଠାରେ ମହଜୁଦ ରଖାଯାଇଛି ।

# ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଶିକ୍ଷକଶିକ୍ଷୟିତ୍ରୀ ସମ୍ମିଳନୀ

ଭୁବନେଶ୍ୱର , (ସବ୍ୟୁ) : ଚାରିଦିନ ଧରି ଅନୁଷ୍ଠିତ ହେଉଥିବାଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଶିକ୍ଷକଶିକ୍ଷୟିତ୍ରୀ ସମ୍ମିଳନୀ ରବିବାର ପୂର୍ବାହ୍ନ ସାଢ଼େ ୧୦ଟାରେ ଉଦ୍‌ଘାଟିତ ହୋଇଯାଇଛି ।ଭୁବନେଶ୍ୱରସ୍ଥ ଖଣ୍ଡଗିରି ନିକଟରେ ଥିବା ମାତୃବିହାର ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପରିସରରେ ଏହି ଏହାକୁ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ମୁଖ୍ୟ ରାଧାକାନ୍ତ ମିଶ୍ର ଉଦ୍ଘାଟିତ କରିଥିବା ବେଳେ ଏଥିରେ ରାଜ୍ୟରେ ଥିବା ସମସ୍ତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଶିକ୍ଷକଶିକ୍ଷୟିତ୍ରୀ ଯୋଗ ଦେଇଥବଲେ। ଉଦ୍‌ଘାଟିତ ସଭାରେ ଅନୁଷ୍ଠାନର ଅନ୍ୟତମ ସଦସ୍ୟ ବିନୋଦ କୁମାର ସାହୁ ସ୍ୱାଗତ ଭାଷଣ ଦେଇଥିବା ବେଳେ ପ୍ରସାଦ ତ୍ରିପାଠୀ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଅପର୍ତ୍ତି ପ୍ରଧାନ ଧନ୍ୟବାଦ ଦେଇଥିଲେ। ପରେ ଉପସ୍ଥିତ ସମସ୍ତ ଶିକ୍ଷକଶିକ୍ଷୟିତ୍ରୀମାନଙ୍କୁ ବିଭିନ୍ନ ଗ୍ରୁପରେ ବିଭକ୍ତ କରାଯାଇ ଶ୍ରୀଅରବିନ୍ଦଙ୍କ ଶିକ୍ଷାନୀତିକୁ ନେଇ କିପରି ଛାତ୍ରଛାତ୍ରୀମାନଙ୍କୁ ପୂର୍ଣ୍ଣାଙ୍ଗ ଶିକ୍ଷା ଦିଆଯାଇପାରିବ ସେ ନେଇ ୨ଟି ପର୍ଯ୍ୟାୟରେ ଆଲୋଚନା କରାଯାଇଥିଲା। ରବିବାର ସନ୍ଧ୍ୟା ପର୍ଯ୍ୟାୟରେ ପୂର୍ଣ୍ଣାଙ୍ଗ ଶିକ୍ଷା ଭବିଷ୍ୟତକୁ ଏକ ଲମ୍ଫ ଶୀର୍ଷକ ଆଲୋଚନା ଅନୁଷ୍ଠିତ ହୋଇଥିଲା। ବକ୍ତାଭାବେ ରବିନ୍ଦ୍ର ନାଥ ପାଣିଗ୍ରାହୀ ଯୋଗ ଦେଇ ସେ ସମ୍ପର୍କରେ ଶିକ୍ଷକଶିକ୍ଷୟିତ୍ରୀମାନଙ୍କୁ ଉଦାହରଣ ପୂର୍ବକ କହିଥିଲେ।ଏହି ସମ୍ମିଳନୀ ଆସନ୍ତା ବୁଧବାର ୯ ତାରିଖ ସନ୍ଧ୍ୟାରେ ଉଦ୍‌ଯାପିତ ହେବାର କାର୍ଯ୍ୟକ୍ରମ ରହିଛି।




# ମିଠା ଦୋକାନୀକୁ ୫ଲକ୍ଷ ବଟି ମାଗି ଯୁବକ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ଏୟାରଫିଲ୍ଡ ଥାନା ଅନ୍ତର୍ଗତ ହାଇଟେକ ଆପାର୍ଟମେଣ୍ଟ ଛକରେ ଜଣେ ମହିଳା ମିଠା ଦୋକାନ କରିଛନ୍ତି । ତାଙ୍କ ଦୋକାନକୁ ରଘୁନାଥ ବାରିକ (୩୪) ଓ ତା'ର ସହଯୋଗୀମାନେ ଯାଇ ଗାଳିଗୁଲଜ କରିବା ସହ ଆମ ଅଞ୍ଚଳରେ ଦୋକାନ କରିବାକୁ ତୁମକୁ କିଏ କହିଲା, ଯଦି ଏଠାରେ ଦୋକାନ କରିବ ଆମକୁ ୫ଲକ୍ଷ ଟଙ୍କା ବଟି ଦେବାକୁ ହେବ ବୋଲି କହିଥିଲେ ।

ଦୋକାନୀ ପଞ୍ଚାୟତ ଅଫିସ୍‌ରେ ଟଙ୍କା ଦେଇ ପ୍ରତିବର୍ଷ ରସିଦ ଆଣିଥାନ୍ତି । ଦୋକାନରେ ସେମାନେ ଗାଳିଗୁଲଜ କରି ମାଲିକଙ୍କୁ ଟେଲିଫୋନ୍ ଯୋଗେ ଡାକି ବଟି ପାଇଁ ଜୁଲମ କରିଥିଲେ । ଦୋକାନ ମାଲିକ ପହଞ୍ଚି ପଞ୍ଚାୟତରେ ପଇସା ଦେବା କଥା କହିଥିଲେ ମଧ୍ୟ ତାହା ରଘୁନାଥ ଓ ତା'ସମର୍ଥକମାନେ ଶୁଣି ନଥିଲେ । ସେ ବଟି ନଦେବାରୁ ତା'ମିଠାଦୋକାନ ସାମ୍ନାରେ ଏକ ପଥର ଟ୍ରିପ୍ ଗଦେଇ ଦେଇଥିଲେ । ଉପାୟଶୂନ୍ୟ ହୋଇ ଦୋକାନୀ ମା'-ପୁଅ ଏୟାରଫିଲ୍ଡ ଥାନାରେ ଅଭିଯୋଗ କରିବାରୁ ପୋଲିସ ସୁନ୍ଦରପଦାର ରଘୁନାଥ ବାରିକକୁ ଗିରଫ କରି କୋର୍ଟଚାଲାଣ କରିଛି । ରଘୁନାଥ ନାମରେ ପୂର୍ବରୁ ହତ୍ୟା ମାମଲା ଥିବା ପୋଲିସ କହିଛି । ଡିସିପି ପିନାକ ମିଶ୍ରଙ୍କ କହିବାନୁଯାୟୀ ବଟି ମାଗିବା କ୍ଷେତ୍ରରେ ଶୂନ୍ୟସହନଶୀଳତା ନୀତି ଅବଲମ୍ବନ କରିଛି ପୋଲିସ । ବଟି ମାଗୁଥିବା ବ୍ୟକ୍ତିଙ୍କ ବିରୋଧରେ ଅଭିଯୋଗ ହେଲେ ତାଙ୍କୁ ନିଶ୍ଚିତ ଗିରଫ କରାଯିବ । ଏ ସମ୍ପର୍କରେ ପୋଲିସକୁ ଜଣାଇବା ପାଇଁ ଗଣମାଧମ ଜରିଆରେ ଲୋକଙ୍କୁ କହିଛନ୍ତି ।

## ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ

ନିରାକାରପୁର,(ସବ୍ୟୁ): ଅଗ୍ରଣୀ ସାମାଜିକ ଅନୁଷ୍ଠାନ ଇସ୍ୱାର୍ଡ ଏବଂ ପଞ୍ଚାୟତ ସମିତି, ଟାଙ୍ଗି ଙ୍କ ମିଳିତ ସହଯୋଗରେ ସ୍ୱେଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି।ଏହି କାର୍ଯ୍ୟକ୍ରମ ସେପ୍ଟେମ୍ବର ୧୭ ତାରିଖ ଠାରୁ ଅକ୍ଟୋବର ୨ ତାରିଖ ପବିତ୍ର ଗାନ୍ଧୀ ଜୟନ୍ତୀ ପର୍ଯ୍ୟନ୍ତ ଭିନ୍ନ ଭିନ୍ନ ଭାବରେ ପାଳିତ ହେଉଥିବା ସ୍ଥଳେ ଇସ୍ୱାର୍ଡ ଅନୁଷ୍ଠାନର ସ୍ୱେଚ୍ଛାସେବୀମାନେ ବ୍ଲକ ଅଫିସ୍ ପରିସରଏବଂ ଓଡ଼ିଶା ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳୀ ମା ଉଗ୍ରତାରା ଙ୍କ ପୀଠ ଚାରିପାଖକୁ ସଫେଇ କରିଥିଲେ। ମା ଙ୍କ ସ୍ଥାନ ପ୍ରମୁଖ ପର୍ଯ୍ୟଟନ ସ୍ଥଳ ତଥା ବଣ ଭୋଜି ସ୍ଥାନ ହୋଇଥିବାରୁ ଏଠାକୁ ଫେବୃଆରି ଆଖ ପାଖ ଅଞ୍ଚଳରୁ ତଥା ଦୂର ଦୁରାନ୍ତରୁ ବହୁସଂଖ୍ୟକ ପର୍ଯ୍ୟଟକ ଆସି ବୁଲା ବୁଲି କରିବା ସହ ବଣ ଭୋଜି ସାରି ଚାରିଆଡ଼େ ଅଳିଆ ଆବର୍ଜନା ପକାଇ ଚାଲିଯାନ୍ତି। ଏହାକୁ ନଜରରେ ରଖି ଇସ୍ୱାର୍ଡ଼ର ସମ୍ପାଦକ ମୃତ୍ୟୁଞ୍ଜୟ ପ୍ରଧାନ ସମସ୍ତ ସ୍ୱେଚ୍ଛାସେବୀମାନଙ୍କୁ ଏକାଠି କରି ମନ୍ଦିର ଚାରିପାଖରୁ ତଥା ବଣ ଭୋଜି ସ୍ଥାନରୁ ପ୍ଲାଷ୍ଟିକ ବୋତଲ, ଭଙ୍ଗା କାଚ, ପଲିଥିନ ଜରି, ଏବଂ ଅଳିଆ ଆବର୍ଜନା ଆଦି ସଫେଇ କରି ପରିଷ୍କାର କରିଛନ୍ତି। ବିଭିନ୍ନ ସ୍ୱଚ୍ଛତା ଆଧାରିତ ସଚେତନତା ସ୍ଲୋଗାନ ପୋଷ୍ଟର୍ ଆଦି ବିଭିନ୍ନ ସ୍ଥାନରେ ଲଗାଯାଇଥିଲା।

# କମଲେଶ କୁମାର ସିଂ ସମ୍ମାନୀତ



ଭୁବନେଶ୍ୱର (ସବ୍ୟୁ): ସୂର୍ଯ୍ୟା ଇଣ୍ଟରନ୍ୟାସନାଲ ଏଣ୍ଟରପ୍ରାଇଜେସ୍‌ର ଏମ୍‌ଡି କମଲେଶ କୁମାର ସିଂ- ଓଡିଶାର ଶକ୍ତି ଉତ୍ପାଦନ କ୍ଷେତ୍ରରେ ଜାତୀୟ ସ୍ତରରେ ସମ୍ମାନିତ ହୋଇଛନ୍ତି । ସୋଲାର ବ୍ରାଣ୍ଡ ଆଇରୋ। ସୋଲାର, ନବୀକରଣ ଯୋଗ୍ୟ ଶକ୍ତି କ୍ଷେତ୍ରରେ ତାଙ୍କୁ ପ୍ରେରଣାଦାୟକ ପୁରସ୍କାରରେ ସମ୍ମାନିତ କରାଯାଇଛି । ରାଜ୍ୟପାଳ ରଘୁବର ଦାସଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ଏହି ପୁରସ୍କାର, ଆଇରୋ। ସୋଲାର ବ୍ରାଣ୍ଡ ଅନ୍ତର୍ଗତ ଅଭିନବ ସୋଲାର ଶକ୍ତି ସମାଧାନ ମାଧ୍ୟମରେ ଅକ୍ଷୟ ଶକ୍ତି ଏବଂ ସ୍ଥିରତା ପାଇଁ ଶ୍ରୀ ସିଂଙ୍କ ଉଲ୍ଲେଖନୀୟ ଅବଦାନକୁ ସ୍ୱୀକୃତି ଦେଇଛି ।

## ଭାରତ ବିକାଶ ପରିଷଦ ଚନ୍ଦ୍ରଶେଖରପୁର ଶାଖାର

# ଭାରତ କୋ ଜାନୋ କୁଇଜ୍ ପ୍ରତିଯୋଗିତା

ଭୁବନେଶ୍ୱର, (ସବ୍ୟୁ): ଭାରତ ବିକାଶ ପରିଷଦ ଚନ୍ଦ୍ରଶେଖରପୁର ଶାଖା ପକ୍ଷରୁ ଭାରତ କୋ ଜାନୋ କୁଇଜ୍ ପ୍ରତିଯୋଗିତା ସ୍ଥାନୀୟ ନିଳାଦ୍ରୀ ବିହାର ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ସଭା କକ୍ଷରେ ଅନୁଷ୍ଠିତ ହୋଇଥିଲା । ଏହି ପ୍ରତିଯୋଗିତାରେ ଇଂରାଜୀ ତଥା ଓଡ଼ିଆ ମାଧମ ବିଦ୍ୟାଳୟ ଗୁଡ଼ିକରୁ ବରିଷ୍ଠ ବର୍ଗରେ ୧୦ ଟି ଦଳ ଭାଗ ନେଇଥିବା ବେଳେ କନିଷ୍ଠ ବର୍ଗରେ ୯ ଗୋଟି ଦଳ ଭାଗ ନେଇଥିଲେ । ବହୁ ଛାତ୍ରଛାତ୍ରୀ ଆଗ୍ରହର ସହ ଏଥିରେ ଅଂଶଗ୍ରହଣ କରି ଭାରତର ସଂସ୍କୃତି, ସାହିତ୍ୟ, ଇତିହାସ, ଭୂଗୋଳ, ସମ୍ବିଧାନ,ଖେଳ ପ୍ରଭୃତି ବିଷୟରେ ନିଜ ନିଜର ଜ୍ଞାନର ପ୍ରତିଭା ପ୍ରଦର୍ଶନ କରିଥିଲେ। କୁଇଜ୍ ଟିକୁ କୁଇଜ୍ ମାଷ୍ଟର ସଚ୍ଚିଦାନନ୍ଦ ନାୟକ ପରିଚାଳନା କରିଥିବା ବେଳେ ସ୍କୋର ବୋର୍ଡ ଦଶରଥ ନାୟକ,ସ୍କୋର ସିଟ୍ ସଚ୍ଚିଦାନନ୍ଦ ନାୟକ ଓ ସମୟ ରକ୍ଷକ ଭାବେ ରଘୁପତି ସାହୁ ଏହି କୁଇଜ୍ ପରିଚାଳନାରେ ସହଯୋଗ କରିଥିଲେ । ପରେ ପରେ ପ୍ରଦୀପ୍ତ କୁମାର ମହାରଣାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୁରସ୍କାର ପ୍ରଦାନ ଉତ୍ସବରେ ପ୍ରାନ୍ତ ପର୍ଯ୍ୟବେକ୍ଷକ ଭାବେ ଶ୍ରୀମତୀ ବିଜୟା ନନ୍ଦିନୀ ଦୁବେ ଯୋଗଦେଇ ଥିବା ବେଳେ ବିଶିଷ୍ଟ ସମାଜ ସେବୀ ଇଂ ଅଭୟ କୁମାର ସାମନ୍ତରାୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ନିଜ ଦେଶ,ନିଜ ଜାତିର ଉନ୍ନତି ପାଇଁ ଦେଶ ସଂପର୍କରେ ଜ୍ଞାନ ଆହରଣର ଆବଶ୍ୟକତା ସଂପର୍କରେ ଆଲୋକପାତ କରିଥିଲେ ।

କନିଷ୍ଠ ବର୍ଗର ପ୍ରତିଯୋଗିତାରେ ଶ୍ରୀ ଜୟଦେବ ଇଣ୍ଟରନେସନାଲ୍ ଶିକ୍ଷା କେନ୍ଦ୍ରର ଛାତ୍ର ଦ୍ୱୟ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ବରିଷ୍ଠ ବର୍ଗରେ ଡି ଏ ଭି ପବ୍ଲିକ ସ୍କୁଲ, କଳିଙ୍ଗ ନଗର ସ୍କୁଲର ଛାତ୍ର ଦ୍ୱୟ ପ୍ରଥମ ସ୍ଥାନ ଅଧିକାର କରିଥିଲେ । ଉଭୟ ଦଳ ଆସନ୍ତା ନଭେମ୍ବର ମାସର ୩ ତାରିଖରେ ନୟାଗଡ଼ ସ୍ଥିତ ଡି ଆର୍ ଡି ଏ ସମ୍ମିଳନୀ କକ୍ଷରେ ହେବାକୁ ଥିବା ପ୍ରାନ୍ତ ସ୍ତରୀୟ କୁଇଜ୍ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ । ପ୍ରତିଯୋଗିତାର ଉଭୟ ବର୍ଗରେ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ଅଧିକାର କରିଥିବା ଦଳଙ୍କୁ ଟ୍ରଫି ସହ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା । ଆବାହିକା ଶ୍ରୀମତୀ ମଧୁସ୍ମିତା ମହାନ୍ତି ସଭା ପରିଚାଳନା କରିଥିବା ବେଳେ ବରିଷ୍ଠ ସଦସ୍ୟ ସଚ୍ଚିଦାନନ୍ଦ ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ ଏବଂ ଶାଖା ସଚିବ ପୂର୍ଣ୍ଣଚନ୍ଦ୍ର ସାହୁ ଅତିଥି ଏବଂ ପର୍ଯ୍ୟବେକ୍ଷିକାଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇସମ୍ବର୍ଦ୍ଧିତ କରିଥିଲେ । ଶେଷରେ କୋଷାଧ୍ୟକ୍ଷ ମୂରଲୀଧର ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।




## ଓଇଏସ୍ ପକ୍ଷରୁ ବନ୍ୟଜୀବ ସପ୍ତାହ ପାଳିତ

# 'ପ୍ରାକୃତିକ ଐତିହ୍ୟର ସଂରକ୍ଷଣ ଏକାନ୍ତ ଆବଶ୍ୟକ'

ଭୁବନେଶ୍ୱର, (ସବ୍ୟୁ): ଆମର ପ୍ରାକୃତିକ ଐତିହ୍ୟ ପୃଥିବୀର ପରିସଂସ୍ଥା, ଜୈବବିବିଧତା ଏବଂ ଭୂଦୃଶ୍ୟକୁ ଅନ୍ତର୍ଭୁକ୍ତ କରେ, ଯାହା ଏହାର ଅନ୍ତର୍ନିହିତ ଗୁଣର ପରିପ୍ରକାଶ ଅଟେ । ଏଥିରେ କେବଳ ନବଶୃଙ୍ଗୀ ପର୍ବତମାଳା କିମ୍ବା ବିସ୍ତୃତ ଜଙ୍ଗଲାଞ୍ଚଳ ନୁହେଁ, ଏହି ପରିବେଶରେ ବସବାସ କରୁଥିବା ଅଗଣିତ ଜୀବଜାତିଙ୍କୁ ମଧ ଅନ୍ତର୍ଭୁକ୍ତ କରେ । ପରିବେଶ ସନ୍ତୁଳନ ବଜାୟ ରଖିବା, ମାନବ କଲ୍ୟାଣକୁ ସମର୍ଥନ କରିବା ଏବଂ ସାଂସ୍କୃତିକ ପରିଚୟକୁ ରକ୍ଷା କରିବା ପାଇଁ ଏହି ଉପାଦାନଗୁଡିକର ସଂରକ୍ଷଣ ଏକାନ୍ତ ଜରୁରୀ ଅଟେ । ମାତ୍ର ସାମ୍ପ୍ରତିକ ପରିସ୍ଥିତିରେ ଆମର ପ୍ରାକୃତିକ ଐତିହ୍ୟ ପାଇଁ ଏକ ପ୍ରମୁଖ ବିପଦ ହେଉଛି ଜଳବାୟୁ ପରିବର୍ତ୍ତନ, ଯାହା ଜୀବଜନ୍ତୁଙ୍କର ବାସସ୍ଥଳୀ ନଷ୍ଟ, ପାଣିପାଗର ପରିବର୍ତ୍ତନ ଏବଂ ପ୍ରାକୃତିକ ବିପର୍ଯ୍ୟୟର ବାରମ୍ବାରତାରେ ବୃଦ୍ଧି ଘଟାଇ ଚାଲିଛି । ଏହି ପ୍ରଭାବଗୁଡିକର ମୁକାବିଲା ପାଇଁ କୃଷି, ଶିଳ୍ପ ଏବଂ ସହରୀ ବିକାଶରେ ଚିରସ୍ଥାୟୀ ଅଭ୍ୟାସ ଗ୍ରହଣ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏହି ପରିପ୍ରେକ୍ଷୀରେ ପ୍ରଦୂଷଣକୁ ହ୍ରାସ କରିବା, ଜଳଉତ୍ସକୁ ସଂରକ୍ଷିତ ରଖିବା, ଅଙ୍ଗାରକ ପାଦଚିହ୍ନ କମାଇବା ଏବଂ ଜଳବାୟୁ ପରିବର୍ତ୍ତନ ସହିତ ମୁକାବିଲା କରିବା ଏକାନ୍ତ ଆବଶ୍ୟକ । ଐତିହ୍ୟ ସଂରକ୍ଷଣର ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି ବିଲୁପ୍ତପ୍ରାୟ ପ୍ରଜାତି ଏବଂ ସେମାନଙ୍କର ବାସସ୍ଥଳୀର ସୁରକ୍ଷା କରିବା । ଆମେ ଅନୁଭବ କରିବା ଅପରିହାର୍ଯ୍ୟ ଯେ ପ୍ରାକୃତିକ ଐତିହ୍ୟର ସୁରକ୍ଷା ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ ମାନବିକ ଦାୟିତ୍ୱ, ଯାହା ସାମୂହିକ ପ୍ରୟାସ ଏବଂ ପ୍ରତିବଦ୍ଧତା ଆବଶ୍ୟକ କରେ । ଓଡ଼ିଶା ପରିବେଶ ସମିତି ଆନୁକୂଲ୍ୟରେ ଜାତୀୟ ବନ୍ୟଜୀବ ସପ୍ତାହ ପାଳନ ଅବସରରେ 'ଆମର ପ୍ରାକୃତିକ ଐତିହ୍ୟର ସୁରକ୍ଷା' ପ୍ରସଙ୍ଗ ଉପରେ ଆୟୋଜିତ ଆଲୋଚନାଚକ୍ରରେ ଯୋଗଦାନ କରି ବିଶେଷଜ୍ଞମାନେ ଏପରି ମତ ପ୍ରଦାନ କରିଛନ୍ତି ।

ଓଇଏସ୍‌ର ସଭାପତି ଡ଼. ସୁନ୍ଦର ନାରାୟଣ ପାତ୍ରଙ୍କର ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ରୂପେ ଯୋଗଦାନ କରିଥିଲେ ବୈଜ୍ଞାନିକ ତଥା ଭୁବନେଶ୍ୱରର ଆଞ୍ଚଳିକ ପ୍ରାକୃତିକ ଇତିହାସ ସଂଗ୍ରହାଳୟର ମୁଖ୍ୟ ଶ୍ରୀ ଗୌରବ । ଆମର ପ୍ରାକୃତିକ ଐତିହ୍ୟର ସୁରକ୍ଷା ନିମନ୍ତେ ପାରମ୍ପାରିକ ସଂରକ୍ଷଣ ପଦ୍ଧତି ଯଥେଷ୍ଟ ମହତ୍ତ୍ୱ ବହନ କରେ ଏବଂ ସାମ୍ପ୍ରତିକ ପରିସ୍ଥିତିରେ ଶିକ୍ଷା ଏବଂ ସଚେତନତାର ବୃଦ୍ଧି ଏକ ଗୁରୁତ୍ୱପୂର୍ଣ୍ଣ ଉପାଦାନ ବୋଲି ସେ ବର୍ଣ୍ଣନା କରିଥିଲେ । ବ୍ୟକ୍ତିବିଶେଷଙ୍କୁ ପରିସଂସ୍ଥାର ମହତ୍ତ୍ୱ ଏବଂ ସେମାନେ ସମ୍ମୁଖୀନ ହେଉଥିବା ବିପଦ ସମ୍ପର୍କରେ ଉପଯୁକ୍ତ ଶିକ୍ଷା ପ୍ରଦାନ କରି, ଆମେ କାର୍ଯ୍ୟକୁ ପ୍ରେରଣା ଦେଇ ପାରିବ ଏବଂ ସଂରକ୍ଷଣ ସଂସ୍କୃତିର ବିକାଶ କରିପାରିବା । ସେ ଆହୁରି ମଧ ଗୁରୁତ୍ୱାରୋପ କରିଥିଲେ ଯେ ସ୍ଥାନୀୟ ସମ୍ପ୍ରଦାୟ, ଶିକ୍ଷାନୁଷ୍ଠାନ ଏବଂ ଅନ୍ୟାନ୍ୟ ସଂଗଠନ ସହ ଜଡ଼ିତ ହେବା ଏହି ପ୍ରୟାସକୁ ସୁଦୃଢ଼ ଏବଂ ପରିବେଶର ଅବନତି ବିରୋଧରେ ସମସ୍ତଙ୍କୁ ଏକଜୁଟ କରିପାରିବ । ଡ଼. ପାତ୍ର ତାଙ୍କ ସଭାପତି ଅଭିଭାଷଣରେ ପ୍ରାକୃତିକ ପରିସଂସ୍ଥା ଏବଂ ଜୈବବିବିଧତା ସଂରକ୍ଷଣର ଜଟିଳତାକୁ ସଠିକ୍ ରୂପେ ବୁଝିବା ସହିତ ରାଜନୈତିକ ପ୍ରତିବଦ୍ଧତା ବୃଦ୍ଧି କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । ସ୍ୱାଗତ ଭାଷଣ ପ୍ରଦାନ କରି ସମ୍ପାଦକ ଡ଼. ଜୟକୃଷ୍ଣ ପାଣିଗ୍ରାହୀ ବ୍ୟକ୍ତ କରିଥିଲେ ଯେ ସଂରକ୍ଷଣକୁ ପ୍ରାଥମିକତା ପ୍ରଦାନ କରି, ପ୍ରକୃତି ପ୍ରତି ଗଭୀର ସମ୍ମାନ ବଢ଼ାଇ ଆମେ ଭବିଷ୍ୟତ ପିଢ଼ି ପାଇଁ ଆମ ଗ୍ରହର ଅପୂରଣୀୟ ସମ୍ପଦକୁ ସୁରକ୍ଷିତ କରିପାରିବା । ପୂର୍ବତନ ପିସିସିଏଫ୍ ଡ଼. ବିଜୟ କେତନ ପଟ୍ଟନାୟକ ଜୈବିକ ସମ୍ବଳର ଅତ୍ୟଧିକ ଶୋଷଣ କିପରି ପ୍ରାକୃତିକ ଐତିହ୍ୟ ସଂରକ୍ଷଣରେ ବାଧା ସୃଷ୍ଟି କରେ ସେ ବିଷୟରେ ଆଲୋଚନା କରିଥିଲେ । ଅତିଥି ପରିଚୟ ପ୍ରଦାନ କରି ଉପସଭାପତି ଡ଼. ଲାଲା ଏକେ ସିଂହ ସଂରକ୍ଷଣ ବିଜ୍ଞାନର ଗବେଷଣାକୁ ପ୍ରାଧାନ୍ୟ ଦେବା ଉପରେ ଗୁରୁତ୍ୱ ଆରୋପ କରିଥିଲେ ଏବଂ ଯୁଗ୍ମ ସମ୍ପାଦକ ଇଂ ମନୋରଞ୍ଜନ ମିଶ୍ର ପରିଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଡ଼. ସୁଧାକର କର, ପ୍ର. କୃଷ୍ଣ ଚନ୍ଦ୍ର ସାହୁ, ପ୍ର. ଶିବ ପ୍ରସାଦ ଅଧିକାରୀ, ରବୀନ୍ଦ୍ର ନାଥ ପାଢ଼ୀ, ଇଂ ମାନଗୋବିନ୍ଦ ମିଶ୍ର ଏବଂ ଡ଼. ସୁରଭି ଜୈନ ଆଲୋଚନାରେ ଅଂଶଗ୍ରହଣ କରି ପ୍ରସଙ୍ଗର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ । ହାଇବ୍ରିଡ଼ ପଦ୍ଧତିରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ ବହୁ ପରିବେଶବିତ୍ ଏବଂ ବୁଦ୍ଧିଜୀବୀ ଯୋଗଦାନ କରିଥିଲେ ।



## ବାସେଳୀ ସାହି ଥାନାରେ ତଦନ୍ତ ବାହାନାରେ ୪ ବର୍ଷ ହେଲା ପଡ଼ି ରହିଛି ମାମଲା

# ହାଇକୋର୍ଟ ନିର୍ଦ୍ଦେଶ ଦେବାର ଏକ ମାସ ପୂରିଲାଣି ପୋଲିସ ଚୁପ୍

ପୁରୀ(ସବ୍ୟୁ): ସରକାରୀ ଅର୍ଥ ଆତ୍ମସାତ, ଠକେଇ ଓ ଜାଲିଆତି ସମ୍ପର୍କିତ ଦୀର୍ଘ ଚାରି ବର୍ଷ ହେଲା ବାସେଳୀ ସାହି ଥାନାରେ ପଡ଼ି ରହି ଥିବା ଏକ ଅପରାଧିକ ମାମଲାର ମାନ୍ୟବର ଓଡ଼ିଶା ହାଇକୋର୍ଟ ବିଚାର କରି ତଦନ୍ତ ଶୀଘ୍ର ଶେଷ କରିବା ସହ ନିର୍ଦ୍ଦିଷ୍ଟ ସିଦ୍ଧାନ୍ତରେ ଉପନୀତ ହେବା ପାଇଁ ଥାନା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେବାର ଇତି ମଧ୍ୟରେ ଏକ ମାସ ପୁରିଲାଣି ହେଲେ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନି ପୋଲିସଛ ମାମଲାର ଚାଲିଛି ତଦନ୍ତ । ମାମଲା ରୁଜୁ ହେବାର ଇତି ମଧ୍ୟରେ ୪ ବର୍ଷ ଅର୍ଥାତ୍ ୧୪୬୦ ଦିନ ଅତିକ୍ରାନ୍ତ ହୋଇଗଲାଣି ହେଲେ ଚାଲିଛି ତଦନ୍ତ । ଅନ୍ୟପକ୍ଷରେ ୨୦୨୧ ଡିସେମ୍ବର ୩୧ ତାରିଖ ସୁଦ୍ଧା ମାମଲାର ତଦନ୍ତ ଶେଷ କରି ଫାଇନାଲ ଫର୍ମ କୋର୍ଟରେ ଦାଖଲ କରିବା କେନ୍ଦ୍ରାଞ୍ଚଳ ପୋଲିସ ଆଇଜିଙ୍କ ନିର୍ଦ୍ଦେଶ ମଧ ୩ ବର୍ଷ ପୁରିଲାନି ହେଲେ ତଦନ୍ତ ସରୁନି ପୋଲିସର । ସେହିପରି ଥାନାରେ ମାମଲା ରୁଜୁ ହେବାର ଇତି ମଧ୍ୟରେ ଚାରି ଜଣ ଇନ୍ସପେକ୍ଟର କାର୍ଯ୍ୟରେ ଯୋଗ ଦାନ କରି ଏଠାରୁ ଅନ୍ୟତ୍ର ବଦଳି ହେଇ ଗଲେଣି ହେଲେ ସରୁନି ତଦନ୍ତଛ ତଦନ୍ତ ଶେଷ କରିବା ପାଇଁ ଅଭିଯୋଗକାରି ବାରମ୍ବାର ଜିଲ୍ଲା ଏସପିଙ୍କ ଠାରୁ ଆରମ୍ଭ କରି ପୋଲିସ ଡିଜି, କେନ୍ଦ୍ରାଞ୍ଚଳ ପୋଲିସ ଆଇଜି ଓ ମୁଖ୍ୟମନ୍ତ୍ରୀଙ୍କ ପର୍ଯ୍ୟନ୍ତ ଯାଇ ଗୁହାରି କଲେ ମଧ ମିଳୁନି ନ୍ୟାୟ । ମୁଖମନ୍ତ୍ରୀଙ୍କ ନିର୍ଦ୍ଦେଶକୁ ମାନୁ ନାହାନ୍ତି ଥାନା ଅଧିକାରୀ । ଗତ ୨୦୦୦ ମସିହା ସେପ୍ଟେମ୍ବର ୮ ତାରିଖରେ ପୁରୀ ସଦର ଏସଡିଜେମ କୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ସାମ୍ବାଦିକ ସୁନିଲ କୁମାର ମିଶ୍ରଙ୍କ ଅଭିଯୋଗ ଆଧାରରେ ତତ୍କାଳୀନ ଥାନା ଅଧିକାରୀ ଜୀବନ ଜେନା କେଶ ନମ୍ବର ୨୨୯/୨୦ କ୍ରମେ ଆଇପିସିର ଧାରା ୪୧୯/୪୨୦/ ୪୬୮/୪୭୧/୪୭୨/୧୨୦(ଖ) ଓ ୩୪ ବଳରେ ଏକ ମାମଲା ତ୍ରିଦେବ ନଗର ଅଙ୍ଗନୱାଡ଼ି ସେଣ୍ଟର୍ କର୍ମୀ ବିଷ୍ଣୁପ୍ରିୟା ମହାପାତ୍ର ଓ ଅନ୍ୟ କେତେକ ଅଭିଯୁକ୍ତଙ୍କ ବିରୋଧରେ ରୁଜୁ କରି ଥିଲେ । ତଦନ୍ତ ପାଇଁ ସବଇନସ୍ପେକ୍ଟରର ବିପ୍ଳବ ପ୍ରଧାନଙ୍କୁ ଦାୟିତ୍ୱ ଅର୍ପଣ କରି ଥିଲେଛ ହେଲେ ତଦନ୍ତରେ ଅଗ୍ରଗତି ହେଇ ନ ଥିଲା । ପରବର୍ତ୍ତୀ ସମୟରେ ତତ୍କାଳିନ ଏସପି କେ. ଭି. ସିଂ ତଦନ୍ତ ପାଇଁ ଇନ୍ସପେକ୍ଟର ସଞ୍ଜୀବ କୁମାର ପ୍ରଧାନଙ୍କୁ ନିର୍ଦ୍ଦେଶ ଦେଇ ଥିଲେ । ସଂଜୀଙ୍କ ଅନୁରୋଧ କ୍ରମେ ଜିଲ୍ଲା ଏସପିଙ୍କ କାର୍ଯ୍ୟାଳୟ ପକ୍ଷରୁ ଉକ୍ତ ଅଙ୍ଗନବାଡ଼ି କେନ୍ଦ୍ରର ୨୦୧୭-୧୮ ଓ ୨୦୧୮-୧୯ ସ୍ୱତନ୍ତ୍ର ଅଡିଟ ପାଇଁ ଜିଲ୍ଲାପାଳଙ୍କୁ ପତ୍ର ମାଧ୍ୟମରେ ଅନୁରୋଧ କରାଯାଇଥିଲା । ପୋଲିସର ଅନୁରୋଧ କ୍ରମେ ରାଜ୍ୟ ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ଏକ ସ୍ୱତନ୍ତ୍ର ଅଡିଟ କରା ଯାଇ ଥିଲା। ଉକ୍ତ ଅଡିଟ ରିପୋର୍ଟରେ ବିଷ୍ଣୁପ୍ରିୟାଙ୍କୁ ୩, ୪୨, ୬୮୬ ଟଙ୍କା ଦାଖଲ ପାଇଁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇ ଥିଲା । ଉକ୍ତ ରିପୋର୍ଟ ନକଲ ରାଜ୍ୟ ସରକାର ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ପୁରୀ ଜିଲ୍ଲାପାଳ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଓ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ, ପୁରୀ ମ୍ୟୁନିସିପାଲଟିଙ୍କୁ ପ୍ରଦାନ କରା ଯାଇ ଥିଲା । ପରବର୍ତ୍ତୀ ସମୟରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଉକ୍ତ ଅଡିଟ ରିପୋର୍ଟ ପୁରୀ ବାସେଳୀ ସାହି ଥାନା ଆଇଆଇସିଙ୍କ ନିକଟକୁ ପଠାଇ ଦେଇ ଥିଲେ । ହେଲେ ଜିଲ୍ଲା ମଙ୍ଗଳ ଅଧିକାରୀ ରିପୋର୍ଟ ପଠାଇବାର ଇତି ମଧ୍ୟରେ ଏକ ବର୍ଷ ପୂରଣ ହେବାକୁ ବସିଲାଣି ତଦନ୍ତ ସରୁନି ପୋଲିସର । ସେହିପରି ମାମଲା ଶୀଘ୍ର ତଦନ୍ତ ଶେଷ କରିବା ପାଇଁ ମୁଖ୍ୟମନ୍ତ୍ରୀ ଓଡ଼ିଶା ଓ ରାଜ୍ୟ ଗୃହ ବିଭାଗ, ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ କାର୍ଯ୍ୟାଳୟ ପକ୍ଷରୁ ଜିଲ୍ଲା ଏସପିଙ୍କ ନିକଟକୁ ନିର୍ଦ୍ଦେଶ ଆସିବାର ଇତି ମଧ୍ୟରେ ୩ ମାସ ପୁରିଲାଣି ହେଲେ ତଦନ୍ତ ସରୁନି ବସେଲି ସାହି ଥାନାର କି ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ କରିବା ପାଇଁ ସିଦ୍ଧାନ୍ତରେ ପହଞ୍ଚି ପାରୁନି ପୋଲିସଛ ଯାହାକୁ ନେଇ ଅଶୋନ୍ତଷ ପ୍ରକାଶ କରିଛନ୍ତି ଅଭିଯୋଗକାରିଛ ନ୍ୟାୟ ପାଇଁ ପୁନର୍ବାର ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବେ ବୋଲି କହିଛନ୍ତି ସୁନିଲ ।

# ଫାର୍ମ ବି ପ୍ରଡକ୍ଟସ୍‌ର ପଶ୍ଚିମ ଓଡିଶା ପ୍ରବେଶ

କଟକ (ସ୍ୱ.ପ୍ର): ଓଡିଶାର ଅଗ୍ରଣି ଖାଦ୍ୟ ଉତ୍ପାଦ ପ୍ରସ୍ତୁତକାରୀ ଉଦ୍ୟୋଗ ବିଶେଶ୍ୱର ଫୁଡ୍ସ ପ୍ରା. ଲି. ଆନୁକୂଲ୍ୟରେ ଫାର୍ମ ବି ବ୍ରାଣ୍ଡର ପଶ୍ଚିମ ଓଡ଼ିଶା ପ୍ରବେଶ ଯାତ୍ରା ଆରମ୍ଭ ହୋଇଛି। ରାଉରକେଲାର ଏକ ଘରୋଇ ହୋଟେଲ୍ ଠାରେ ଆୟୋଜିତ ଏହି ପ୍ରବେଶ ଯାତ୍ରାରେ ଓଡ଼ିଶାର ବିଶିଷ୍ଟ ମହିଳା ଉଦ୍ୟୋଗୀ ତଥା ଫାର୍ମ ବି ର ପ୍ରତିଷ୍ଠାତା ଓ ନିର୍ଦ୍ଦେଶୀକା ରଶ୍ମି ସାହୁ, ବରିଷ୍ଠ ପ୍ରବନ୍ଧକ ଶ୍ରୀକାନ୍ତ ମହାପାତ୍ର (ଫାଇନାନ୍ସ ଓ ଆକାଉଣ୍ଟସ୍), ବରିଷ୍ଠ ମ୍ୟାନେଜର ଶିଳ୍ପା ଦାସ (ପ୍ରଡକ୍ସନ) ଏବଂ ବରିଷ୍ଠ ପ୍ରବନ୍ଧକ ମନୋରଞ୍ଜନ ପରିଡା (ସେଲ୍ସ) ପ୍ରମୁଖ ଯୋଗ ଦେଇ ଏହାର ଶୁଭାରମ୍ଭ କରିଥିଲେ। ଓଡିଶାବାସୀଙ୍କ ସ୍ୱାସ୍ଥ୍ୟ ଏବଂ ଉନ୍ନତିକୁ ନଜରରେ ରଖି ଫାର୍ମ ବି ବ୍ରାଣ୍ଡର ଉତ୍ପାଦମାନ ସୁଲଭ ମୂଲ୍ୟରେ ଯୋଗାଇ ଦେବା ହିଁ କମ୍ପାନୀର ମୂଳ ଲକ୍ଷ୍ୟ । ଏହି ଲକ୍ଷ୍ୟରେ ସକାଳର ଜଳଖିଆ ଖାଦ୍ୟ କର୍ଣ୍ଣଫ୍ଲେକ୍ସ, ଚୋକୋ ବାଇଟ୍ସ୍, ମୁସିଲି, ଓଟ୍ସ୍ ଏବଂ ମିକ୍ସ ଛତୁଆ ଆଦି ପ୍ରଡକ୍ଟସ୍ ସୁସ୍ୱାଦୁ ସହ ସୁଲଭ ମୂଲ୍ୟରେ ଗ୍ରାହକଙ୍କ ନିକଟରେ ପହଞ୍ଚିବାକୁ ସକ୍ଷମ ହୋଇପାରିଛି । ଏହା ଛଡା ମିଲେଟ୍ ଯୁକ୍ତ ଉତ୍ପାଦମାନ ଯେପରିକି ରାଗିଫ୍ଲୋର୍ ମଧ ବଜାରରେ ଉପଲବ୍ଧ । ବଜାରରେ ଏହି ବ୍ରାଣ୍ଡର ଗ୍ଲୁଟେନ୍ ଅଟା ଉପଲବ୍ଧ ଯାହାକି ସ୍ୱାଦ ସହ ସ୍ୱାସ୍ଥ୍ୟର ମଧ ଧ୍ୟାନ ରଖେ। ଗୁଣବତ୍ତା, ଶୁଦ୍ଧତା ଏବଂ ସ୍ୱାସ୍ଥ୍ୟକର ପ୍ରଡକ୍ଟସ୍‌ମାନ ହେଉଛି ଫାର୍ମ ବି ର ମୂଳ ଲକ୍ଷ୍ୟ। ଏହାସହ ଆଗକୁ ମଧ ଆହୁରି ଅନେକ କିଛି ପ୍ରଡକ୍ଟସ୍ ଯଥା-ଡାଲି ଜାତୀୟ ଉତ୍ପାଦ ଏହି ବ୍ରାଣ୍ଡରେ ଆସିବ ବୋଲି ଶ୍ରୀମତୀ ସାହୁ ପ୍ରକାଶ କରିଥିଲେ। ଗ୍ରାହକଙ୍କ ଚାହିଦାକୁ ନଜରରେ ରଖି ଆମେ ସର୍ବଦା ପ୍ରଡକ୍ଟସ୍‌କୁ ବଜାରମୁଖୀ କରିବାକୁ ଚେଷ୍ଟା କରୁ ବୋଲି ଶିଳ୍ପା ଦାସ ପ୍ରକାଶ କରିଥିଲେ। ପଶ୍ଚିମ ଓଡିଶାରେ ଆମେ ଆଶା ରଖିଛୁ ଆମ ପ୍ରଡକ୍ଟସ୍‌କୁ ବହୁମାତ୍ରାରେ ଭଲ ପାଇବା ମିଳିବ ଓ ଆଗକୁ ମଧ ଲୋକମାନଙ୍କର ଚାହିଦାକୁ ନଜରରେ ରଖି ବିଭିନ୍ନ ସ୍ୱାସ୍ଥ୍ୟପୋଯୋଗୀ ଓ ପ୍ରିମିୟମ ଉତ୍ପାଦମାନ ଫାର୍ମ ବି ତିଆରି କରିବ ବୋଲି ପ୍ରକାଶ କରିଥିଲେ ଶ୍ରୀଯୁକ୍ତ ମହାପାତ୍ର । ବିଶିଷ୍ଟ ଶିଳ୍ପପତି, ରୁଚି ମସଲାର ପରିଚାଳନା ନିର୍ଦ୍ଦେଶକ ଡ. ଶରତ କୁମାର ସାହୁଙ୍କ ଆଦର୍ଶରେ ଓ ତାଙ୍କ ଦିଗଦର୍ଶନରେ ରୁଚି ଭଳି ଫାର୍ମ ବି ଓଡ଼ିଶା, ଭାରତ ତଥା ଭାରତ ବାହାରେ ରୁଚି ଭଳି ଲୋକପ୍ରିୟ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ ଡ. ସାହୁଙ୍କ ସୁ-କନ୍ୟା ତଥା ଫାର୍ମ ବି ର ନିର୍ଦ୍ଦେଶୀକା ଶ୍ରୀମତୀ ରଶ୍ମି ସାହୁ।



# ଡ୍ରିମ୍‌ସରେ ନବରାତ୍ରୀ ଉତ୍ସବ



କଟକ, (ସ୍ୱପ୍ର) : ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟ ଅଧିନସ୍ଥ ସ୍କୁଲ ଅଫ ଫେସନ୍ ଡିଜାଇନିଂ ଏବଂ ସ୍କୁଲ ଅଫ ହୋଟେଲ ମ୍ୟାନେଜମେଣ୍ଟ ପକ୍ଷରୁ ଶାରଦୀୟ ନବରାତ୍ରୀ ଉତ୍ସବ ପାଳିତ ହୋଇଥିଲା । ଆଭାସୀରେ କାର୍ଯ୍ୟକ୍ରମକୁ ଉଦଘାଟନ କରି ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ନବରାତ୍ରୀ ଓ ସାର୍ବଜନୀନ ଦୁର୍ଗାପୂଜାର ଅଭିନନ୍ଦନ ଜଣାଇବା ସହ ମା ଦୁର୍ଗାଙ୍କ ନିକଟରେ ସମସ୍ତଙ୍କ ସୁଖସମୃଦ୍ଧି କାମନା କରିଥିଲେ । ଏହି ଅବସରରେ ଛାତ୍ରଛାତ୍ରୀମାନେ ଜଗତଜନନୀ ମା ଦୁର୍ଗାଙ୍କ ବିବିଧ ବେଶ, ଗର୍ବା ନୃତ୍ୟ ପ୍ରଦର୍ଶନ ସହ ପାର୍ବଣର ସୁସ୍ୱାଦୁ ଖାଦ୍ୟ ପରିବେଷଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ବରିଷ୍ଠ ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ନିର୍ଦ୍ଦେଶିକା ଚିନ୍ମୟୀ ରଥ, ଉପଦେଷ୍ଟା ପ୍ରଫେସର ସୁଶାନ୍ତ କୁମାର ଦାସ, ନିର୍ଦ୍ଦେଶକ (ଛାତ୍ର କଲ୍ୟାଣ) ଲୋକନାଥ ବେହେରା, ପ୍ରାଧ୍ୟାପିକା ଦେବପ୍ରିୟା ମହାପାତ୍ର, ଅଧ୍ୟାପିକା ସଂଗୀତା ମହାନ୍ତି, ଅଧ୍ୟାପିକା ଶୁଭଶ୍ରୀ ତ୍ରିପାଠୀ, ଅଧ୍ୟାପକ ସଫରାଜ କାଦ୍ରୀ, ଅଧ୍ୟାପକ ସ୍ମୃତିରଂଜନ ସେନାପତି, ଡ. ପ୍ରଶାନ୍ତ ଶ୍ରୀବାସ୍ତବ, ଅଧ୍ୟାପକ ଉତ୍କଳ କେଶରୀ ଜେନା ଯୋଗଦେଇଥିଲେ । ଆୟୁଷ କୁମାର ଜେନା, ଖଗେଶ୍ୱର ସାହୁ କାର୍ଯ୍ୟକ୍ରମ ପରିଚାଳନା ଏବଂ ଡିନ୍ ବିକାଶ କୃଷ୍ଣ ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

## ମାରିସା ପକ୍ଷରୁ ମାରାଥନ୍ ରାଲି

# ଅଲଚିକି ଓ ନାରୀ ସୁରକ୍ଷା ଅଭିଯାନରେ ଦୌଡ଼ିଲେ ବହୁ ପ୍ରତିଯୋଗୀ




ବାରିପଦା, (ସବ୍ୟୁ) : ମାସ୍ ଆଦିବାସୀ ରିଭୋଲ୍ୟୁସନାରୀ ୟୁଥ୍ ଏଣ୍ଡ ଷ୍ଟୁଡେଣ୍ଟ ଆସୋସିଏସନ୍ (ମାରିସା)ର ରାଜ୍ୟସଭାପତି ଅର୍ଜ୍ଜୁନ୍ ମୁର୍ମୁଙ୍କ ପୌରହିତ୍ୟରେ ମିଶନ୍ ଅଲଚିକି – ୨୦୨୫ ଓ ନାରୀ ସୁରକ୍ଷା ଅଭିଯାନକୁ ତ୍ୱରାନ୍ୱିତ କରିବା ପାଇଁ ଏକ ମାରାଥନ୍ ରାଲି ଆୟୋଜିତ ହୋଇଥିଲା। ଏହାର ଉଦ୍ଦେଶ୍ୟ ହେଉଛି ଦୁଇଟି ଜଳନ୍ତ ପ୍ରସଙ୍ଗ ଉପରେ ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କରି ଏଥିରେ ବ୍ୟାପକ ଜନସଚେତନତା ସୃଷ୍ଟି କରିବା। ପ୍ରସଙ୍ଗ ହେଉଛି ସ୍ୱତନ୍ତ୍ର ସାନ୍ତାଳୀ ଲିପି ଅଲଚିକି'ର ବହୁଳ ପ୍ରଚାର ଓ ପ୍ରସାର ଓ ଅନ୍ୟଟି ହେଉଛି ବର୍ତ୍ତମାନର ସମାଜରେ ନାରୀର ସୁରକ୍ଷା ଯାହାକି ହେଉଛି ଏକ ସମ୍ବେଦନଶୀଳ ପ୍ରସଙ୍ଗ। ସ୍ଥାନୀୟ ଛଉ ପଡିଆଠାରେ ବାରିପଦା ବିଧାୟକ ପ୍ରକାଶ ସୋରେନ୍, ପୂର୍ବତନ କ୍ରୀଡା ମନ୍ତ୍ରୀ ସୁଦାମ ମାରାଣ୍ଡି, ମୟୂରଭଞ୍ଜ ଆଥେଲେଟିକ୍ ଆସୋସିଏସେନ୍ ର ସହ ସମ୍ପାଦକ ଅମର୍ ସେଠୀ, ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ସାନ୍ତାଳୀ ବିଭାଗର ଏଚ୍.ଓ.ଡି ଡଃ ଜତିନ୍ଦ୍ର ନାଥ୍ ବେଶ୍ରା, ବରିଷ୍ଠ ଆଇନଜିବୀ ସଚ୍ଚିଦାନନ୍ଦ ଆଚାର୍ଯ୍ୟ, ଜିଲ୍ଲାପୋରିଷଦ ସଭ୍ୟ ନରେନ୍ଦ୍ର ହାଁସଦାଃ, ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟର ସାନ୍ତାଳୀ ଅଧ୍ୟାପକ ଲକ୍ଷ୍ମଣ ବାସ୍କେ ଏବଂ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ସାନ୍ତାଳୀ ଅଧ୍ୟାପକ ଦୁର୍ଗା ସୋରେନ୍ ଯୋଗଦେଇ କାର୍ଯ୍ୟକ୍ରମ ଉଦ୍ଘାଟନ କରିବା ସହ ଏହି ମାରାଥନକୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏଥିରେ ମାରିସା ରାଜ୍ୟସଭାପତି ଅର୍ଜ୍ଜୁନ୍ ମୁର୍ମୁ ସମେତ ମୟୂରଭଞ୍ଜ ଜିଲ୍ଲା ସଭାପତି ତୋଫାନ୍ ହେମ୍ବ୍ରମ୍, ଉପ ସଭାପତି ରବିନ୍ଦ୍ର ମାର୍ଣ୍ଡି ଓ ସାଧାରଣ ସମ୍ପାଦକ ଚାନ୍ଦ ତାରାଶ୍ ମୁର୍ମୁ, ଜିଲ୍ଲା ଛାତ୍ର ସଭାପତି ଶ୍ୟାମ ସୁନ୍ଦର ହାଁସଦାଃ, ସାଧାରଣ ସମ୍ପାଦକ ଅରବିନ୍ଦ ଟୁଡୁ ଏବଂ ଉପସଭାପତି ଦିପୁ ବେଶ୍ରା, ଶୁଳିଆପଦା ବ୍ଲକ୍ ଛାତ୍ର ସଭାପତି ରାଜୁ ମାର୍ଣ୍ଡି, ରାଜେଶ ବେଶ୍ରା, ମିଶ୍ର ମୁର୍ମୁ, କିଶୁନ ହେମ୍ବ୍ରମ, ସାଓ୍ୱନା ହେମ୍ବ୍ରମ୍, ଚାନ୍ଦ୍ରାୟ ସୋରେନ୍ ଓ ସଂଗ୍ରାମ ମୁର୍ମୁ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଏହି ମାରାଥନ୍ ରାଲିରେ ସମୁଦାୟ ଅଂଶଗ୍ରହଣ କରିଥିବା ବହୁ ପ୍ରତିଯୋଗୀ ସ୍ଥାନୀୟ ଛଉ ପଡିଆଠାରୁ ବାହାରି ମା'ଅମ୍ବିକା ମନ୍ଦିର ଦେଇ ସମଗ୍ର ସହର ପରିକ୍ରମା କରି ପୁନର୍ବାର ସହିଦ୍ ସ୍ମୃତି ଭବନ ପରିସରରେ ପହଞ୍ଚି ଥିଲେ । ଏଥିରେ ମହିଳା ବର୍ଗର ସସ୍ମିତା ଟିଗା, ସାମନ୍ତା ଗେନ୍, ଦୀପ୍ତି ରାଣୀ, ନାମ୍‌ସି ସାମଦ, ଇତିଶ୍ରୀ ମହାନ୍ତ, ବାହ୍ଲି ମୁର୍ମୁ, ରାଜେସୋରି ସିଂ ଓ ମିତା ଗୋଇପାଇ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ, ତୃତୀୟ, ଚତୁର୍ଥ, ପଞ୍ଚମ, ଷଷ୍ଠ, ସପ୍ତମ ଓ ଅଷ୍ଟମ ସ୍ଥାନ ଅଧିକାର କରିଥିଲେ। ସେହିଭଳି ପୁରୁଷ ବର୍ଗର ଅଶୋକ ଦଣ୍ଡସେନା, ଦୟାନିଧି ମୁଣ୍ଡା, ଅନୁପମ୍ ମହାନ୍ତ, ପଞ୍ଚାନନ୍ ବେହେରା, ପବନ୍ କୁମାର ଯାଦବ, ଲାଲୁ କାଲୁନ୍ଦିଆ, ସୋରଜ୍ ବେହେରା ଓ କ୍ୟାପ୍ଟେନ୍ ପୂର୍ତ୍ତି ଯଥାକ୍ରମେ ପ୍ରଥମ, ଦ୍ୱିତୀୟ, ତୃତୀୟ, ଚତୁର୍ଥ, ପଞ୍ଚମ, ଷଷ୍ଠ, ସପ୍ତମ ଓ ଅଷ୍ଟମ ସ୍ଥାନ ଅଧିକାର କରିଥିଲେ । ଏହି ରାଲିରେ ଜିଲ୍ଲାପ୍ରଶାସନ, ପୁଲିସ୍ ଏବଂ ମେଡିକାଲ୍ ଟିମ୍ ସହଯୋଗ କରିଥିଲେ।

# ଚାନ୍ଦପୁର ମା' କଲ୍ୟାଣୀଙ୍କ ଯାତ୍ରାରେ ଲକ୍ଷାଧିକ ଭକ୍ତଙ୍କ ସମାଗମ

ରଙ୍ଗେଇଲୁଣ୍ଡା, (ସବ୍ୟୁ): ଗୋପାଳପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଚାନ୍ଦପୁର ଗ୍ରାମରେ ଆରମ୍ଭ ହୋଇ ଯାଇଛି ଜଗତଜନନୀ ମା କଲ୍ୟାଣୀଙ୍କ ଦଶ ଦିନ ବ୍ୟାପି ଯାତ୍ରା। ପ୍ରତିବର୍ଷ ମହାଳୟା ଠାରୁ ଆରମ୍ଭ ହୋଇ ଏହି ପବିତ୍ର ଯାତ୍ରା ଟି ଦଶହରା ଦିନ ଶେଷ ହୋଇଥାଏ। ବିଶେଷ କରି ପରମ୍ପରା ଅନୁସାରେ ମହାଷ୍ଟମୀ ଦିନ ମା ଙ୍କ ନିକଟରେ ଦୀପଦାନ ହୋଇ ଥାଏ, ସାରା ଗଞ୍ଜାମ ଜିଲ୍ଲା ସମେତ ପଡୋଶୀ ଆନ୍ଧ୍ର ରୁ ମଧ୍ୟ ବହୁ ଶ୍ରଦ୍ଧାଳୁ ଆସି ଦୀପ ଦାନ କରିଥାନ୍ତି। ଲୋକ ମତରେ ଯାହାର ଯେଉଁ ମାନସିକ ଥାଏ ମହାଷ୍ଟମୀ ରେ ଦୀପଟିଏ ଦେଇ ମା ଙ୍କ ଶରଣ ରେ ଗଲେ ଭକ୍ତଙ୍କ ମନସ୍କାମନା ପୂରଣ ହୋଇଥାଏ। ତେଣୁ ଆବାଳ ବୃଦ୍ଧ, ବନିତା, ମହିଳା ମା ମାନେ ଏହି ଦୀପ ଦାନ ରେ ସାମିଲ ହୁଅନ୍ତି। ଗ୍ରାମ ମଧ୍ୟ ଭାଗରେ ଥିବା ଦଳୁଆ ସାହି ସ୍ଥିତ ଅସ୍ଥାୟୀ ମଣ୍ଡପରେ ମା ପୂଜା ପାଇଥାନ୍ତି। ଉକ୍ତ ଦିନ ମାନଙ୍କରେ ବିଭିନ୍ନ ପ୍ରକାରର ମନୋରଞ୍ଜନ କାର୍ଯ୍ୟକ୍ରମ ହୋଇଥାଏ, ବିଶେଷ କରି ଗ୍ରାମ୍ୟକମିଟିଙ୍କ ଦ୍ୱାରା ଆୟୋଜିତ ଅପେରା ସବୁବେଳେ ମୁଖ୍ୟ ଆକର୍ଷଣ ହୋଇଥାଏ। ଗ୍ରାମ୍ୟ କମିଟିର ମୁଖ୍ୟ ବାଲ୍ୟରାମ ଦଳେଇଙ୍କ ସମେତ ବାବୁଲା ପାତ୍ର, ଧୀରେନ୍ଦ୍ର ପାତ୍ର, ଅଜିତ ଦଳାଇ, କାହ୍ନ ମହାନ୍ତି, ଶରତ ପାତ୍ର, ରାଜୁ, ସାଲୁ ପ୍ରମୁଖ ପରିଚାଳନା ରେ ସହଯୋଗ କରିଥାନ୍ତି।

# ନବରାତ୍ରରେ ମାଁ ଦୁର୍ଗା କଲର ସେଣ୍ଡ ଆନିମେସନ କଲେ ବାଲୁକା ଶିଳ୍ପୀ ସତ୍ୟ

ବ୍ରହ୍ମପୁର, (ସବ୍ୟୁ): ନବରାତ୍ରି ଅବସରରେ ମାଁ ଦୂର୍ଗାଙ୍କ କଲର ସେଣ୍ଡ ଆନିମେସନ କରିଛନ୍ତି ବାଲୁକା ଶିଳ୍ପୀ ସତ୍ୟ ନାରାୟଣ ମହାରଣାଛ ଯାହା କି ଅତି ଚମତ୍କାର ହୋଇଛି ମାଁଙ୍କ ମୁଖ ମଣ୍ଡଳ। କନ୍ୟା ରତ୍ନ ମାନଙ୍କୁ ଭଲ ପାଇବା ଓ ମହିଳା ମାନଙ୍କୁ ସମ୍ମାନ ଦେବା ନାରୀ ମନଙ୍କୁ ମାତୃ ରୂପରେ ଦେଖିବା। ଏହି କଳାର ଚିତ୍ର ମାଁ ଦୁର୍ଗା ସମସ୍ତଙ୍କୁ ସଦା ଖୁସିରେ ରଖନ୍ତୁ।

# ଡଃ ନୀଳକଣ୍ଠ ମିଶ୍ରଙ୍କ 'ସୁନା କୁଲେଇରେ, ରୂପା କୁଲେଇ ଲୋକାର୍ପିତ

ବାରିପଦା, (ସବ୍ୟୁ) : ଲବ୍ଧ ପ୍ରତିଷ୍ଠିତ ସାରସ୍ୱତ ସାଧକ କବି ଡଃ ନୀଳକଣ୍ଠ ମିଶ୍ରଙ୍କ ଲିଖିତ ଶିଶୁ କବିତା ପୁସ୍ତକ 'ସୁନା କୁଲେଇରେ, ରୂପା କୁଲେଇ ଶ୍ରୀମା ଶ୍ରୀଅରବିନ୍ଦଙ୍କ ନିକଟରେ ସମର୍ପଣ ପୂର୍ବକ ଲୋକାର୍ପିତ ହୋଇଯାଇଛି। ପୁସ୍ତକରେ ସନ୍ନିବେଶିତ ୪୦ଟି ଶିଶୁକବିତା ବେଶ ଉଚ୍ଚକୋଟୀର। କବିତା ଗୁଡିକ ନିଶ୍ଚିତ ଭାବେ ଶିଶୁ ମାନଙ୍କ ମନକୁ ଛୁଇଁ ପାରିବ ବୋଲି ପ୍ରକାଶିକା ଶାନ୍ତିଲତା ଆଚାର୍ଯ୍ୟ ମତବ୍ୟକ୍ତ କରିଛନ୍ତି। ଡଃ ମିଶ୍ର ଙ୍କ ଲିଖିତ ଏହା ୨୪ତମ ପୁସ୍ତକ। ଓଡ଼ିଶା ସାହିତ୍ୟ ଏକାଡେମୀ ସମ୍ବର୍ଦ୍ଧିତ ବରିଷ୍ଠ ସାରସ୍ୱତ ଡଃ ମିଶ୍ର ଙ୍କ ଲିଖିତ ଏହି ପୁସ୍ତକଟି ନିଶ୍ଚିତ ଭାବରେ ଓଡିଆ ବାଣୀଭଣ୍ଡାରକୁ ସମୃଦ୍ଧ କରିବ ବୋଲି ବହୁ ସାହିତ୍ୟିକ ଦୃଢ଼ ଆଶାପୋଷଣ କରିଛନ୍ତି। ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରୁ ଭୂମିପୁତ୍ର ସମ୍ମାନପାପ୍ତ କବି ଡଃ ନୀଳକଣ୍ଠ ମିଶ୍ର ପୁସ୍ତକ ପ୍ରକାଶନ ପାଇଁ ସମସ୍ତଙ୍କ ନିକଟରେ କୃତଜ୍ଞତା ବ୍ୟକ୍ତ କରିଛନ୍ତି।

# ଘୁମୁସର ବରିଷ୍ଠ ନାଗରିକ ମଞ୍ଚର ବୈଠକ



ଭଞ୍ଜନଗର, (ସବ୍ୟୁ): ରବିବାର ଦିନ ଘୁମୁସର ବରିଷ୍ଠ ନାଗରିକ ମଞ୍ଚର ବୈଠକ ସ୍ଥାନୀୟ ଜଙ୍ଗଲ ବିଭାଗ ବଙ୍ଗଳା ଠାରେ ଅନୁଷ୍ଠିତ ହୋଇଯାଇଛି। ମଞ୍ଚର ବରିଷ୍ଠ ସଦସ୍ୟ ଶିବରାମ ପଣ୍ଡାଙ୍କ ଅଧ୍ୟକ୍ଷତାରେ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ସମ୍ପାଦକଙ୍କ ବିବରଣୀ ପାଠ କରିଥିଲେ । ବୈଠକ ଆରମ୍ଭରେ ଭଞ୍ଜନଗର ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ପ୍ରଧାନଙ୍କ ବିୟୋଗରେ ନୀରବ ପ୍ରାର୍ଥନା କରାଯାଇଥିଲା। ଭଞ୍ଜନଗର ଦେଇ ଫୁଲବାଣୀକୁ ରେଳପଥ ନିର୍ମାଣ ଓ ଦକ୍ଷିଣ ଓଡିଶା ବିକାଶ ପରିଷଦ ଗଠନ ପାଇଁ ଦାବୀ କରାଯାଇ ପ୍ରସ୍ତାବ ଗୃହୀତ ହୋଇ ଥିଲା। ମଞ୍ଚର ସ୍ମରଣୀକ ପ୍ରକାଶ ପାଇଁ ସାତ ଦିନ ଭିତରେ ସମସ୍ତ ସଦସ୍ୟ ଫଟୋ ସଂପାଦକଙ୍କୁ ପ୍ରଦାନ ପାଇଁ ସ୍ଥିର କରାଗଲା। ଆୟୁଷ୍ମାନ ଯୋଜନାରେ ବରିଷ୍ଠ ନାଗରିକଙ୍କୁ ସରକାର ସାମିଲ କରିଥିବାରୁ ଆନନ୍ଦ ପ୍ରକାଶ ପାଇଥିଲା। ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟ ଓ ଖାଦ୍ୟ ବିଷୟରେ ସଚେତନତା ପ୍ରକାଶ କରି ସଭାପତି ଅନେକ ଉପଦେଶ ଦେବା ସହ ଆସନ ଓ ପ୍ରାଣାୟମର ଉପକାରିତା ବିଷୟରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ଗତ ୨୨. ୦୯. ୨୦୨୪ରେ ଭଞ୍ଜନଗର ଆର. ଏମ. ସି ସଭାଗୃହରେ ରାଜ୍ୟସ୍ତରୀୟ ସାମ୍ବାଦିକ ସମ୍ମିଳନୀରେ ସମ୍ବର୍ଦ୍ଧିତ ହୋଇଥିବା ବରିଷ୍ଠ ନାଗରିକ ମାଗୁଣି ମିଶ୍ରଙ୍କୁ ମଞ୍ଚ ତରଫରୁ ସ୍ୱାଗତ କରାଯାଇ ଥିଲା ଓ ଆଗାମୀ ବାର୍ଷିକ ଉତ୍ସବରେ ମଞ୍ଚ ତରଫରୁ ସମ୍ବର୍ଦ୍ଧନା ପ୍ରଦାନ ପାଇଁ ସ୍ଥିର କରାଗଲା। ସଦସ୍ୟ ପି : ସର୍ବିସରାଓ ପାତ୍ର ପୁଷ୍ପ ପ୍ରଦାନ କରି କର୍ମକର୍ତ୍ତା ମାନଙ୍କୁ ଅଭିନନ୍ଦନ ଜଣାଇଥିଲେ । ଆଗାମୀ ମାସର ବୈଠକ ନିକଟସ୍ଥ ବୃଦ୍ଧଖୋଲ ମନ୍ଦିରଠାରେ ଅନୁଷ୍ଠିତ ହେବାପାଇଁ ସର୍ବସମ୍ମତ କ୍ରମେ ସ୍ଥିର କରାଗଲା।। ଶେଷରେ ଉପସଭାପତି ବାଳକୃଷ୍ଣ ବେହେରା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିବା ପରେ ସଭାସାଙ୍ଗ କରାଯାଇଥିଲା। ଆଜିକାର ବୈଠକରେ ୨୫ଜଣରୁ ଅଧିକ ସଭ୍ୟ ଉପସ୍ଥିତ ଥିଲେ ।

# ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ମାତୃ କର୍ମଶାଳା

ବୁଗୁଡା, (ସବ୍ୟୁ) : ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପକ୍ଷରୁ ସ୍ୱପରିସରରେ ମାତୃ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଶିଶୁ ମନ୍ଦିର ପରିଚାଳନା ସମିତି ସଭାପତି ବ୍ରଜ କିଶୋର ପାଢ଼ୀଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସର୍ଦ୍ଦାର ଅନ୍ତର୍ଯ୍ୟାମୀ ବିଦ୍ୟାପୀଠର ଶିକ୍ଷୟିତ୍ରୀ ମିତାଲି ରାଣୀ ସାହୁ, ସମ୍ମାନିତ ଅତିଥି ଭାବେ ମାତୃ ଭାରତୀ ସଭାପତି ଟି.ଉମାରାଣୀ ପାତ୍ର ଓ ସଦସ୍ୟା ସନ୍ତୋଷିନୀ ପାତ୍ର ପ୍ରମୁଖ ଯୋଗ ଦେଇ ଉପସ୍ଥିତ ମାତୃ ମଣ୍ଡଳୀକୁ ମାର୍ଗ ଦର୍ଶନ କରିଥିଲା ବେଳେ ଶିଶୁ ବାଟିକା ପ୍ରମୁଖ ଗୁରୁମା ମମତା କୁମାରୀ ସାହୁ ମାତୃ କର୍ମଶାଳାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ଏ ଅବସରରେ ପ୍ରାରମ୍ଭ ଓ ବୋଧ ଶ୍ରେଣୀର ଶିଶୁଙ୍କ ନିମନ୍ତେ ଉର୍ଦ୍ଦିଷ୍ଟ ୧୨ଟି ଶୈକ୍ଷିକ ବ୍ୟବସ୍ଥା ମଧ୍ୟରୁ ବନ୍ଦନା, ଶାରୀରିକ, ଭାଷାଜ୍ଞାନ, ହସ୍ତକର୍ମ, ବିଜ୍ଞାନ ଓ ରଙ୍ଗମଞ୍ଚ ଆଦି ବିଷୟରେ ଆୟୋଜିତ କର୍ମଶାଳା ମାଧ୍ୟମରେ ମାଆମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ଏଥି ସହ ବିଭିନ୍ନ ବିଷୟ ଭିତ୍ତିକ କ୍ରିୟାକଳାପର ଶୈକ୍ଷିକ ପ୍ରଦର୍ଶନୀ ମଧ୍ୟ ଆୟୋଜିତ ହୋଇଥିଲାଛ ଏହି କାର୍ଯ୍ୟକ୍ରମକୁ ଗୁରୁମା ସୁଜାତା ମହାପାତ୍ର, ଅର୍ଚ୍ଚନାମୟୀ ପାତ୍ର, ଟିକିନା ବେହେରା, ପାପା ବିଷୋୟୀ ଓ ରାକ୍ଷୀ ସ୍ୱାଇଁ ପ୍ରମୁଖ ପରିଚାଳନା କରିଥିବା ବେଳେ ଗୁରୁମା ସୁମତି ମିଶ୍ର ଓ ହରପ୍ରିୟା ମିଶ୍ରଙ୍କ ସମେତ ଅନ୍ୟ ସେବାବ୍ରତୀମାନେ ଏଥିରେ ସକ୍ରିୟ ସହଯୋଗ କରିଥିଲେ। ଗୁରୁମା ରସନା ପ୍ରଧାନଙ୍କ ସଂଯୋଜନାରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମର ପ୍ରାରମ୍ଭରେ ପ୍ରଧାନାଚାର୍ଯ୍ୟ ଆଟଲ୍ ଲିଙ୍ଗରାଜ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପରିଶେଷରେ ପରିଚାଳନା ସମିତି ସମ୍ପାଦକ ରମେଶ ଚନ୍ଦ୍ର ଆଲଟିଆ ଧନ୍ୟବାଦ ଅର୍ପଣ କରିଥିଲେ।

# ଏଆଇଡିଏସଓ ପକ୍ଷରୁ ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ଉପଲକ୍ଷେ ପ୍ରତିଯୋଗିତା, ସଭା




ବାରିପଦା, (ସବ୍ୟୁ) : ଏଆଇଡିଏସଓ ମୟୂରଭଞ୍ଜ ଜିଲ୍ଲା କମିଟି ଉଦ୍ୟୋଗରେ ବାରିପଦା ସ୍ଥିତ ସରକାରୀ ମହିଳା ମହାବିଦ୍ୟାଳୟରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ଉପଲକ୍ଷେ ପ୍ରତିଯୋଗିତା ଅନୁଷ୍ଠିତ ହେବା ସହିତ ଏକ ସଭା ମାଧ୍ୟମରେ ପୁରସ୍କାର ବିତରଣ କରାଯିବା ସହିତ ସମସ୍ତ ଛାତ୍ରଛାତ୍ରୀଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। ଏହି ସଭାରେ ସଭାପତିତ୍ୱ କରିଥଲେ ସଂଗଠନର ମୟୂରଭଞ୍ଜ ଜିଲ୍ଲା ଅଫିସ୍ ସମ୍ପାଦକ ଯତୀନ ବାନରା, ମୁଖ୍ୟବକ୍ତା ଭାବରେ ଯୋଗଦେଇଥିଲେ ସଂଗଠନର ଓଡ଼ିଶା ରାଜ୍ୟ କମିଟି ସଭାପତି ସୋମନାଥ ବେହେରା, ଅନ୍ୟତମ ବକ୍ତା ଭାବରେ ସଂଗଠନର ଜିଲ୍ଲା ସଭାପତି ମଧୁସୂଦନ ନାଏକ ଏବଂ ଉପସ୍ଥିତରେ ଥିଲେ ମହାବିଦ୍ୟାଳୟର ଅଧ୍ୟକ୍ଷା ସାଗରିକା ସିଂ। ଏହି ସଭାରେ ମୁଖ୍ୟବକ୍ତା କହିଥିଲେ ଉତ୍କଳମଣି ଗୋପବନ୍ଧୁଙ୍କର ଜୀବନ ସଂଗ୍ରାମ ଆଜିବି ଦେଶରେ ଜନସାଧାରଣ ବିଶେଷ କରି ଛାତ୍ର ସମାଜ ପାଇଁ ପ୍ରେରଣାର ଉତ୍ସ। ସେ ପରାଧୀନ ଭାରତ ବର୍ଷରେ ଅତ୍ୟାଚାରୀ ବିଦେଶୀ ବ୍ରିଟିଶ ସରକାର ବିରୁଦ୍ଧରେ ଓ ଦେଶର ସାମନ୍ତବାଦୀ କୁପମଣ୍ଡୁକତା ଅଜ୍ଞତା, ଧର୍ମୀୟ ଅନ୍ଧତା, ଜାତିପ୍ରଥା, ସାମ୍ପ୍ରଦୟିକତା ବିରୁଦ୍ଧରେ ସଂଗ୍ରାମ କରିଥିଲେ। ଅସହାୟ, ନିର୍ଯାତିତ, ଆର୍ତ୍ତ, ମଣିଷର ମୁକ୍ତି ଚାହୁଁଥିଲେ। ସେଥିଲେ ଦୁର୍ଗତ ମାନବର ବନ୍ଧୁ। ମଣିଷ ପଣିଆର ଅନନ୍ୟ ଅଭିବ୍ୟକ୍ତି। ଗୋପବନ୍ଧୁଙ୍କର ନୈତିକ, ମୂଲ୍ୟବୋଧ, ଭିତ୍ତିକ ଶିକ୍ଷାର ବିପରିତରେ ବଢ଼ିଚାଲିଛି ମଦ, ମାଦକ ଦ୍ରବ୍ୟ, ଅଶ୍ଲୀଳତା, ଅପସଂସ୍କୃତି, ସ୍ୱାର୍ଥାସର୍ବସ୍ୱ, ଅର୍ଥସର୍ବସ୍ୱତାର ବ୍ୟାପକ ପ୍ରଚାର ପ୍ରସାର। ଯାହାର ପରିଣତିରେ ସମାଜ ସଂସ୍କୃତି ଦିଗରୁ କ୍ରମଶଃ ଅଧପତିତଃ ହୋଇଚାଲିଛି। ଏହି ପରିସ୍ଥିତିରେ ଏଆଇଡିଏସଓ ପକ୍ଷରୁ ସାରା ଦେଶରେ ମହାମନିଷୀ ମାନଙ୍କର ଜୟନ୍ତୀ ଓ ଶହୀଦ ଦିବସମାନ ପାଳନ କରାଯାଉଛି। ଏହି କାର୍ଯ୍ୟକ୍ରମର ସଂଗଠନର ମୟୂରଭଞ୍ଜ ଜିଲ୍ଲା କମିଟି ସଦସ୍ୟା ବୁଦ୍ଧନି ବାନରା, ପାର୍ବତୀ ମୁଣ୍ଡା ଲୋହା, ପୂଜା ସିଂ, ମୌସୁମୀ ନାଏକ, ପୁନ୍ତା ମାଝୀ, ବାସନ୍ତୀ ସିଙ୍କୁ, ଦୁଲାରି ଟୁଡୁ, ବସୁମତୀ ପାତ୍ର ଏବଂ ସଦସ୍ୟ ମାନସିଂ ହୋ, ରଞ୍ଜିତ ସିଂ, ବିନୋଦ କୁମାର ନାଏକ, ବାପୁନୁ ବାନରା, ସଞ୍ଜୟ ନାଏକ ପ୍ରମୁଖ ନେତୃତ୍ୱ ନେଇଥିଲେ।

# ଚଳିତ ବର୍ଷ ଧୂମଧାମରେ ପାଳନ ହେବ ମା' ଗଜଲକ୍ଷ୍ମୀଙ୍କ ପୂଜା

ଛତ୍ରପୁର, (ସବ୍ୟୁ) : ସ୍ଥାନୀୟ ଲୋୟାର ବସଷ୍ଟାଣ୍ଡ ସ୍ଥିତ ଲକ୍ଷ୍ମୀ କମ୍ପ୍ଲେକ୍ସ ପରିସରରେ ପୂଜା କମିଟି ପକ୍ଷରୁ ଦୀର୍ଘ ୨୫ ବର୍ଷରୁ ଉର୍ଦ୍ଧ୍ୱ ଧରି ମା ଗଜଲକ୍ଷ୍ମୀଙ୍କ ପୂଜା ଧୁମଧାମରେ ପାଳନ କରାଯାଉଛି ଛ ଚଳିତ ବର୍ଷ ମା ଗଜଲକ୍ଷ୍ମୀଙ୍କ ପୂଜାକୁ ଧୁମଧାମରେ ପାଳନ କରିବା ନିମନ୍ତେ ପୂଜା କମିଟି ପକ୍ଷରୁ ରବିବାର ସନ୍ଧ୍ୟା ରେ ଶୁଭଖୁଣ୍ଟି ସ୍ଥାପନ ହୋଇଛି, କର୍ମକାଣ୍ଡ ବିଶେଷଜ୍ଞ ତଥା ପଣ୍ଡିତ ସରୋଜ କୁମାର ଶତପଥିଙ୍କ ଦ୍ୱାରା ବିଭିନ୍ନ ପୂଜା ପାଠ ଅନୁଷ୍ଠିତ ହୋଇଥିଲା ଛ ଏହି ଅବସର ରେ ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ, ଓକିଲ ସଂଘ ର ସଭାପତି ପ୍ରଦୀପ କୁମାର ପାଢ଼ୀ, ଶ୍ରମିକ ନେତା ଏନ. ଦୁର୍ଯ୍ୟୋଧନ ରେଡ୍ଡୀ, ଯୁବ ନେତା ରୁଇନା ପଟ୍ଟନାୟକ, ଲକ୍ଷ୍ମୀ ନାରାୟଣ ପଣ୍ଡା, ବନୋଜ ନାହାକ ଓ ବାପି ଦାସ , ପୂର୍ବତନ କାଉନସିଲର ବି. ରାଜୁବାବୁ, କାଉନସିଲର ଦେବାଶିଷ ମିଶ୍ର, ଶିକ୍ଷକ ନେତା ରବି ନାରାୟଣ ବେହେରା, ସୁଦାମ ରାଉଳ, ଶତ୍ରୁଘ୍ନ ମହାଙ୍କୁଡ, ପ୍ରମୋଦ କୁମାର ସାହୁ, ଅଟଳ ବିହାରୀ ପଟ୍ଟନାୟକ, ସିଏଚ କ୍ରିଷ୍ଣା ରେଡ୍ଡୀ ଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ସାମ୍ବାଦିକ ଏବଂ ପୂଜା କମିଟିର ସମସ୍ତ କର୍ମକର୍ତା ଏବଂ ବହୁ ସଦସ୍ୟ ମାନେ ଉପସ୍ଥିତ ଥିଲେ ଛଆସନ୍ତା ୧୫ ତାରିଖ ଦିନ ସନ୍ଧ୍ୟା ସମୟରେ ଜଳଯାତ୍ରା ଓ ଅଙ୍କୁରା ରୋପଣ, ୧୬ ତାରିଖ ଦିବା ୧୦ଘଣ୍ଟ ୩୦ମିନିଟ୍ ସମୟରେ କାର୍ଯ୍ୟାରମ୍ଭ ଓ ୨୨ ତାରିଖ ଦିନ ୧.୧୫ ମିନିଟ୍ ସମୟରେ ପୂର୍ଣ୍ଣାହୁତି ହେବା ନିମନ୍ତେ ସମୟ ଧାର୍ଯ୍ୟ କରାଯାଇଛି ଛ ଏହି ପୂଜା ୭ ଦିନ ଧରି ଚାଲିବାକୁ ଥିବା ବେଳେ ପ୍ରତିଦିନ ମା ଗଜଲକ୍ଷ୍ମୀଙ୍କ ସକାଳ ଆରତୀ ସହିତ ପୂଜାର୍ଚ୍ଚନା ଓ ସନ୍ଧ୍ୟା ଆଳତୀ କରାଯିବ ବୋଲି ପୂଜା କମିଟି ପକ୍ଷରୁ ସୂଚନା ମିଳିଛି ଛ ପୂଜା କମିଟି ର ସଭାପତି ବସନ୍ତ କୁମାର ମହାରଣା କର୍ତ୍ତା ଭାବେ ପୂଜା କରିଥିବା ବେଳେ ସମସ୍ତେ ସହଯୋଗ କରିଥିଲେ ।

# ଲକ୍ଷ୍ମୀ ବସ୍ ଚଳାଚଳ ନିଷ୍ପତ୍ତି ବିରୋଧରେ ୨୪ ଘଣ୍ଟିଆ ବସ୍ ଚଳାଚଳ ବନ୍ଦ ଡାକରା

ଫୁଲବାଣୀ, (ସବ୍ୟୁ): କନ୍ଧମାଳ ଜିଲ୍ଲା ଘରୋଇ ବସ ମାଲିକ ସଂଘ ତରଫରୁ ସରକାରଙ୍କ ପକ୍ଷରୁ ଗ୍ରାମାଞ୍ଚଳରୁ ଜିଲ୍ଲା ମୁଖ୍ୟାଳୟ କୁ ଲକ୍ଷ୍ମୀ ବସ୍ ଚଳାଚଳକୁ ବିରୋଧ କରି ୨୪ ଘଣ୍ଟିଆ ବନ୍ଦ ଡାକରା ଦିଆଯାଇଛି । ଆଜି ଫୁଲବାଣୀ ବସଷ୍ଟାଣ୍ଡରେ ଥିବା ସଂଘର କାର୍ଯ୍ୟାଳୟରେ ଏକ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି କନ୍ଧମାଳ ଜିଲ୍ଲା ଘରୋଇ ବସ ମାଲିକ ସଂଘର ସମ୍ପାଦକ ଅକ୍ଷୟ କୁମାର ପଟ୍ଟନାୟକ। ଏହି ଅବସରରେ ସଂଘର ଉପସଭାପତି ପ୍ରଶାନ୍ତ କୁମାର ପାତ୍ରଙ୍କ ସମେତ ଅନ୍ୟ କର୍ମକର୍ତ୍ତା ମାନେ ଉପସ୍ଥିତ ଥିଲେ। ଏହି ଅବସରରେ ସଂଘ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁସାରେ , ଗତ ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ବିଗତ ସରକାର ଗ୍ରାମାଞ୍ଚଳର ଲୋକମାନଙ୍କ ସୁବିଧା କରିବା ଉଦ୍ଦେଶ୍ୟରେ ଜନହିତକର ଯୋଜନା ନାମରେ ଲକ୍ଷ୍ମୀ ବସ୍ ସେବା ଆରମ୍ଭ କରି ରାଜ୍ୟର ଜଣେ ଏବଂ ରାଜ୍ୟ ବାହାରର ଦୁଇଟି ଘରୋଇ କମ୍ପାନୀକୁ କିମି ପିଛା ୭୦ ରୁ ୭୫ ଟଙ୍କା ଦରରେ ଠିକା ଦେଇ ଏହି ବସ ସେବା ଆରମ୍ଭ କରିଥିଲେ। ସେଥିପାଇଁ ଲୋକଙ୍କ ଠାରୁ ୫ ଟଙ୍କା ଗାଡି ଭଡା ନେଇ ଏହି ସେବା ଆରମ୍ଭ କରିଥିଲେ। ଏହାର ପରିଣାମ ସ୍ୱରୂପ ଦୀର୍ଘ ଦିନ ଧରି କୋଟିକୋଟି ଟଙ୍କାର କ୍ଷତି ସହିବାକୁ ପଡ଼ିଛି। ଏଥି ସହିତ ଏହି ଯୋଜନାର ପ୍ରଭାବରେ ପୂର୍ବରୁ ଚାଲିଥିବା ଘରୋଇ ବସ ଚଳାଚଳ ମଧ୍ୟ ପ୍ରଭାବିତ ହେଉଛି। ଏଥିପାଇଁ ଘରୋଇ ବସ ମାଲିକ ମାନଙ୍କୁ ମଧ୍ୟ କ୍ଷତି ସହିବାକୁ ପଡ଼ିଛି। ରାଜ୍ୟ ସରକାର ବ୍ଲକ୍ ଠାରୁ ଜିଲ୍ଲା ମୁଖ୍ୟାଳୟ କୁ କିମି ପିଛା ୯୬ ଟଙ୍କାରେ ଠିକା ସଂସ୍ଥା ଜରିଆରେ (ଟୁ ଟାୟାର୍) ଦ୍ୱିତୀୟ ପର୍ଯ୍ୟାୟର ଏହି ବସ ସେବା ଆରମ୍ଭ କରିବାକୁ ନିଷ୍ପତ୍ତି ନେଇଥିଲେ। ଯାହାକୁ ବିରୋଧ କରି ରାଜ୍ୟ ସଂଘ ଆନ୍ଦୋଳନ କରିଥିଲା। ଯାହାକୁ ବର୍ତମାନର ମୁଖ୍ୟମନ୍ତ୍ରୀ ଆନ୍ଦୋଳନ ସ୍ଥଳକୁ ଆସି ତାଙ୍କ ସରକାର ଆସିଲେ ଏହାକୁ ବନ୍ଦ କରିବାକୁ ପ୍ରତିଶ୍ରୁତି ମଧ୍ୟ ଦେଇଥିଲେ। ହେଲେ ଏହି ସରକାର ପୁଣି ଏହି ବସ ସେବା ଆରମ୍ଭ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏହାର ପରିଣାମ ସ୍ୱରୂପ ଆମକୁ ପ୍ରଭୁତ କ୍ଷତି ସହିବାକୁ ପଡୁଛି। ତେଣୁ ଦାକ୍ଷିଣାଞ୍ଚଳ ଓ ପୂର୍ବାଞ୍ଚଳ ବସ ମାଲିକ ସଂଘ ପକ୍ଷରୁ ଆସନ୍ତା ୭ ତାରିଖ ସନ୍ଧ୍ୟା ୬ଟା ଠାରୁ ଆସନ୍ତା ୮ ତାରିଖ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ବସ୍ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ କରିବା ପାଇଁ ନିଆ ଯାଇଥିବା ନିଷ୍ପତ୍ତି କୁ ସମର୍ଥନ କରି କନ୍ଧମାଳରେ ମଧ୍ୟ ସମସ୍ତ ଘରୋଇ ବସ୍ ଚଳାଚଳ ବନ୍ଦ ରହିବ ବୋଲି ନିଷ୍ପତ୍ତି ହୋଇଛି ବୋଲି ସୂଚନା ଦେଇଛନ୍ତି ।

# ହଷ୍ଟେଲ ପରିଚାଳନାରୁ ଶିକ୍ଷକଙ୍କୁ ନିବୃତ୍ତ ଦାବି




ଫିରିଙ୍ଗିଆ, (ସବ୍ୟୁ): କନ୍ଧମାଳ ଜିଲା ନିଖିଳ ଉତ୍କଳ କଲ୍ୟାଣ ଶିକ୍ଷକ ଓ ଶିକ୍ଷା ନୀରିକ୍ଷକ ସଂଘ ପକ୍ଷରୁ ବିଭିନ୍ନ ଦାବି ପୂରଣ ନେଇ ଶନିବାର ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ବିଶେଷ କରି ସରକାରଙ୍କ ଏସ୍ସି ଏସ୍ଟି ବିଭାଗ ଅଧିନରେ ଚାଲିଥିବା ବିଦ୍ୟାଳୟରେ ହଷ୍ଟେଲ ପରିଚାଳନାରୁ ଶିକ୍ଷକଙ୍କୁ ନିବୃତ କରିବାକୁ ଅନୁରୋଧ କରାଯାଇଛି ଶିକ୍ଷକଙ୍କ ପ୍ରାଥମିକ ଦାୟିତ୍ୱ ହେଉଛି ପିଲାମାନଙ୍କୁ ଗୁଣାତ୍ମକ ଶିକ୍ଷା ଦେବା। ଆମ ବିଭାଗରେ ପିଲାମାନଙ୍କ ତୁଳନାରେ ଶିକ୍ଷକ କମ ରହିଛନ୍ତି ଛ ଜଣେ ଶିକ୍ଷକଙ୍କୁ ଗୋଟିଏ ଦିନରେ ୬ରୁ ୭ ଟି ପିରିୟଡ ପାଠ ପାଇବାକୁ ପଡୁଛି । କିନ୍ତୁ ଆମକୁ ଯେଉଁ ଅତିରିକ୍ତ ଦାୟିତ୍ୱରେ ଛନ୍ଦି ଦିଆଯାଇଛି, ତାହା ଶିକ୍ଷାଦାନରେ ମାଧା ସୃଷ୍ଟି କରୁଛି ଛ ମଧ୍ୟାହ୍ନ ଭୋଜନ ପରିଚାଳନା, ବିଲ ପ୍ରସ୍ତୁତି, ଛାତ୍ର ବୃତି ପୋର୍ଟାଲ, ବିଭିନ୍ନ ପ୍ରବେଶିକା ପରୀକ୍ଷା ପାଇଁ ଆବେଦନ, ସକାଳେ ଏବଂ ସନ୍ଧ୍ୟାରେ କୋଚିଂ କ୍ଲାସ ଆଦି ଅତିରିକ୍ତ ଦାୟିତ୍ୱ ଆମ କାର୍ଯ୍ୟଭାରକୁ ଯଥେଷ୍ଟ ବୃଦ୍ଧି କରୁଛି । ଯାହା ଫଳରେ ପିଲାମାନେ ଗୁଣାତ୍ମକ ଶିକ୍ଷା ପାଇବାରେ ଅବହେଳିତ ହେଉଛନ୍ତି । ମେସ ପରିଚାଳନାରେ ବ୍ୟାପକ କାର୍ଯ୍ୟ, ହଷ୍ଟେଲ ପରିଚାଳନାରେ ଉତ୍ସର୍ଗୀକୃତ କର୍ମଚାରୀ ଆବଶ୍ୟକ । ବାଳିକା ହଷ୍ଟେଲର ସୁରକ୍ଷା, ନିରାପତା, ପରିଚାଳନା ପାଇଁ ମ୍ୟାଟ୍ରନ ନିଯୁକ୍ତ କରାଯାଇଛି । କିନ୍ତୁ ସମ୍ପୂର୍ଣ୍ଣ ଦାୟିତ୍ୱ ଶିକ୍ଷକଙ୍କୁ ଦିଆଯାଉଛି । ତେଣୁ ଏସବୁ ସମସ୍ୟାକୁ ଦୃଷ୍ଟିରେ ରଖି ଅନ୍ୟ କର୍ମଚାରୀଙ୍କୁ ନିଯୁକ୍ତି ଦିଆଯାଉ ଛ ଶିକ୍ଷକଙ୍କୁ କେବଳ ଶିକ୍ଷାଦାନରେ ଲିପ୍ତ ରହିବାକୁ ଅନୁମତି ଦିଆଯାଉ । ସେହିପରି ଆମ ବିଭାଗରେ ମେରିଟ ତାଲିକା ଉପରେ ଆଧାର କରି ବରିଷ୍ଠତା ନିୟମ ଅନୁସାରେ ଏମସିଟି ଶିକ୍ଷକଙ୍କ ଗ୍ରେଡେସନ ତାଲିକା, ଜିଲାସ୍ତରରେ ପଦୋନ୍ନତି ବ୍ୟବସ୍ଥା, ଏମ୍ସିଟି ଶିକ୍ଷକମାନଙ୍କୁ ଟିଜିଟି ଏବଂ ହେଡ ସେବକ ପଦବୀକୁ ନିୟମତି କରିବାକୁ ସଂଘ ଦାବି କରିଛି । ସଂଘ ସଭାପତି ରଂଜନ କୁମାର ପାଣି, ଉପ ସଭାପତି ରଂଜିତ କୁମାର ପ୍ରଧାନ, ମିନି ନାୟକ, ସାଧାରଣ ସମ୍ପାଦକ ସୁଧିର କୁମାର ସାହୁ, ଯୁଗ୍ମ ସମ୍ପାଦକ ତ୍ରିଲୋଚନ ପଣ୍ଡା, ସାରଳା ବେହେରା, ସଂଗଠନ ସମ୍ପାଦକ ସୁରଥ ଚନ୍ଦ୍ର ମୁନି, ଶୁଭମ ସଜନଙ୍କ ସମେତ ବହୁ ଶିକ୍ଷୟିତ୍ରୀ ଶିକ୍ଷକ ଆସି ଏହି ଦାବିପତ୍ର ପ୍ରଦାନ କରିଥିଲେ।

# ହତ୍ୟା ଘଟଣା, ଥାନାରେ ତଦନ୍ତ ପାଇଁ ପହଞ୍ଚିଲେ କ୍ରାଇମବ୍ରାଞ୍ଚ ଟିମ୍

ଫିରିଙ୍ଗିଆ, (ସବ୍ୟୁ): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଗୋଛାପଡ଼ା ଥାନା ବାଳନ୍ଦାପଡ଼ା ଫାଣ୍ଡି ଅଧୀନରେ ଥିବା ଲୋଇସିଂ ପଞ୍ଚାୟତର ଡାଙ୍ଗାଣାମୁ ଗାଁ ନିକଟରେ ବୌଦ୍ଧ ଜିଲ୍ଲା କଣ୍ଟାମାଳ ଥାନା ଅଂଚଳର ଜ୍ୟେଷ୍ଠ ବଣ୍ଡକି ନାମକ ଜଣେ ଯୁବକଙ୍କ ହତ୍ୟା ଘଟଣାରେ ଶନିବାର ମାମଲା କୁ କ୍ରାଇମବ୍ରାଞ୍ଚକୁ ହସ୍ତାନ୍ତର କରିଛନ୍ତି ରାଜ୍ୟ ସରକାର । ଏହି ନିର୍ଦ୍ଦେଶ ନାମା ଜାରି କରିବା ପରେ ଗୋଛାପଡ଼ା ଥାନାକୁ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି କ୍ରାଇମବ୍ରାଞ୍ଚ ର ତିନିଜଣିଆ ଏକ ସ୍ୱତନ୍ତ୍ର ଟିମ । କ୍ରାଇମବ୍ରାଞ୍ଚ ରଜତ କୁମାର ରାୟ ନାମକ ଜଣେ ଡ଼ିଏସପି ଘଟଣାର ତଦନ୍ତ ଦାୟିତ୍ୱ ନେଇଥିବା ବେଳେ ଶନିବାର ତିନି ଜଣିଆ ଟିମ ଆସି ଗୋଛାପଡ଼ା ଥାନାରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି । ପ୍ରଥମେ ଗୋଛାପଡା ଥାନାରେ କନ୍ଧମାଳ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ବଳଭଦ୍ର ଦୀପ ଓ ଏସଡିପିଓ ସୁ ପ୍ରସନ୍ନ ମଲ୍ଲିକ ଙ୍କ ସହ ଆଲୋଚନା କରିବା ସହ ଜବତ ହୋଇ ଥାନାରେ ଥିବା ମୃତ ଜ୍ୟେଷ୍ଠ ବଣ୍ଡକିଙ୍କ ବାଇକ୍‌କୁ ଦେଖିଥିଲେ ଏବଂ ପରେ ଏହି ଟିମ ଘଟଣାସ୍ଥଳକୁ ଯାଇ କଉ ପରିସ୍ଥିତିରେ ତାଙ୍କର ହତ୍ୟା ହୋଇଥିଲା ତାହାର ସ୍ଥିତି ପରଖିଥିଲେ । ସେପଟେ ଏହି ଟିମ ସହ ସାଇଣ୍ଟିଫିକ ଟିମ ସାଇବର ଟିମ୍ ଓ ସ୍ପେଶଲ୍ ସ୍କ୍ୱାର୍ଡ ର ଏକ ଟିମ ମଧ୍ୟ ରହିଥିବା ସୂଚନା ମିଳିଛି । ତେବେ ଏହି ଘଟଣାକୁ ନେଇ ସ୍ଥାନୀୟ ଅଂଚଳରେ ଜନସଧାରଣ ଙ୍କ ମାଧ୍ୟମରେ ଏକ ପ୍ରକାର ଅସନ୍ତୋଷ ଦେଇଥିବା ବେଳେ ଏହାକୁ ନେଇ ଶନିବାର ମୃତଙ୍କ ପରିବାର ଲୋକଙ୍କ ସହ କଣ୍ଟାମାଳ ଅଂଚଳର ଜନସାଧାରଣ ଓ ଗୋଛାପଡା ଅଞ୍ଚଳର ଜନସାଧାରଣ ଅଭିଯୁକ୍ତ ମାନଙ୍କୁ ଗିରଫ କରିବା ସହ ମୃତକ ଙ୍କ ପରିବାର ଲୋକଙ୍କୁ କ୍ଷତିପୂରଣ ଦାବିରେ ଥାନା ଘେରାଉ କାର୍ଯ୍ୟକ୍ରମ ରହିଥିଲା । କିନ୍ତୁ ଶନିବାର ସକାଳ ଦଶଟା ସମୟରେ ଘଟଣାକୁ କ୍ରାଇମବ୍ରାଞ୍ଚ କୁ ହସ୍ତାନ୍ତର କରାଯାଇଥିବା ସୂଚନା ମିଳିବା ପରେ ଥାନା ଘେରାଉକୁ ସ୍ଥଗିତ କରାଯିବା ସହ ଗୋଛାପଡା ଠାରେ ଥିବା କୁଇସମାଜ ଶେବା ସମିତି ର କାର୍ଯ୍ୟାଳୟ ଠାରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ସଲାଗୁଡ଼ା ସରପଞ୍ଚ ରୋହିତ କହଁରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସଭାରେ ପୂର୍ବତନ ବିଧାୟକ ଅଙ୍ଗଦ କହଁରଙ୍କ ସହ କୁଇସମାଜର ଜିଲ୍ଲା ସଭାପତି ସୁଦର୍ଶନ କହଁର, ଗୋଲକ କହଁର, ରଘୁପତି କହଁର ଓ ଅଂଚଳର ଶତାଧିକ ଲୋକ ଉପସ୍ଥିତ ଥିଲେ। ପରେ ଏହି ଘଟଣାର ସ୍ଥିତି ଅନୁଧାନ କରିବା ପାଇଁ ଜିଲ୍ଲା ମୁଖ୍ୟାଳୟ ଙ୍କୁ ଆସିଥିବା ଦକ୍ଷିଣାଞ୍ଚଳ ଡିଆଇଜି ସାର୍ଥକ ଷଡ଼ଙ୍ଗୀ ଓ କନ୍ଧମାଳ ଜିଲ୍ଲାରେ ଆରକ୍ଷୀ ଅଧିକ୍ଷକ ଭାବରେ ନୂତନ ଭାବରେ ଯୋଗଦେଇଥିବା ହରିଶ ବିଶିଙ୍କୁ ଆନ୍ଦୋଳନ କାରି ମାନେ ଭେଟିବା ସହ ଏକ ଦାବିପତ୍ର ପ୍ରଦାନ କରିଥିଲେ । ତେବେ ସୂଚନା ଅନୁସାରେ ଗତ ୨୬ ତାରିଖ ଦିନ ଗୋଛାପଡା ଥାନାରେ ଜଣେ ଏସ ଆଇ, ଜଣେ ହାବିଲଦାର ଓ ତିନି ଜଣ ହୋମଗାର୍ଡ ଗଞ୍ଜେଇ ଧରିବା ନାରେ କଣ୍ଟାମଲ ଅଞ୍ଚଳର ଜ୍ୟେଷ୍ଠ ବଣ୍ଡକି ନାମକ ଜଣେ ଯୁବକଙ୍କୁ ହତ୍ୟା କାରିଥିବା ନେଇ ମୃତକଙ୍କ ସ୍ତ୍ରୀ ଗୋଛାପଡା ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗ ଆଧାରରେ ଘଟଣାକୁ ନେଇ ଗୋଛାପଡ଼ା ଥାନାରେ ଏକ ହତ୍ୟା ମାମଲା ରୁଜୁ କରିବା ସହ ଜିଲ୍ଲା ଏସପି କମଳ କୁମାର ପଣ୍ଡା ନାମକ ଜଣେ ଡ଼ିଏସପିଙ୍କୁ ତଦନ୍ତ ଦାୟିତ୍ୱ ଦେବା ସହ କାର୍ଯ୍ୟରେ ଅବହେଳା ପାଇଁ ଜଣେ ଏସଏଇ ଓ ଜଣେ ହାବିଲଦାରଙ୍କୁ ଚାକିରିରୁ ନୀଳମ୍ବନ କରିବା ସହ ତିନିଜଣ ହୋମଗାର୍ଡକୁ କାର୍ଯ୍ୟରୁ ଅନ୍ତର କରି ତଦନ୍ତ ଜାରିରଖିଥିଲେ । ସେପଟେ ଶନିବାର ହେବାକୁ ଥିବା ଆନ୍ଦୋଳନ ପାଇଁ ଆନ୍ଦୋଳନ କାରି ମାନେ ଏକାଠି ହେଉଥିବା ସମୟରେ ଗୋଛାପଡା ଥାନାରେ ପୂର୍ବତନ ଥାନା ଅଧିକାରୀ ପ୍ରଭାତ କୁମାର ବେହେରା ଗୁପ୍ତ ଭାବରେ ଆନ୍ଦୋଳନ କାରି ମାନଙ୍କ ସହ କଥାବାର୍ତ୍ତା କରିବା ସହ ବୁଝାସୁଝା କରିଥିଲେ । ଯାହାଫଳରେ ଥାନା ଘେରାଉ ଭଳି ଏକ ବଡ଼ ଧରଣର ଆନ୍ଦୋଳନ ସ୍ଥଗିତ ହୋଇପାରିଥିଲା । ସେପଟେ ଆନ୍ଦୋଳନ ହେବାର ପୂର୍ବ ସୂଚନା ପାଇ ସୁରକ୍ଷା ଦୃଷ୍ଟି ରୁ ଗୋଛାପଡା ଥାନା ପରିସର ପୋଲିସ ଛାଉଣିରେ ପରିଣତ ହୋଇଥିବା ବେଳେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକଙ୍କ ସହ ସଦର ଏସ୍ଡିପିଓ ସୁପ୍ରସନ୍ନ ମଲିକ ଓ ଜିଲ୍ଲାର ଅନେକ ବରିଷ୍ଠ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ ।

# ଗର୍ଜନ ପାହାଡ଼ରେ କ୍ୟାମେରାରେ କଏଦ ବ୍ଲାକ ପାନ୍ଥର



ସୁନ୍ଦରଗଡ଼,(ସବ୍ୟୁ): ସୁନ୍ଦରଗଡ଼ ଜିଲ୍ଲା ହେମଗିରି ଫରେଷ୍ଟ ରେଞ୍ଜ ଗର୍ଜନ ପାହାଡ଼ ଜଙ୍ଗଲରେ ବ୍ଲାକ୍ ପାନ୍ଥର ଠାବ ହୋଇଥିବା ସୁନ୍ଦରଗଡ଼ ବନଖଣ୍ଡ ଅଧିକାରୀ ସୂଚନା ଦେଇଛନ୍ତି । ସେ କହିଛନ୍ତି, ଅଲ୍ ଓଡ଼ିଶା ଲିଓପାର୍ଡ ସର୍ଭେରୁ ମିଳିଛି ଏହି ବ୍ଲାକ ପାନ୍ଥର ଥିବାର ସୂଚନା । ୨୦୨୩ ଡିସେମ୍ବରରେ ମଧ ଏକ ବ୍ଲାକପାନ୍ଥର ଠାବ ହୋଇଥିଲା। ତେବେ ଗର୍ଜନ ପାହାଡ଼ରେ ଥିବା ଜଙ୍ଗଲରେ ଅଧିକ କ୍ୟାମେରା ଲଗାଯିବ ଏବଂ ଏହି ବାଘ ବିଷୟରେ ଅଧିକ ତଥ୍ୟ ହାସଲ କରାଯିବ ବୋଲି ବନଖଣ୍ଡ ଅଧିକାରୀ ସୂଚନା ଦେଇଛନ୍ତି।

ଦୁଇ ଦିନ ପୂର୍ବେ ଶିମିଳିପାଳର ଘଞ୍ଚ ଜଙ୍ଗଲରେ ବି ଠାବ ହୋଇଥିଲା ଏକ କଳାବାଘ । ଏହାର ଝଲକ କ୍ୟାମେରାରେ କଏଦ ହୋଇଥିଲା। ଏବେ ସୁନ୍ଦରଗଡ଼ରେ ଏକ ବ୍ଲାକ ପାନ୍ଥର ଠାବ ହୋଇଥିବାରୁ ବନ୍ୟଜନ୍ତୁ ପ୍ରେମୀଙ୍କ ମଧ୍ୟରେ ଖୁସିର ଲହରି ଖେଳି ଯାଇଛି ।

# ଷୋଡ଼ଶୀ' ବେଶରେ ଦର୍ଶନ ଦେଉଛନ୍ତି ମା'ସୁରେଶ୍ୱରୀ

ସୋନପୁର, (ସବ୍ୟୁ) : ଇଷ୍ଟଦେବୀ ମା'ସୁରେଶ୍ୱରୀ ନବରାତ୍ରି ଅବସରରେ ଦଶ ମହାବିଦ୍ୟା ଅନୁସାରେ ବେଶ ଧାରଣ କରିଥାନ୍ତି । ସେହି ଅନୁଯାୟୀ ତୃତୀୟ ଦିବସରେ ରହିଥିବା ଛିନ୍ନମସ୍ତା ବେଶ କିନ୍ତୁ ଧାରଣ କରିନଥାନ୍ତି। ତାପରର ବେଶ ଷୋଡ଼ଶୀ ବା ତ୍ରିପୁର ସୁନ୍ଦରୀ ବେଶ ଧାରଣ କରି ଦର୍ଶନ ଦେଇଥାନ୍ତି। ତେଣୁ ମାତା ନବରାତ୍ରିର ତୃତୀୟ ଦିବସରେ ଷୋଡ଼ଶୀ ବେଶରେ ଦର୍ଶନ ଦେଉଛନ୍ତି। ଏହି ସ୍ୱରୂପରେ ମା'ଶାନ୍ତ ମୁଦ୍ରାରେ ଶୋଇଥିବା ଦେବ ଦେବ ମହାଦେବଙ୍କ ଉପରେ ସ୍ଥିତପଦ୍ମ ଆସନରେ ବିରାଜିତ । ଦେବୀଙ୍କର ଏହି ସ୍ୱରୂପରେ ଅତ୍ୟନ୍ତ ଶାନ୍ତି ଦାୟକ ଓ କଲ୍ୟାଣକାରୀ ହୋଇଥାନ୍ତି । ମା'ଙ୍କ ସମସ୍ତ ବେଶ ମଧ୍ୟରୁ ଦଶ ମହାବିଦ୍ୟାର ଚତୁର୍ଥ ବେଶ ତନ୍ତ୍ର ,ମନ୍ତ୍ର,ଯନ୍ତ୍ର ସାଧକ ତଥା ସାଧାରଣ ଶ୍ରଦ୍ଧାଳୁ ବୃନ୍ଦଙ୍କ ପାଇଁ ବେଶ୍ ସହାୟକ ରହିଥାଏ।



ପୌରାଣିକ କଥା ଅନୁଯାୟୀ ଏକଦା ମାତା ପାର୍ବତୀ ଭଗବାନ ଶିବଙ୍କୁ ପଚାରିଥିଲେ 'ହେ ଭଗବାନ' କାହାକୁ ପୂଜାର୍ଚ୍ଚନା କଲେ ଜୀବନରେ ଆଧି-ବ୍ୟାଧି, ଶୋକ-ସନ୍ତାପ ଏବଂ ଏପରିକି ଗର୍ଭବାସ ଓ ମରଣ ଯନ୍ତ୍ରଣାରୁ ମୁକ୍ତିଲାଭ ହୋଇପାରିବ। ସେତେବେଳେ ଦେବ ଦେବ ମହାଦେବ ମାତା ପାର୍ବତୀଙ୍କୁ ଅବଗତ କରାଇଥିଲେ ଯେଉଁମାନେ ଶ୍ରଦ୍ଧାପୂର୍ବକ ମା'ଷୋଡ଼ଶୀଙ୍କ ପୂଜାର୍ଚ୍ଚନା କରିବେ ସେହିମାନେ ସମସ୍ତ ପ୍ରକାରର ଶୋକ-ସନ୍ତାପ ,ଆଦି-ବ୍ୟାଧିରୁ ମୁକ୍ତିଲାଭ କରିବା କଥା ରହିଛି। ଦଶମହାବିଦ୍ୟାର ତୃତୀୟ ସ୍ୱରୂପ ମାତା ଷୋଡ଼ଶୀ। ମାଁ ସୁରେଶ୍ୱରୀ ଦଶ ମହାବିଦ୍ୟାରେ ଏହି ନବରାତ୍ରି ସମୟରେ ଦର୍ଶନ ଦେଇଥାନ୍ତି। ତେଣୁ ମାତା ନବରାତ୍ରିର ତୃତୀୟ ଦିବସରେ ଷୋଡ଼ଶୀ ବେଶରେ ଦର୍ଶନ ଦେଉଛନ୍ତି। ଦେବୀଙ୍କର ଏହି ସ୍ୱରୂପ ଅତ୍ୟନ୍ତ ଶାନ୍ତିଦାୟକ ଓ କଲ୍ୟାଣକାରୀ ହୋଇଥାନ୍ତି। ସେଥିପାଇଁ ଉକ୍ତଦିନ ମାଆଙ୍କ ପାଖରେ ଶ୍ରଦ୍ଧାଳୁ ବୃନ୍ଦ ନିଜ ନିଜର ମନୋବାଞ୍ଛିତ ଫଳ ଓ ମୋକ୍ଷ ପ୍ରାପ୍ତି ସକାଶେ ବିଶେଷ ପୂଜାର୍ଚ୍ଚନା କରିବା ନେଇ ବ୍ୟଗ୍ରଥିବା ମନେହୁଏ।

# ବନ୍ଧାହେଲେ ନକଲି ଡାକ୍ତର

ମୁରିବାହାଲ,(ସବ୍ୟୁ): ବେଆଇନ ଭାବରେ କ୍ଲିନିକ ଖୋଲି ରୋଗୀଙ୍କ ଜୀବନ ସହ ଖେଳ ଖେଳୁଥିବା ଏପରି ଜଣେ ନକଲି ଡାକ୍ତରଙ୍କୁ ବାନ୍ଧିଛି ପୁଲିସ୍ । ଡାକ୍ତରୀ ପାଠ ପି ନ ଥିଲେ। ହେଲେ ସାଜିଥିଲେ ଡାକ୍ତର। ଏମବିବିଏସ୍ ଡିଗ୍ରୀ ନ ଥାଇ ବି କରୁଥିଲେ ରୋଗୀ ଚିକିତ୍ସା। ବେଆଇନ ଭାବରେ କ୍ଲିନିକ ଖୋଲି ରୋଗୀଙ୍କ ଜୀବନ ସହ ଖେଳ ଖେଳୁଥିବା ଏପରି ଜଣେ ନକଲି ଡାକ୍ତରଙ୍କୁ ବାନ୍ଧିଛି ପୁଲିସ୍। ଏପରି ଏକ ଘଟଣା ଆଦିବାସୀ ଅଧ୍ୟୁଷିତ ସିନ୍ଧେକେଲା ଥାନା ଅଞ୍ଚଳରେ ଘଟିଛି। ଗିରଫ ନକଲି ଡାକ୍ତରଙ୍କ ନାମ ପଲାସା ବିଶ୍ୱାସ ଓ ଘର ପଶ୍ଚିମବଙ୍ଗର ରାମେଶ୍ୱରପୁରରେ ବୋଲି ଜଣାଯାଇଛି। ଶନିବାର ସିନ୍ଧେକେଲା ଗାଁରେ ଥିବା ତାଙ୍କ କ୍ଲିନିକରେ ଚଢ଼ାଉ କରିଥିଲା ପୁଲିସ ଓ ପ୍ରଶାସନ। ଟିଟିଲାଗଡ ଏସଡିଏମଓ, ଡ୍ରଗ୍ସ ଇନସ୍ପେକ୍ଟର ଓ ସିନ୍ଧେକେଲା ପୁଲିସର ମିଳିତ ଉଦ୍ୟମରେ ଚଢ଼ାଉ ହୋଇଥିଲା। ଚଢ଼ାଉ ସମୟରେ ପଲାସା ଏମବିବିଏସ୍ ଡିଗ୍ରୀ ତଥା କ୍ଲିନିକର ଲାଇସେନ୍ସ କିଛି ବି ଦେଖାଇ ପାରି ନ ଥିଲେ। ତେଣୁ ତାଙ୍କୁ ତୁରନ୍ତ ବାନ୍ଧିଲା ସିନ୍ଧେକେଲା ଥାନା ପୁଲିସ। ବିନା ଲାଇସେନ୍ସ ତଥା ଡିଗ୍ରୀରେ ଡାକ୍ତର ସାଜି ରୋଗୀଙ୍କ ଜୀବନ ସହ ଖେଳୁଥିବା ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି।

# ଚୂଡ଼ା ଖାଇ ମହୋତ୍ସବ ପାଇଁ କଂସ ବରଣ



ତରଭା,(ସବ୍ୟୁ): ଆସନ୍ତା ୧୪ ରୁ ୧୬ ତାରିଖ ପର୍ଯ୍ୟନ୍ତ ତିନି ଦିନ ଧରି ତରଭା ବ୍ଲକର ଚୂଡାଖାଇ ଡ଼ଙ୍ଗର ମହୋତ୍ସବ ଅନୁଷ୍ଠିତ ହେବ । ଏହି ଚୂଡ଼ାଖାଇ ଡ଼ଙ୍ଗର ମହୋତ୍ସବ ପାଇଁ କଂସ ବରଣ କମିଟି ପକ୍ଷରୁ ସଭାପତି ଦଶରଥଙ୍କ ସାହୁଙ୍କ ଦ୍ୱାରା ସମ୍ପନ୍ନ ହୋଇଛି । ଡ଼ଙ୍ଗର ଯାତ୍ରା ତଥା ମହୋତ୍ସବକୁ ମୁଖରିତ କରିବା ପାଇଁ କଂସ ଦରବାର ପାଇଁ କମିଟି ନିଷ୍ପତି ଅନୁଯାୟୀ ରବିବାର ତୁଲୁଣ୍ଡା ସ୍ଥିତ ବାବା ଗୁପ୍ତେଶ୍ୱର ଶୈବ ପୀଠରେ ପୂଜା ଅର୍ଚ୍ଚନା ପରେ ଆସିଥିବା ଅତିଥି କଳାକାରଙ୍କ ସହ ବଲାଙ୍ଗିର ଜିଲ୍ଲା ପୁଇଁତଳା ବ୍ଲକ ଫଟକରା(କ) ଗ୍ରାମର କଂସ ଭୂମିକାରେ ଅଭିନୟ କରୁଥିବା ଯୁବ କଳାକାର ଅନିଲ କୁମାର ନାଏକଙ୍କୁ ଶ୍ରୀଫଳ, ଉପଢୌକାନ ଦ୍ୱାରା ସମ୍ମାନୀତ କରାଯାଇ କଂସ ମହାରାଜ ଭାବରେ ବରଣ କରାଯାଇଥିଲା । ଯୁବ କଳାକାର ଅନିଲ ୨୦୧୪ ରୁ କଂସ ଭୂମିକାରେ ବଲାଙ୍ଗିର, ବରଗଡ, ସମ୍ବଲପୁର, ପୁରୀ ସମେତ ବିଭିନ୍ନ ଜିଲ୍ଲାରେ ୧୨୧ଗୋଟି ମଞ୍ଚରେ ଅଭିନୟ କରି ବେଶ ପରିଚିତ । କଂସ ବରଣ ସମୟରେ କମିଟି ସଭାପତି ଦଶରଥ ସାହୁ, ବ୍ଲକ ଚେୟାରମ୍ୟାନ ସରୋଜ କମ୍ପ, ଉପାଧକ୍ଷା ଦ୍ୱାଦଶୀ କୁଅଁର, ତରଭା ଉପ ନଗର ପାଳ ଗଗନ ଅଗ୍ରୱାଲ, ସରପଞ୍ଚ ଅଶ୍ୱନୀ ବିଶି, ମନମୋହନ ସାହୁ, ସମିତି ସଭ୍ୟ ରାମ ସାହୁଙ୍କ ସହ ପବିତ୍ର ମିଶ୍ର, ରମେଶ ସାହୁ, ସୁବାସ ସେଠୀ, ଅକ୍ଷୟ ସାହୁ, ରଘୁନାଥ ରଣା, ଭବାନୀ ମିଶ୍ର,ମାହେଶ୍ୱରୀ ସଂଗଠନର ସଭାପତି, କର୍ମକର୍ତ୍ତା ଓ ତୁଲୁଣ୍ଡା, ମହିମା ପାଳି, ସମେତ ପାଖ ଗ୍ରାମର ଅଞ୍ଚଳ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ । ସାମ୍ବାଦିକ ମାନଭଂଜନ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିବା ସହ ଧନ୍ୟବାଦ ଦେଇଥିଲେ ।

# ସ୍କୁଲ ନିକଟରେ ବେଆଇନ ମଦ ବିକ୍ରିକୁ ମହିଳାଙ୍କ ବିରୋଧ

ବରଗଡ,(ସବ୍ୟୁ): ବରଗଡ଼ ଟାଉନ ଥାନା ଅନ୍ତର୍ଗତ ଖାଲିଆପାଲି ସ୍କୁଲ ପଡ଼ାରେ ବେଆଇନ ମଦ ବିକ୍ରିକୁ କେନ୍ଦ୍ରକରି ଶତାଧିକ ମହିଳା ଏକ ଶୋଭାଯାତ୍ରାରେ ଜଣ ସଚେତନତା କରିଥିଲେ । ପରେ ଖଲିଆପାଲି ଆଶ୍ରମ ସ୍କୁଲ ନିକଟରେ ବେଆଇନ ମଦ ବିକ୍ରି କରୁଥିବା ଏକ ଅସାମାଜିକ ବ୍ୟକ୍ତିଙ୍କ ଘରକୁ ଯାଇ ବ୍ୟାପକ ପରିମାଣରେ ଦେଶୀ ବିଦେଶୀ ମଦ, ବିଅର ବୋତଲ , କେନ ଜବତ କରି ନଷ୍ଟ କରିଥିଲେ । କିଛିଦିନ ପୂର୍ବରୁ ଅନେକ ମହିଳା ମାଁ ଭଉଣୀ ମାନେ ବାହାରି ବରଗଡ଼ ଟାଉନ ଥାନାର ଦ୍ୱାରସ୍ଥ ହୋଇଥିଲେ । ମାତ୍ର ଟାଉନ ପୋଲିସ ତାଙ୍କୁ ପ୍ରମାଣ ସହ ଅଭିଯୋଗ କରିବାକୁ କୁଆଡେ କହିଥିଲେ । ତେଣୁ ସେମାନେ ଗତ ବୁଧବାର ଦିନ ଚାରି ବସ୍ତା ଦେଶୀ ବିଦେଶୀ ମଦ ସହିତ ଉକ୍ତ ବ୍ୟକ୍ତିକୁ ପୋଲିସ ଜିମା ଦେଇଥିଲେ । ମାତ୍ର ଅଭିଯୋଗକାରୀ ଘରକୁ ଫେରିବା ପୂର୍ବରୁ ଅଭିଯୁକ୍ତ ମଦ ବେପାରୀ ଆଗୁଆ ଘରକୁ ପହଂଚି ଯାଇଥିଲା । ପୋଲିସ ତାକୁ ଛାଡି ଦେଇଥିବା ସେମାନେ ଅଭିଯୋଗ କରିଥିଲେ ଓ ନିତିଦିନିଆ ମଦ ବିକ୍ରି ରହିଥିବାରୁ ଶନିବାର ଶତାଧିକ ମହିଳା ବାହାରି ଉକ୍ତ ବ୍ୟକ୍ତିଙ୍କ ଘରକୁ ଯାଇ ବିଦେଶୀ, ଓ ଦେଶୀ ମଦ ଜବତ କରି ସର୍ବ ସାଧାରଣ ରେ ନଷ୍ଟ କରିଥିଲେ । ପରେ ଘଟଣା ଅନାୟତ ହେବା ପରେ ବରଗଡ଼ ଟାଉନ ପୋଲିସ ପହଞ୍ଚି ବୁଝାମଣା କରିଥିଲେ ।

# ଡକାୟତି ଯୋଜନା ବେଳେ ୪ ଗିରଫ

ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ଜିଲ୍ଲା କୁଚିଣ୍ଡା ଥାନା ପୋଲିସ ଏକ ଡକାୟତି ଯୋଜନା ବେଳେ ୪ଜଣଙ୍କୁ ଗିରଫ କରିଛି । ସେମାନଙ୍କ ଠାରୁ ୩ଟି ଛୁରୀ, ୨ଟି ଲୁହାରଡ, ୪ଟି ମୁଖା, ୪ଟି ଟର୍ଚ୍ଚ ଓ ୨ଟି ଲଙ୍କାଗୁଣ୍ଡ ପ୍ୟାକେଟ୍ ଜବ୍ତ ହୋଇଛି । ଏନେଇ ୪୧୪/୨୪ରେ ଏକ ମାମଲା ରୁଜୁ ହୋଇଥିବା ବେଳେ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଛି । ସୂଚନାଯୋଗ୍ୟ, କୁଚିଣ୍ଡା ଥାନା ଅନ୍ତର୍ଗତ ଝୁଲେନପୋଲ ନିକଟରେ କିଛି ଅସମାଜିକ ଯୁବକ ରାତିରେ ଏକତ୍ରିତ ହୋଇଥିବା ଖବର ପାଇ ପୋଲିସ ଚଢଉ କରିଥିଲା । ଚଢଉ ବେଳେ ସୁବାଷ ନାଏକ, ସାଗର ବିଁନେତ, ମଣ୍ଟି ଗୟାନ ଓ ସାଗର କୁସୁମଙ୍କୁ ଗିରଫ କରିଛି ।

# ଝାରସୁଗୁଡ଼ା : ବିଶ୍ୱ ବନ୍ୟପ୍ରାଣୀ ଦିବସ ପାଳିତ

ଝାରସୁଗୁଡ଼ା,(ସବ୍ୟୁ): ବିଶ୍ୱ ବନ୍ୟପ୍ରାଣୀ ଦିବସ ଉପଲକ୍ଷେ ସ୍ଥାନୀୟ ବିଟି ଏମ୍ ସ୍ଥିତ ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟରେ ସଭା ଓ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା । ରାଷ୍ଟ୍ରପତି ପୁରସ୍କାରରପ୍ରାପ୍ତ ଅବସରପ୍ରାପ୍ତ ଶିକ୍ଷକ ତଥା ୱାଇଲ୍ଡ ଲାଇଫ ୱାଡେନ ପ୍ରହଲ୍ଲାଦ ନାଏକ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ପରିବେଶ ସୁରକ୍ଷା ଓ ସନ୍ତୁଳନ ବଜାୟ ରଖିବା ଦିଗରେ ବନ୍ୟପ୍ରାଣୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଏ ସି ଏଫ୍ ଲଳିତ କୁମାର ନାଏକ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଉଲ୍ଲେଖ କରିଥିଲେ । ଶିକ୍ଷାବିତ ପ୍ରଫେସର ଟହଲୁ ସାହୁ, ଜିଲ୍ଲା ପରିବେଶ ତଦାରଖ କମିଟି ସଭ୍ୟ ତାପସ ରାୟ ଚୌଧୁରୀ,ବିଜୟ ବେହେରା,ବେଣୁଧର ବେହେରା, ତ୍ରିନାଥ ଗୁଆଲ, ରମେଶ ଚନ୍ଦ୍ର ନାଥ, ନରେଶ ନାଏକ ପ୍ରମୁଖ ବନ୍ୟପ୍ରାଣୀଙ୍କ ସୁରକ୍ଷା ପାଇଁ ସମସ୍ତେ ସଚେତନ ହେବା ଆବଶ୍ୟକ ରହିଛି ବୋଲି କହିଥିଲେ। ଆୟୋଜିତ କ୍ୱିଜ୍ ପ୍ରତିଯୋଗିତାକୁ ପରିଚାଳନା କରିଥିଲେ ସଭ୍ୟ ନରେଶ ନାଏକ ଓ ରେଞ୍ଜ ଅଫିସର ବିଜୟ ପ୍ରଧାନ। କ୍ୱିଜ ଓ ପୂର୍ବରୁ ଆୟୋଜିତ ସିଟ୍ ଆଣ୍ଡ ଡ୍ର ପ୍ରତିଯୋଗିତାର କନିଷ୍ଠ ଓ ବରିଷ୍ଠ ବିଭାଗରେ କୃତୀ ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନେ ପ୍ରମାଣ ପତ୍ର ପ୍ରଦାନ କରିଥିଲେ। ପ୍ରଥମ ପୁରସ୍କାର ବାବଦକୁ ୫ହଜାର , ଦ୍ୱିତୀୟ ୩ହଜାର ଓ ତୃତୀୟ ପୁରସ୍କାର ବାବଦକୁ ୧ହଜାର ଟଙ୍କା କୃତୀ ଛାତ୍ରଛାତ୍ରୀଙ୍କ ବ୍ୟାଙ୍କ ଆକାଉଣ୍ଟରେ ଜମା କରାଯାଇଥିଲା । ରେଞ୍ଜ ଅଫିସର ବିଜୟ କୁମାର ପ୍ରଧାନ, ପ୍ରଦୀପ ନାଏକ ଓ ଉଦନ୍ତ ସାହୁଙ୍କ ସମେତ ବିଭାଗୀୟ କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଅନୁରୂପ ଭାବେ ବ୍ରଜରାଜନଗର, ବେଲପାହାଡ଼,କୋଲାବିରା ଓ ବାଗଡିହି ରେଞ୍ଜରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ରେଲଷ୍ଟେସନରୁ ଗଞ୍ଜେଇ ଜବତ
## ବାଇକ୍ ସହ ସ୍ୱାମୀ, ସ୍ତ୍ରୀ ଓ ବଡ ଭଉଣୀ ଗିରଫ

ମୁରିବାହାଲ,(ସବ୍ୟୁ): ବଲାଙ୍ଗିର ଜିଲ୍ଲା ମୁରିବାହାଲ ରେଲଷ୍ଟେସନରୁ ଟ୍ରେନରେ ରାୟପୁରକୁ ଚାଲାଣ ହେବାକୁଥିବା ୬କେଜି ଗଞ୍ଜେଇକୁ ବଙ୍ଗୋମୁଣ୍ଡା ଅବକାରୀ ବିଭାଗ ଜବତ କରିଛି । ଚାଲାଣରେ ସଂପୃକ୍ତ ହଳଦୀ ପଞ୍ଚାୟତ ଚାଉଳଫୁପୁଡ଼ା ଗ୍ରାମର ଜଣେ ବ୍ୟକ୍ତି, ତାଙ୍କ ପତ୍ନୀ ଓ ବଡ ଭଉଣୀଙ୍କ ସହ ତିନି ଜଣଙ୍କୁ ଗିରଫ କରାଯାଇଥିବା ସହ ବାଇକ୍ ଜବତ ହୋଇଛି। ଗିରଫ ତିନି ଜଣ ହେଲେ ଚାଉଳଫୁପୁଡ଼ା ଗ୍ରାମର ତୁଳାମଣି ବନଛୋର, ତାଙ୍କ ପତ୍ନୀ ଚନ୍ଦ୍ରିକା ବନଛୋର ଓ ତୁଳାମଣିଙ୍କ ବଡଭଉଣୀ ଦୁଲ୍ଲଭି ବଗର୍ତ୍ତି।

# ଅଜଣା ଗାଡ଼ି ଧକ୍କାରେ ଜଣେ ମୃତ

କୋକସରା,(ସବ୍ୟୁ): ଶନିବାର ବିଳମ୍ବିତ ରାତିରେ ଜଣେ ବ୍ୟକ୍ତିଙ୍କୁ ଧକ୍କା ଦେବାରୁ ତାଙ୍କର ମୃତ୍ୟୁ ହୋଇଯାଇଛି । ହେଲେ ମୃତକଙ୍କ ପରିଚୟ ଅସ୍ପଷ୍ଟ ରହିଛି । କଳାହାଣ୍ଡି ଜିଲ୍ଲା ଆମପାଣି ଥାନା ବିଜୁ ଏକ୍ସପ୍ରେସ ୱେ କୁଲେରଗୁଡ଼ା ନିକଟରେ ଶନିବାର ବିଳମ୍ବିତ ରାତିରେ ଏକ ଗାଡ଼ି ଆସି ସଂପୃକ୍ତ ବ୍ୟକ୍ତିଙ୍କୁ ଧକ୍କା ଦେଇ ଫେରାର ହୋଇଥିଲା । ଫଳରେ ଘଟଣାସ୍ଥଳରେ ହିଁ ସେ ପ୍ରାଣ ହରାଇଥିଲେ । ତେବେ ରବିବାର ସକାଳୁ ମୃତଦେହ ରାସ୍ତାରେ ପଡ଼ିଥିବାର ଦେଖି ସ୍ଥାନୀୟ ଲୋକେ ତୁରନ୍ତ ଆମପାଣି ପୋଲିସକୁ ଘଟଣା ସମ୍ପର୍କରେ ଜଣାଇଥିଲେ। ଖବର ପାଇ ଘଟଣାସ୍ଥଳରେ ପୋଲିସ ପହଞ୍ଚିଥିଲା । କୋକସରା ତହସିଲଦାର ନବୀନ କିଶୋର ପାଢ଼ୀ ମାଜିଷ୍ଟ୍ରେଟ ଦାୟିତ୍ୱରେ ଉପସ୍ଥିତ ରହି ଶବ ଉଦ୍ଧାର କରିଥିଲେ । ହେଲେ ମୃତକଙ୍କ ପରିଚୟ ନମିଳିବାରୁ ଜିଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ର ଭବାନୀପାଟଣା ଠାରେ ଥିବା ଶବ ଗୃହକୁ ଶବ ପଠାଇଥିବା ସୂଚନା ମିଳିଛି। ୭୨ ଘଣ୍ଟା ପର୍ଯ୍ୟନ୍ତ ଶବକୁ ରଖାଯିବ । ଯଦି କୌଣସି ପରିଚୟ ନମିଳିଲେ ବ୍ୟବଛେଦ ପରେ ଅନ୍ତିମ ସତ୍କାର କରାଯିବ ବୋଲି ଆମପାଣି ଥାନା ଆଇଆଇସି ବିଜୟଲକ୍ଷ୍ମୀ ହିକ୍କା ସୂଚନା ପ୍ରଦାନ କରିବା ସହ ଦୁର୍ଘଟଣା ଜନିତ ମାମଲା ରୁଜୁ କରି ତଦନ୍ତ ଜାରି ରହିଥିବା କହିଛନ୍ତି ।

## ଫରେଷ୍ଟର୍ ସଞ୍ଜୟ ନାୟକ ଆତ୍ମହତ୍ୟା ଘଟଣା
# ରାୟଗଡ଼ା ଡିଏଫ୍‌ଓ ନିଲମ୍ବିତ

ଭବାନୀପାଟଣା/ରାୟଗଡ଼ା,(ସବ୍ୟୁ): କଳାହାଣ୍ଡି ଜିଲ୍ଲା। ଭବାନୀପାଟଣାସ୍ଥିତ ଜାରିଂ ନର୍ସରି ଫରେଷ୍ଟର୍ ସଞ୍ଜୟ ନାୟକଙ୍କ ଆତ୍ମହତ୍ୟା ଘଟଣାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ। ରାୟଗଡ଼ା ବନତତ୍ତ୍ୱ ଡିଏଫ୍‌ଓ ଦେବେନ୍ଦ୍ର ବେହେରାଙ୍କୁ ନିଲମ୍ବନ ନେଇ ବିଭାଗ ପକ୍ଷରୁ ଆଦେଶ ଜାରି ହୋଇଛି। ନିଲମ୍ବନ ପରେ ଡିଏଫ୍‌ଓଙ୍କ ମୁଖ୍ୟାଳୟ ଭୁବନେଶ୍ୱରସ୍ଥିତ ପିସିସିଏଫ୍‌ଙ୍କ କାର୍ଯ୍ୟାଳୟ ରଖାଯାଇଛ। ଏଥି ସହ ବିନା ସୂଚନାରେ କାର୍ଯ୍ୟାଳୟ ନ ଛାଡ଼ିବା ପାଇଁ କୁହାଯାଇଛି। ସୂଚନାଯୋଗ୍ୟ ଯେ ପିସି କାରବାର ପାଇଁ ଚାପ ପଡ଼ିବାରୁ ଏବଂ ମାନସିକ ନିର୍ଯାତନା ଅସହ୍ୟ ହେବାରୁ ଫରେଷ୍ଟର୍ ସଞ୍ଜୟ ନାୟକ ଆତ୍ମହତ୍ୟା କରିଥିଲେ ବୋଲି ପୂର୍ବରୁ ପରିବାର ଲୋକ ଅଭିଯୋଗ କରିଥିଲେ। ମୃତ୍ୟୁ ପୂର୍ବରୁ ସଞ୍ଜୟ ମଧ ଗୋଟିଏ ଚିଠି ( ସୁଇସାଇଡ୍ ନୋଟ୍ ) ଛାଡ଼ି ଯାଇଥିଲେ। ତେଣୁ ଡିଏଫ୍‌ଓ ଦେବେନ୍ଦ୍ର ବେହେରାଙ୍କ ଭୂମିକାକୁ ନେଇ ସନ୍ଦେହ ସୃଷ୍ଟି ହୋଇଥିଲା। ଏହା ଏକ ଚର୍ଚ୍ଚିତ ଘଟଣା ହୋଇଥିବାରୁ ରାଜ୍ୟ ସରକାର ବିଭାଗୀୟ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଭବାନୀପାଟଣା ପୁଲିସ ମଧ ଆତ୍ମହତ୍ୟା ଘଟଣାର ତଦନ୍ତ ଜାରି ରଖିଥିଲା। ଗତ ମାସ ୨୮ରେ ରାୟଗଡ଼ାସ୍ଥିତ ବନତତ୍ତ୍ୱବିତ୍ ବନଖଣ୍ଡ କାର୍ଯ୍ୟାଳୟରେ ପହଞ୍ଚିଥିଲେ କଟକ ମୁଖ୍ୟ କାର୍ଯ୍ୟାଳୟ ସିସିଏଫ୍‌ଓ ବିକାଶ ରଞ୍ଜନ ଦାଶ। ବିଭାଗୀୟ କର୍ମଚାରୀଙ୍କୁ ପଚରାଉଚରା କରିବା ସହ କିଛି କାଗଜପତ୍ର ମଧ ଯାଞ୍ଚ କରିଥିଲେ।

# ୧୧୯ ଲିଟର ଦେଶୀ ମଦ ଜବତ, ୫ ଗିରଫ



ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ଅବକାରୀ ପୋଲିସ ଦେଶୀ ମଦ ଚୋରାଚାଲାଣ ଅଭିଯୋଗରେ ୫ଜଣଙ୍କୁ ଗିରଫ କରିଛି । ସେମାନଙ୍କ ଠାରୁ ୧୧୯ଲିଟର ଦେଶୀ ମଦ ସହ ୨ଟି ସ୍କୁଟି ଜବତ ହୋଇଛି । ଏନେଇ ୫ଟି ମାମଲା ରୁଜୁ ହୋଇଥିବା ବେଳେ ଅଭିଯୁକ୍ତ ମାନଙ୍କୁ କୋର୍ଟ ଚାଲାଣ କରାଯାଇଛି । ସୂଚନାଯୋଗ୍ୟ, ସମ୍ବଲପୁରରେ ଦେଶୀ ମଦ କାରବାର ବୃଦ୍ଧି ପାଇବାରେ ଲାଗିଛି । ଦଶହରା ପୂଜାକୁ ଦୃଷ୍ଟିରେ ରଖି ଅବକାରୀ ପୋଲିସ ବିଭିନ୍ନ ସ୍ଥାନରେ ଚଢଉ କରିଥିଲା । ବୁର୍ଲା ମିସ୍ତ୍ରୀପଡାର କାର୍ତ୍ତିକ ଓରାମ(୩୨) ନିଜ ସ୍କୁଟି ଗାଡି ଯୋଗେ ୬୦ଲିଟର ଦେଶୀ ମଦ ଚୋରାଚାଲାଣ କରୁଥିବା ବେଳେ ଅବକାରୀ ପୋଲିସ ଗିରଫ କରିଥିଲା । ସେହିପରି ବୁର୍ଲା ଥାନା ପାବଡେରାର ସମ୍ପଦ ମାଝୀ(୪୨)ଙ୍କ ଠାରୁ ୧୮ଲିଟର ଦେଶୀ ମଦ ସହ ସ୍କୁଟି ଜବତ ହୋଇଛି । ଏଥିସହ ଭତରା ଗ୍ରାମର ସୁକାନ୍ତି ଗୁରୁ(୫୦)ଙ୍କ ଠାରୁ ୧୫ଲିଟର, ଠେଲକୋପଡାର କିସାନ ବେହେରା(୨୬)ଙ୍କ ଠାରୁ ୧୬ଲିଟର ଓ ଗଣେଷ ଖଡିଆ(୩୫)ଙ୍କ ଠାରୁ ୧୦ଲିଟର ମଦ ଜବତ ହୋଇଛି ।

# ଜମନକିରା ରେଞ୍ଜସ୍ତରୀୟ ବନ୍ୟପ୍ରାଣୀ ସପ୍ତାହ ପାଳିତ



ଜମନକିରା,(ସବ୍ୟୁ): ଭୋଜପୁର ସ୍ଥିତ ଜମନକିରା ବନାଞ୍ଚଳ ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ୭୦ ତମ ବିଶ୍ୱ ବନ୍ୟପ୍ରାଣୀ ସପ୍ତାହ ପାଳିତ ହୋଇ ଯାଇଛି । ବନାଞ୍ଚଳ ଅଧିକାରୀ ଲକ୍ଷ୍ମୀ ନାରାୟଣ ନାଏକଙ୍କ ସଭାପତିତ୍ୱରେ ଆୟୋଜିତ ସଚେତନତା ସଭାରେ ପରିବେଶବିତ୍ ପ୍ରକୃତି ବନ୍ଧୁ ସୁବାସ ଚନ୍ଦ୍ର ନାୟକ ମୁଖ୍ୟବକ୍ତା ଭାବରେ ଯୋଗଦେଇ ବନ୍ୟ ପ୍ରାଣୀଙ୍କ ଅଧିକାରକୁ ସମ୍ମାନ ଦେଲେ ଓ ତାଙ୍କୁ ଅନାବିଳ ଭାବରେ ଭଲ ପାଇ ପାରିଲେ ମଣିଷ ସହ ବନ୍ୟ ପ୍ରାଣୀଙ୍କ ସଂଘର୍ଷ ଅନ୍ତ ହୋଇ ପାରିବ ବୋଲି କହିଥିଲେ । ଡ଼ାକ୍ତର ହୃଦାନନ୍ଦ ନାଏକ ମୁଖ୍ୟଅତିଥି ଭାବରେ ଯୋଗଦେଇ ଆଗାମୀ ପିଢ଼ୀଙ୍କୁ ଏଦିଗରେ ସଚେତନ କରିବାକୁ ଆହ୍ୱାନ ଦେଇଥିଲେ । ସମ୍ମାନିତ ଅତିଥି ଅବସର ପ୍ରାପ୍ତ ଶିକ୍ଷକ ସରୋଜ କୁମାର ପଟେଲ ବୃକ୍ଷ ରୋପଣ ଓ ତାର ସଂରକ୍ଷଣ କରିବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମର ପ୍ରାରମ୍ଭରେ ସାମାଜିକ କର୍ମୀ ଲକ୍ଷ୍ମୀଧର ବିନ୍ଧାଣୀ ଅତିଥି ପରିଚୟ ପ୍ରଦାନ,ଉଦ୍ଦେଶ୍ୟ ଜ୍ଞାପନ ସହ ସଂଯୋଜନା କରିଥଲେ। ପୂର୍ବରୁ ମୁଖ୍ୟବକ୍ତା ଶ୍ରୀ ନାୟକଙ୍କ ନେତୃତ୍ୱ ଓ ବନପାଳ ଚନ୍ଦ୍ର ଶେଖର ଭୋଇ, ପୁଷ୍ପାଞ୍ଜଳି ବେହେରା, ଶିଶିର ସାମଲ, ଅଭିନ୍ନ ସୁନ୍ଦର ବାଘ ପ୍ରମୁଖଙ୍କ ପରିଚାଳନାରେ ପ୍ରାଣୀ ସୁରକ୍ଷା ସପକ୍ଷରେ ବିଭିନ୍ନ ସ୍ଲୋଗାନ ଦେଇ ଏକ ବିରାଟ ଶୋଭା ଯାତ୍ରାରେ ବନ କର୍ମଚାରୀ ଓ ମହିଳା ମାନେ ଗ୍ରାମ ପରିକ୍ରମା କରିଥଲେ। ସଭାରେ ସମସ୍ତ ଅତିଥି ଓ ଉପସ୍ଥିତ ଜନତାଙ୍କୁ ବନ୍ୟ ପ୍ରାଣୀର ସୁରକ୍ଷା ପାଇଁ ଶ୍ରୀ ନାୟକ ଶପଥ ପାଠ କରାଇଥିଲେ। ସିବିରାର୍ଥୀଙ୍କ ମଧ୍ୟରୁ ପ୍ରାଣୀ ମିତ୍ର ବାସନ୍ତୀ ବେହେରା ଭାଷଣ ଦେଇ ଅତିଥି ଓ ବକ୍ତାଙ୍କ ପରାମର୍ଶର ପ୍ରଶଂସା କରିଥିବା ବେଳେ ଶେଷରେ ସାମାଜିକ କର୍ମୀ ସନ୍ତୋଷ ଧଳ ଧନ୍ୟବାଦ ଅର୍ପଣ କରିଥିଲେ।

# ଡ. ଅଜିତ ବେହେରାଙ୍କୁ ପ୍ରକୃତି ବନ୍ଧୁ ପୁରସ୍କାର

ନର୍ଲା ,(ସବ୍ୟୁ): ଭବାନୀପାଟଣା ଟାଉନ ହଲ ଠାରେ ଆୟୋଜିତ ବିଶ୍ୱ ବନ୍ୟ ପ୍ରାଣୀ ସପ୍ତାହ ପାଳନ ଅବସରରେ କଳାହାଣ୍ଡି ଜିଲ୍ଲା କୁଶୁର୍ଲା ଗ୍ରାମର ଡ. ଅଜିତ କୁମାର ବେହେରାଙ୍କୁ ପ୍ରକୃତି ଓ ପରିବେଶ ସଂରକ୍ଷଣ ଦିଗରେ ଉଲ୍ଲେଖନୀୟ ଅବଦାନ ପାଇଁ ମୂଖ୍ୟ ଅତିଥି ସାଂସଦ ମାଳବିକା ଦେବୀ ଚଳିତ ବର୍ଷର 'ପ୍ରକୃତି ବନ୍ଧୁ ପୁରସ୍କାର' ପ୍ରଦାନ କରିଛନ୍ତି। ଡ. ବେହେରା ଇତି ପୂର୍ବରୁ ଭାରତ ସରକାରଙ୍କ କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରଣାଳୟରୁ 'କଳାହାଣ୍ଡି ଯୁବ ପୁରସ୍କାର' ଓ ସଂସ୍କୃତି ବିଭାଗରୁ 'ଜୁନିଅର ଫେଲୋସିପ' ଲାଭ କରିବା ସହ ଲୁପ୍ତ ଓ ଲୁପ୍ତପ୍ରାୟ ଲୋକ ସଂସ୍କୃତି ଉପରେ ଗବେଷଣା କରି ରାଜ୍ୟପାଳଙ୍କ ଠାରୁ ପିଏଚଡ଼ି ଓ ଡ଼ି.ଲିଟ୍ ହାସଲ କରିଛନ୍ତି। ସଂପ୍ରତି ସେ କଣ୍ଟପଡା ମହାବିଦ୍ୟାଳୟରେ ଓଡ଼ିଆ ବିଭାଗ ଅଧାପକ ସହ ଯୁବ ରେଡ଼କ୍ରସ୍ ପରାମର୍ଶଦାତା ଭାବରେ କାର୍ଯ୍ୟରତ।

# ବଡ଼ ଭାଲୁପାଲି ଉଚ୍ଚ ପ୍ରାଥମିକ ସ୍କୁଲକୁ ପ୍ରକୃତି ମିତ୍ର
## ଶିକ୍ଷକ ଦୁଷ୍ମନ୍ତ ପଧାନଙ୍କୁ ପ୍ରକୃତି ବନ୍ଧୁ ପୁରସ୍କାର



ଡୁଙ୍ଗୁରିପାଳି/ଏସ ରାମପୁର,(ସବ୍ୟୁ):ସୁବର୍ଣ୍ଣପୁର ଜିଲ୍ଲା ବନଖଣ୍ଡ ଅଧିକାରୀଙ୍କ ସଭାଗୃହରେ ବନ୍ୟ ପ୍ରାଣୀ ସପ୍ତାହ ପାଳିତ ହୋଇଯାଇଛି । ପରିବେଶ ସଚେତନତା କାର୍ଯ୍ୟକ୍ରମରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ଶିକ୍ଷାନୁଷ୍ଠାନ ଓ ବ୍ୟକ୍ତିବିଶେଷଙ୍କୁ ପୁରସ୍କୃତ କରାଯାଇଥିଲା। ପଂଚାୟତ ଉଚ୍ଚ ବିଦ୍ୟାଳୟ ବାଙ୍କୀପାଲିର ବିଜ୍ଞାନ ଶିକ୍ଷକ ଦୁଷ୍ମନ୍ତ ପଧାନଙ୍କ ପରିବେଶ ସୁରକ୍ଷା ଓ ସଚେତନତା କାର୍ଯ୍ୟକ୍ରମରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ପ୍ରକୃତି ବନ୍ଧୁ ପୁରସ୍କାର ଦିଆଯାଇଛି। ଅତିରିକ୍ତ ଜିଲ୍ଲାପାଳ ମାନପତ୍ର ଓ ୧୦ହଜାର ଟଙ୍କାର ଚେକ ପ୍ରଦାନ କରିଥିଲେ । ସେହିପରି ପରିବେଶ ସୁରକ୍ଷା ଓ ପରିବେଶ ସଚେତନତା କାର୍ଯ୍ୟକ୍ରମରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଡୁଙ୍ଗୁରିପାଲି ବ୍ଲକର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବଡ଼ଭାଲୁପାଲିକୁ ପ୍ରକୃତିମିତ୍ର ପୁରସ୍କାର ପଅଦାନ କରାଯାଇଥିଲା। ପ୍ରଧାନ ଶିକ୍ଷକ ସୁନୀଲ କୁମାର ସେଠଙ୍କୁ ବନଖଣ୍ଡ ଅଧିକାରୀ ସୁବର୍ଣ୍ଣପୁର ହେମଚନ୍ଦ୍ର ବେହେରା ୨୦ ହଜାର ଟଙ୍କାର ଚେକ ଓ ମାନପତ୍ର ପ୍ରଦାନ କରିଥିଲେ।

# ମନୀଷା ଅଗ୍ରୱାଲଙ୍କୁ ପ୍ରକୃତି ବନ୍ଧୁ ପୁରସ୍କାର

ଗୋଲାମୁଣ୍ଡା/ଭବାନୀପାଟଣା,(ସବ୍ୟୁ): କଳାହାଣ୍ଡି ଜିଲ୍ଲା। ଭବାନୀପାଟଣା ଟାଉନହଲରେ ୭୦ତମ ବିଶ୍ୱ ବନ୍ୟପ୍ରାଣୀ ସପ୍ତାହ ପାଳିତ ହୋଇ ଯାଇଛି । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ କଳାହାଣ୍ଡି ଲୋକସଭା ସାଂସଦ ମାଳବିକା କେଶରୀ ଦେଓ ମଞ୍ଚାସିନ ହୋଇଥିଲେ। ବନ୍ୟପ୍ରାଣୀ ସୁରକ୍ଷା ଓ ସଂରକ୍ଷଣ ତଥା ସେମାନଙ୍କର ଜୀବନ ଓ ଆବାସସ୍ଥଳୀକୁ ସୁରକ୍ଷିତ ରଖିବା ଦିଗରେ ବ୍ୟାପକ ସଚେତନତା ସୃଷ୍ଟି କରିବା ଲକ୍ଷ୍ୟରେ ୧୯୫୨ ମସିହା ଅକ୍ଟୋବର ୨ ତାରିଖରୁ ସତ୍ୟ ଓ ଅଂହିସାର ପ୍ରତୀକ ଜାତିର ଜନକ ମହାତ୍ମାଗାନ୍ଧୀଙ୍କ ଜନ୍ମତିଥି ଠାରୁ ୮ତାରିଖ ପର୍ଯ୍ୟନ୍ତ ଜାତୀୟ ବନ୍ୟଜନ୍ତୁ ସପ୍ତାହ ରୂପେ ପାଳନ ହୋଇ ଆସୁଛି । ବନ୍ୟପ୍ରାଣୀଙ୍କ ସୁରକ୍ଷା ସଂରକ୍ଷଣ ଓ ଅଭିବୃଦ୍ଧି ତଥା ସେମାନଙ୍କର ବାସସ୍ଥଳୀକୁ ସୁରକ୍ଷିତ ରଖିବା ପାଇଁ ସରକାର ମଧ ବିଭିନ୍ନ ଉନ୍ନୟନ ମୂଳକ ପଦକ୍ଷେପ ମାନ ନେଇଛନ୍ତି । ବନ୍ୟପ୍ରାଣୀ ଓ ମନୁଷ୍ୟ ପରସ୍ପର ପରିପୁରକ। ଜୀବଜଗତର ସୁରକ୍ଷା ଓ ସନ୍ତୁଳନ ରକ୍ଷା ପାଇଁ ବନ୍ୟପ୍ରାଣୀ ମାନଙ୍କର ମଧ ଯଥେଷ୍ଟ ଆବଶ୍ୟକତା ରହିଛି । ତେଣୁ ବନ୍ୟ ଜନ୍ତୁଙ୍କ ସୁରକ୍ଷା ଏବଂ ପରିଚାଳନା ପାଇଁ ଜନସାଧାରଣଙ୍କର ସକ୍ରିୟ ସହଯୋଗ ଓ ସମ୍ପୃକ୍ତି ଏକାନ୍ତ କାମ୍ୟ ବୋଲି ସାଂସଦ ଶ୍ରୀମତୀ ଦେଓ ସଚେତନତା ସୃଷ୍ଟି କରିଛନ୍ତି। ବିଭିନ୍ନ ସଂଗଠନ ର ସହଯୋଗ ରେ ରାସ୍ତା ସଫେଇ,ଡାକ୍ତରଖାନା, ବଜାର ପଡିଆ ଭଳି ବିଭିନ୍ନ ସ୍ଥାନରେ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ ଓ ଚାରା ରୋପଣ କରି ଜଙ୍ଗଲ କୁ ନିଆଁ ଦାଉରୁ ରକ୍ଷା କରିବା ଭଳି ବିଭିନ୍ନ କାର୍ଯ୍ୟକ୍ରମ କରିଥିବା ପ୍ରକୃତି ପ୍ରେମୀ ଭାବରେ ୭ ଜଣଙ୍କୁ ପ୍ରକୃତି ବନ୍ଧୁ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଭବାନୀପାଟଣାର ରାଜେଶ ମହାରଣା,ଧର୍ମଗଡର ରୁଦ୍ର ମହାରଣା,ଗୋଲାମୁଣ୍ଡାରୁ ମନୀଷା ଅଗ୍ରୱାଲ,ଜୁନାଗଡ଼ର ଯତୀନ୍ଦ୍ର କର,ଏମ ରାମପୁରର ଅଜିତ କୁମାର ବେହେରା, କେସିଙ୍ଗାର ସୁନୀଲ କୁମାର ପାତ୍ର ଏବଂ ଭବାନୀପାଟଣାର ସୁପ୍ରଭା ଦୋରାଙ୍କୁ ମାନପତ୍ର ଦେଇ ପ୍ରକୃତି ବନ୍ଧୁ ପ୍ରୁାସ୍କାରରେ ସମ୍ମାନିତ କରାଯାଇଥିଲା।

# ଜିଲ୍ଲା ସାମ୍ବାଦିକ ସଂଘର କାର୍ଯ୍ୟକାରିଣୀ ବୈଠକ



ରାୟଗଡା,(ସବ୍ୟୁ): ରାୟଗଡା ଜିଲ୍ଲା ସାମ୍ବାଦିକ ସଂଘର ସ୍ୱାବଲମ୍ବୀ କାର୍ଯ୍ୟାଳୟ ଠାରେ ରବିବାର କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇ ଯାଇଛି। ସଂଘର ସଭାପତି ଡଃ ବାଦଲ କୁମାର ଦାଁ ଙ୍କ ପୌରହିତ୍ୟରେ ହୋଇଥିବା ବେଳେ ସମ୍ପାଦକ ରବୀନ୍ଦ୍ର ପାଟଖଣ୍ଡାଳ ପରିଚାଳନା କରିଥିଲେ। ସଂଘର ବାର୍ଷିକ ସାମାଜିକ କାର୍ଯ୍ୟକ୍ରମ ଉପରେ ଡଃ ଦା ବିବରଣୀ ପ୍ରଦାନ କରିଥିଲେ। ବୈଠକରେ ଜିଲ୍ଲାର ଅନେକ ସମସ୍ୟାକୁ ନେଇ ଆଲୋଚନା ହେବା ସହ ଏହାକୁ ନେଇ ଜିଲ୍ଲା ସାମ୍ବାଦିକ ସଂଘ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯିବା ନେଇ ଆଲୋଚନା ହୋଇଥିଲା। ବୈଠକରେ କର୍ମକର୍ତ୍ତା ଚୟନ ନେଇ ଆଲୋଚନା ହୋଇଥିବା ବେଳେ ବନ୍ଧୁମିଳନ କାର୍ଯ୍ୟକ୍ରମ ପାଇଁ ଆଗାମୀ ୨୦୨୫ ଜାନୁୟାରୀ ପ୍ରଥମ ସପ୍ତାହ ପାଇଁ ପ୍ରସ୍ତାବ ଦିଆଯାଇଥିଲା। କାର୍ଯ୍ୟକ୍ରମରେ ସଂଘର ଉପଦେଷ୍ଟା ବିଜୟ ମିଶ୍ର, କୀର୍ତ୍ତି ସାହୁ, ଅଜୟ ରଥ, ଅନିଲ ସାହୁକାର, ବ୍ରଜସୁନ୍ଦର ପାଢ଼ୀ, ସନ୍ତୋଷ ଗରୁ, ଅକ୍ଷୟ ପିଡ଼ିଶିକା, ତିରୁମାଲା ପଟ୍ଟନାୟକ, ମହେଶ ପାଟଖଣ୍ଡାଳ, ରଞ୍ଜନ ସ୍ୱାଇଁ, ଶ୍ୟାମ ଦାଶ, ବିଦ୍ୟା ପଣ୍ଡା, ଶଶ୍ୟ ବେହେରା, ପ୍ରସାଦ ଲିମା,ମନୋଜ ଜେନା, ତପନ କାନ୍ତାରା, ପ୍ରମୁଖ କାର୍ଯ୍ୟକାରିଣୀ କମିଟି ସଦସ୍ୟ ଯୋଗ ଦେଇଥିଲେ। ଶେଷରେ ସଂଘର କୋଷାଧ୍ୟକ୍ଷ ବିଜୟ ଦାଶ ଧନ୍ୟବାଦ୍ ଅର୍ପଣକରି କରିଥିଲେ।

# ଆନ୍ଦୋଳନକୁ ଓହ୍ଲାଇବେ ଆଉଟସୋର୍ସିଂଙ୍ଗ କର୍ମଚାରୀ




ବୌଦ୍ଧ,(ସବ୍ୟୁ): ସ୍ଥାୟୀ ନିଯୁକ୍ତି ଓ ବିଭିନ୍ନ ଦାବି ନେଇ ସରକାରଙ୍କର ବିଭିନ୍ନ ବିଭାଗରେ ଆଉଟସୋର୍ସିଂରେ କାମ କରୁଥିବା କର୍ମଚାରୀ ମାନେ ଖୁବ ଶିଘ୍ର ଆନ୍ଦୋଳନକୁ ଓହ୍ଲାଇବାକୁ ନିଷ୍ପତ୍ତି ନେଇଛନ୍ତି । ବୌଦ୍ଧ ଟାଉନ ହଲ ଠାରେ ଆଉଟସୋର୍ସିଂଙ୍ଗ ମହାସଂଘର ସାଧାରଣ ସଭା ପରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନିରେ ରାଜ୍ୟ ସରକାରଙ୍କର ଟାଳଟୁଳ ନିତିକୁ ନେଇ ଉଦବେଗ ପ୍ରକାଶ ପାଇଛନ୍ତି । ଦୀର୍ଘ ବର୍ଷଧରି ସେବା ଯୋଗାଇ ଆସୁଥିବା ଆଉଟ ସୋର୍ସିଂଙ୍ଗ କର୍ମଚାରୀମାନେ ଦୟନୀୟ ଆର୍ଥିକ ପରିସ୍ଥିତିର ସମ୍ମୁଖୀନ ହେଉଛନ୍ତି । ବାରିପିତ୍ର ମାଧମରେ ବାରୟାର ସରକାରଙ୍କୁ ଅନୁରୋଧ କରିବା ପରେ ମଧ ସେମାନଙ୍କର ସମସ୍ୟାର ସମାଧାନ ହୋଇ ପାରିଲା ନାହିଁ । ତେଣୁ ଆଗାମୀ ୧୫ ତାରିଖ ଭିତରେ ରାଜ୍ୟ ସରକାର ଆଲୋଚନା ପୂର୍ବକ ଏହି ଅସହାୟ କର୍ମଚାରୀଙ୍କୁ ନ୍ୟାୟ ପ୍ରଦାନ ପାଇଁ ନିର୍ଦ୍ଦେଶନାମା ପ୍ରକାଶ ନ କଲେ ରାଜଧାନୀରେ ରାଜ୍ୟସାରା ଆଉଟସୋର୍ସିଂଙ୍ଗ କର୍ମଚାରୀମାନେ ଆନ୍ଦୋଳନରେ ସାମିଲ ହେବେ ବୋଲି ଏହି ସାମ୍ବାଦିକ ସମ୍ମିଳନିରେ ସୂଚନା ଦିଆଯାଇଛି । ମୁଖ୍ୟତଃ ତିନିଗୋଟି ଦାବି ସଂପର୍କରେ ସରକାର ତୁରନ୍ତ ବିଚାର କରିବାକୁ ଆଉଟସୋର୍ସିଂଙ୍ଗ ମହାସଂଘ ପକ୍ଷରୁ ଦାବିକରାଯାଇଛି । ସମସ୍ତ କ୍ଷେତ୍ରରେ ହୋଇଥିବା କର୍ମଚାରୀଙ୍କୁ ପୁନଃ ନିଯୁକ୍ତି , ଆଉଟ ସୋର୍ସିଂଙ୍ଗ ବ୍ୟବସ୍ଥା ଭିତରେ ଦିନ ମଜୁରୀଆକୁ ହଟାଇ ସମସ୍ତ କର୍ମଚାରୀଙ୍କୁ ସରକାରୀ ବ୍ୟବସ୍ଥାରେ ମାସିକ ଦରମା ପ୍ରଦାନ, ଏବଂ ବହୁ ବର୍ଷଧରି ସେବା ଯୋଗାଇ ଆସୁଥିବା ସମସ୍ତ ଆଉଟ ସୋର୍ସିଂଙ୍ଗ କର୍ମଚାରୀମାନଙ୍କୁ ସ୍ଥାୟୀ କର୍ମଚାରୀର ମାନ୍ୟତା ପ୍ରଦାନ ପାଇଁ ଦାବି କରାଯାଇଛି । ସାମ୍ବାଦିକ ସମ୍ମିଳନିରେ ରାଜ୍ୟ ସଂଗଠନର ଉପସଭାପତି ପୂର୍ଣ୍ଣଚନ୍ଦ୍ର ମିଶ୍ର, କନ୍ଧମାଳ ଜିଲ୍ଲା ସଭାପତି ସରୋଜ ନାଏକ, ସାଂଗଠନିକ ସଂପାଦକ ସୁଶାନ୍ତ କହଁର, ସଦସ୍ୟ ବିମଳ ବେଲରା ପ୍ରମୁଖ ଉପସ୍ଥିତ ଥିଲେ । ବୌଦ୍ଧଜିଲ୍ଲା ମହାସଂଘର ସଭାପତି ସଂଜିତ ଜେନା, ସାଧାରଣ ସଂପାଦକ ପ୍ରକାଶ ବେହେରା, ସଂଗଠନ ସଂପାଦକ ଶ୍ରୀବସ୍ତ କର୍ମୀ,ଦେବେନ ବାରିକ ଏବଂ ଉପସଭାପତି ନରେଶ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

# ବୋବରିଆରେ ମା' ଲଙ୍କେଶ୍ୱରୀଙ୍କ ବାର୍ଷିକ ଦଶହରା



କୋକସରା,(ସବ୍ୟୁ): କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ଟେମରା ପଞ୍ଚାୟତ ବୋବାରିଆ ଗ୍ରାମର ଆରାଧ ଦେବୀ ମା ଲଙ୍କେଶ୍ୱରୀଙ୍କ ବାର୍ଷିକ ଦଶହରା ଶୁକ୍ରବାର ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଗ୍ରାମ୍ୟ କମିଟି ପକ୍ଷରୁ ମା ଲଙ୍କେଶ୍ୱରୀଙ୍କ ମୁଖ୍ୟ ପୁଜକ ଗୌରୀ ଶଙ୍କର ପୁଝାରି ପୂର୍ବ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରିବା ପରେ ଶ୍ରଦ୍ଧାଳୁ ମାନେ ମାଙ୍କୁ ଦର୍ଶନ କରି ଆଶିଷ ଭିକ୍ଷା କରିବା ସହ ନିଜ ପରିବାର ପାଇଁ ସୁଖ ସମୃଦ୍ଧି କାମନା କରିଥିଲେ। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଧର୍ମଗଡ ବିଧାୟକ ସୁଧୀର ରଞ୍ଜନ ପାଟ୍ଟଯୋଷୀ, ସମ୍ମାନିତ ଅତିଥି ହରେକୃଷ୍ଣ ପଣ୍ଡା, ଛଗନଲାଲ ଶର୍ମା, ଘନଶ୍ୟାମ ନାଏକ, ଗୋପାଳ ମାଝୀ, ଲିଙ୍ଗରାଜ ନାଏକ, ତ୍ରିନାଥ ଶବର, ଯତୀନ୍ଦ୍ର ମାଝୀ, ସୁବାଷ ଲଦୁଆ, ଈଶ୍ୱର ଲଦୁଆ ମଞ୍ଚରେ ଉପସ୍ଥିତ ରହି ଦଶରା ଅବସରରେ ଅଞ୍ଚଳବାସୀଙ୍କୁ ଶୁଭେଚ୍ଛା ଜଣାଇଥିଲେ। କାର୍ଯ୍ୟକ୍ରମକୁ ରଞ୍ଜିତ ଖମାରି ମଞ୍ଚ ସଂଯୋଜନା କରିଥିଲେ। ପରେ ରେକର୍ଡ ଡ୍ୟାନ୍ସ ଓ ଘୁମୁରା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପୂଜା କମିଟି ପକ୍ଷରୁ ସଭାପତି ତୁଳସିରାମ ପାଣିଗ୍ରାହୀ, ଉପ ସଭାପତି ସୁଦାମ ରାଉତ(ଟୁନା), ସମ୍ପାଦକ କ୍ଷୀରୋଦ ମାଝୀ, କୋଷାଧ୍ୟକ୍ଷ ଦୁର୍ବଳ ଲଦୁଆ, ଦନାର ମାଝୀ, ରୁଷିମଣି ଲଦୁଆ, ଜଗମୋହନ ମାଝୀ ସମେତ ଗ୍ରାମବାସୀ ସହଯୋଗ କରିଥିଲେ।

# ଦୁର୍ଗାପୂଜା ପାଇଁ ପୋଲିସ ଓ ପ୍ରଶାସନର ପ୍ରସ୍ତୁତି ବୈଠକ

ଖପ୍ରାଖୋଲ,(ସବ୍ୟୁ): ସ୍ଥାନୀୟ ଥାନା ପରିସରରେ ଆଗାମୀ ଦୁର୍ଗା ପୂଜା ଓ ରାବଣ ପୋଡ଼ି ଉତ୍ସବ ପାଇଁ ପ୍ରସ୍ତୁତି ବୈଠକ ଥାନା ଅଧିକାରୀ ନରେନ୍ଦ୍ର ଛତରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବିଡ଼ିଓ ବିବେକାନନ୍ଦ ଷଡ଼ଙ୍ଗୀ,ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ର, ଅଗ୍ନିଶମ ଅଧିକାରୀ ଜୟ ଗୋପାଳ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ପୁଜା କିଭଳି ଶାନ୍ତି ଶୃଙ୍ଖଳାରେ ଅନୁଷ୍ଠିତ ହେବ ସେନେଇ ପୁଜା କମିଟି ସଦସ୍ୟଙ୍କ ସହ ଆଲୋଚନା ହୋଇଥିଲା। ପୁରନ ସାହୁ, ଶିବ ରଣା, କୁନୁ ବରିହା ସମେତ କପସିପାଲି, ବାଞ୍ଜିପାଲି,ଖପ୍ରାଖୋଲ ଓ ଗମ୍ଭାରୀ ଗାଁର ଦୁର୍ଗାପୂଜା କମିଟି ସଭାପତି ଓ ସଦସ୍ୟ ଉପସ୍ଥିତ ଥିଲେ।

# ବାଇକ୍‌ରୁ ପଡ଼ି ମହିଳା ମୃତ

ଜମନକିରା,(ସବ୍ୟୁ): ଜମନକିରା ବ୍ଲକ ଟଙ୍ଗାରମାଳ ଗାଁର ମାନସ ମହାନନ୍ଦ ରବିବାର ନିଜ ଭଉଣୀକୁ ଦଶହରା ପୂଜା ପାଇଁ ଡାକିବାକୁ ନିଜ ସ୍ତ୍ରୀ ଓ ଦୁଇ ପିଲାଙ୍କ ସହ ବାଇକ୍ ରେ ଦେବଗଡ ଜିଲ୍ଲା ତିଲେଇବାଣି ବ୍ଲକ ଲୁଢ଼ର ଗାଁକୁ ଯାଇଥିଲେ। ସେଠାରୁ ଫେରିବା ବେଳେ ରାସ୍ତାରେ ହମ୍ପସ ଥିବା ଯୋଗୁଁ ବ୍ରେକ ମାରିଥିଲେ। ଫଳରେ ପଛ ସିଟ ରେ ବସିଥିବା ତାଙ୍କ ସ୍ତ୍ରୀ ରାସ୍ତାରେ ପଡ଼ି ଯାଇଥିଲେ। ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗୁଥିଲା। ତାଙ୍କୁ ବୁର୍ଲା ଡାକ୍ତରଖାନାକୁ ନିଆଯାଇଥିବା ବେଳେ ଡ଼ାକ୍ତର ମୃତ ଘୋଷଣା କରିଥିଲେ। ଏନେଇ କୌଣସି ଥାନାରେ ଏତଲା ଦାୟର ହୋଇନଥିବା ଜଣାଯାଇଛି।

# କିସିଣ୍ଡାରେ ବିଶ୍ୱ ବନ୍ୟପ୍ରାଣୀ ସପ୍ତାହ ପାଳିତ



ରେଢ଼ାଖୋଲ,(ସବ୍ୟୁ): ରାଜ୍ୟ ସରକାରଙ୍କ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ସମ୍ବଲପୁର ଜିଲ୍ଲା ବାମରା ବନ୍ୟପ୍ରାଣୀ ବନଖଣ୍ଡ ନାକଟିଦେଉଳ ବ୍ଲକ କିସିଣ୍ଡା ରେଞ୍ଜ ପକ୍ଷରୁ ୭୦ତମ ବନାଞ୍ଚଳସ୍ତରୀୟ ବିଶ୍ୱ ବନ୍ୟ ପ୍ରାଣୀ ସପ୍ତାହ ପାଳିତ ହୋଇଯାଇଛି। କିସିଣ୍ଡା ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ର ଛାତ୍ରୀ ଏବଂ କିସିଣ୍ଡା ରେଞ୍ଜର ଅଧିକାରୀ ଓ କର୍ମଚାରୀ ମାନେ ହାତରେ ପ୍ଲାକାର୍ଡ ଧରି ବନ୍ୟପ୍ରାଣୀ ସଂରକ୍ଷଣ ସମ୍ପର୍କିତ ସଚେତନତା ବାର୍ତ୍ତା ଦେଇ ଶୋଭାଯାତ୍ରାରେ ବାହାରି କିସିଣ୍ଡା ଗାଁ ପରିକ୍ରମା କରିଥିଲେ । ପରେ କିସିଣ୍ଡା ଉଚ୍ଚ ବିଦ୍ୟାଳୟ ପରିସରରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଛାତ୍ର ଛାତ୍ରୀ ମାନଙ୍କୁ ନେଇ ସାଧାରଣ ଜ୍ଞାନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । କିସିଣ୍ଡା ସରପଞ୍ଚ ରୀନାରାଣୀ ନାଏକ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ କିସିଣ୍ଡା ରେଞ୍ଜ ଅଧିକାରୀ ମହେନ୍ଦ୍ର କୁମାର ସାହୁ, କିସିଣ୍ଡା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅରୁଣ କୁମାର ପ୍ରଧାନ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ପରିବେଶ ସନ୍ତୁଳନ ଏବଂ ଜଳବାୟୁ ପରିବର୍ତ୍ତନରେ ବନ୍ୟ ଜନ୍ତୁ ମାନଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିବାରୁ ସେମାନଙ୍କର ସୁରକ୍ଷା ଆମ ସମସ୍ତଙ୍କର କର୍ତ୍ତବ୍ୟ ବୋଲି କହିଥିଲେ। ଫରେଷ୍ଟର ଅନୁରାଧା ଖରସେଲଙ୍କ ସମେତ ସମସ୍ତ ବନକର୍ମଚାରୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

# ଅନ୍ତର୍ଯ୍ୟାମୀ ସ୍ୱାଇଁ ହତ୍ୟାକାଣ୍ଡ ମାମଲା ଅଭିଯୁକ୍ତ ବାପ-ପୁଅଙ୍କୁ ଆଜୀବନ କାରାଦଣ୍ଡାଦେଶ

ବୌଦ୍ଧ,(ସବ୍ୟୁ): ବୌଦ୍ଧ ଜିଲ୍ଲା ଦୌରାଜଜ୍ ହରଭଙ୍ଗା ବ୍ଲକ ସରସରା ଗ୍ରାମର ଅର୍ନ୍ତଯ୍ୟାମୀ ସ୍ୱାଇଁ ହତ୍ୟାକାଣ୍ଡ ମାମଲାର ବିଚାର କରି ଅଭିଯୁକ୍ତ ବାପ ପୁଅଙ୍କୁ ଆଜୀବନ କାରାଦଣ୍ଡାଦେଶ ପ୍ରଦାନ କରିବା ସହିତ ୧୦ ହଜାର ଟଙ୍କା ଜୋରିମାନା ଆଦେଶ ଦେଇଛନ୍ତି । ମାମଲାରୁ ପ୍ରକାଶ ଯେ, ଗତ ୦୪.୦୬.୨୦୨୧ ରିଖରେ ସରସରା ଗ୍ରାମର ଅନ୍ତର୍ଯ୍ୟାମୀ ସ୍ୱାଇଁଙ୍କ କ୍ଷତ ବିକ୍ଷତ ମୃତ ଶରୀର ସରସରା ଗ୍ରାମର ରାଧାବାହାଲି ସେତୁ ନିକଟ ରାସ୍ତା କଡରେ ପଡିଥିଲା । ମୃତଦେହ ଦେଖି ଗାଁ ଲୋକ ପୁଲିସକୁ ସୂଚନା ଦେଇଥିଲେ । ଅର୍ନ୍ତଯ୍ୟାମୀ ମୃତ୍ୟୁ ଘଟଣା ନେଇ ବୌଦ୍ଧ ଥାନାରେ ଅଭିଯୋଗ ହୋଇଥିଲା । ଅଭିଯୋଗକ୍ରମେ ବୌଦ୍ଧ ପୁଲିସ ଥାନା କେସ ନମ୍ବର ୧୩୯/ ୨୧ରେ ହତ୍ୟା ମାମଲା ରୁଜୁ କରି ଶବ ଜବତ କରିବା ସହିତ ଘଟଣାର ତଦନ୍ତ ଆରମ୍ଭ କରିଥିଲା । ପୁଲିସ ଏହି ହତ୍ୟା ଘଟଣାରେ ସରସରା ଗ୍ରାମର ପୁର୍ଣ୍ଣଚନ୍ଦ୍ର ଓ ତାଙ୍କ ପୁଅ ନାରାୟଣକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ପରବର୍ତ୍ତୀ ସମୟରେ ମାମଲାଟି ଜିଲା ଦୌରାଜଜ୍‌ଙ୍କ ଅଦାଲତରେ ଏସଟି କେସ ନମ୍ବର ୧୦୩/୨୨ ହୋଇ ବିଚାର ହୋଇଥିଲା । ମାମଲାରେ ସରକାରଙ୍କ ପକ୍ଷରୁ ୨୧ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ଅଦାଲତ ଅଭିଯୁକ୍ତ ବାପ ପୁଅକୁ ଆଜୀବନ କାରାଦଣ୍ଡାଦେଶ ଦେବା ସହିତ ୧୦ ହଜାର ଟଙ୍କା ଜୋରିମାନା ଆଦେଶ ପ୍ରଦାନ କରିଛନ୍ତି । ସରକାରଙ୍କ ପକ୍ଷରୁ ଏହି ମାମଲାକୁ ପିପି ସବିତା କୁମାରୀ ପଣ୍ଡା ପରିଚାଳନା କରୁଥିଲେ ।

# ଦାନ ବାକ୍ସ ସହ ଧରାପଡିଲା ମନ୍ଦିର ଲୁଟେରା

ବୌଦ୍ଧ,(ସବ୍ୟୁ) : ବୌଦ୍ଧ ଜିଲ୍ଲାର ବିଭିନ୍ନ ଦେବାଳୟରୁ ଦେବା ଦେବୀଙ୍କ ଦାନବାକ୍ସ ଓ ଅଳଙ୍କାର ସବୁ ଚୋରୀ ହୋଇଚାଲିଥିବାବେଳେ ଅନେକ ଉଦ୍ୟମ ସତ୍ତ୍ୱେ ପୁଲିସ ଚୋରୀ ସାମଗ୍ରୀ କିମ୍ବା ଚୋର ସଂପର୍କରେ ଟେର ପାଇପାରୁନଥିଲା। ଦୀର୍ଘଦିନର ବ୍ୟବଧାନ ପରେ ପୁଣିଥରେ ଗତ ୪ ତାରିଖ ଦିନ ବୌଦ୍ଧ ସହର ଉପକଣ୍ଠରେ ଥିବା ଟୁଟୁସିଙ୍ଗା ଶିବ ମନ୍ଦିରରୁ ଦାନ ବାକ୍ସ ଚୋରୀ ହୋଇଥିବା ନେଇ ଅଭିଯୋଗ ହୋଇଥିଲା । ଶନିବାର ରାତିରେ ଜଣେ ଯୁବକ ଏକ ବୁଦାମୂଳେ ଦାନବାକ୍ସ ଭାଙ୍ଗୁଥିବା ସ୍ଥାନିୟ ଲୋକଦେଖି ତାକୁ ଅଟକ ରଖି ପୁଲିସକୁ ଜିମା ଦେଇଥିଲେ । ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ଥାନା ଅନ୍ତର୍ଗତ ଗୁମୁଡୁଲା ଗ୍ରାମର ରାଜୀବଲୋଚନ ସାହୁ(୨୬)ଙ୍କୁ ମନ୍ଦିର ଚୋରୀ ମାମଲାରେ ପୁଲିସ ଗିରଫ କରିଥିଲା। ତାଙ୍କ ନିକଟରୁ ଚୋରୀ ଦାନ ବାକ୍ସ ସହିତ ୧୨୦୦ ଟଙ୍କା ପୁଲିସ ଜବତ କରିବାପରେ ବୌଦ୍ଧ ଆଦର୍ଶ ଥାନାରେ ଏକ ମାମଲା ରୁଜୁ କରି ଥାନାକୁ ଆଣି ପଚରା ଉଚୁରା କରିଥିଲା। ପୁଲିସ ନିକଟରେ ଅଭିଯୁକ୍ତ ରାଜୀବ ଗତ ଫେବୃୟାରୀ ମାସରେ ବୌଦ୍ଧର ପ୍ରସିଦ୍ଧ ଭୈରବୀ ମନ୍ଦିର ସମେତ ଅନ୍ୟ ଏକ ମନ୍ଦିରରୁ ଚୋରୀ ମାମଲାରେ ସଂପୃକ୍ତ ଥିବା ନେଇ ସ୍ୱୀକାର କରିଛି ବୋଲି ବୌଦ୍ଧ ଆଦର୍ଶ ଥାନା ଅଧିକାରୀ ରଞ୍ଜିତ କୁମାର ମୁନି ସୂଚନା ଦେଇଛନ୍ତି।

# ଜବତ ହେଲା ୨୦ ଲକ୍ଷ ଟଙ୍କାରୁ ଅଧିକ ମୂଲ୍ୟର ବାଣ

ରାଉରକେଲା,(ସବ୍ୟୁ) : ରାଉରକେଲାରେ ନିୟମର ଖୋଲା ଉଲ୍ଲଂଘନକରି ଜନବସତି ଅଞ୍ଚଳରେ ଥିବା ଗୋଦାମରେ ବାଣ ଗଦା କରୁଛନ୍ତି। ଠିକ୍ ଏଭଳିଭାବେ ବାଣବେପାର କରୁଥିବା ଦୁଇ ଅଭିଯୁକ୍ତଙ୍କୁ ପ୍ଲାଣ୍ଟ ସାଇଟ୍ ପୁଲିସ ଅଟକ ରଖିଛି। ଡେଲିମାର୍କେଟ୍ ଅଞ୍ଚଳର ଦୁଇ ବାଣବେପାରୀ ବିକାଶ ଅଗ୍ରୱାଲ ଓ ଅଜୟ ଗୁପ୍ତାଙ୍କ ପାଖରୁ ପୁଲିସ ୨୦ ଲକ୍ଷ ଟଙ୍କାରୁ ଅଧିକ ମୂଲ୍ୟର ବାଣ ଜବତ କରିଛି। ଅଭିଯୁକ୍ତ ବିକାଶଙ୍କ ଡେଲିମାର୍କେଟ 'ରୂପସୃଙ୍ଗାର' ଦୋକାନ ଅଛି। ଉକ୍ତ ଦୋକାନ ପଛପଟେ ଏକ ଗୋଦାମରେ ୨୦ ଲକ୍ଷରୁ ଅଧିକ ମୂଲ୍ୟର ବିଭିନ୍ନ କିସମର ବାଣ ରଖିଥିଲେ। ଏନେଇ ସୂଚନାପାଇ ଶନିବାର ବିଳମ୍ବିତ ସଂଧ୍ୟାରେ ପ୍ଲାଣ୍ଟସାଇଟ୍ ପୁଲିସ ଚଢ଼କରି ଜବତ କରିଥିଲା। ରବିବାର ଦିନସାରା ଛାନଭିନ୍ କରିଥିଲା। ଅଭିଯୁକ୍ତ ଦ୍ୱୟ କେଉଁଠାରୁ ବାଣ ଆଣିଥିଲେ, ସେନେଇ ମୁହଁ ଖୋଲୁନଥିବା ଜଣାପଡ଼ିଛି। ସହରରେ କେବଳ ୨ ଜଣ ଲାଇସେନ୍ସପ୍ରାପ୍ତ ବାଣ ହୋଲସେଲର୍ ଅଛନ୍ତି। କିନ୍ତୁ, ଏକାଧିକ ବ୍ୟକ୍ତ ଅନୈତିକଭାବେ ବାଣ ବେପାରରେ ମାତିଯାଇଛନ୍ତି। ବାସ୍ତବରେ ବେଆଇନ ବାଣବେପାରୀଙ୍କ ସଂଖ୍ୟା ୫୦ ଟପିବ। ସେମାନେ ଲୁଚାଛପା ଭାବେ ରାୟପୁର, ଶିବକାଶୀ ଆଦି ବିଭିନ୍ନ ସ୍ଥାନରୁ ବାଣ ଆଣି ବିକିବା ଆରମ୍ଭ କରିସାରିଲେଣି। ଅପରପକ୍ଷରେ ଏଭଳି ବେଆଇନ ବେପାରୀଙ୍କ ଉପରେ ଅଙ୍କୁଶ ଲଗାଇବାକୁ ରାଉରକେଲା ପୁଲିସ ଅଣ୍ଟା ଭିଡ଼ିଛି। ଏକ ସ୍ୱତନ୍ତ୍ର ଟିମ ଗଠନ କରାଯିବ। ଉକ୍ତ ଦଳ ସହରର ବିଭିନ୍ନ ସ୍ଥାନରେ ବାଣବିକ୍ରି ଉପରେ କଡ଼ା ନଜର ରଖିବବୋଲି ପୁଲିସ ପକ୍ଷରୁ କହାଯାଇଛି।

# ହକି ଖେଳକୁ ଜିଲ୍ଲାରେ ଅଧିକ ଲୋକପ୍ରିୟ କରାଯିବ : ରାଜସ୍ୱ ମନ୍ତ୍ରୀ

ଝାରସୁଗୁଡ଼ା,(ସବ୍ୟୁ): ରାଜ୍ୟ ସରକାର ଜାତୀୟ ଖେଳ ହକିକୁ ଗୁରୁତ୍ୱ ଦେଉଥିବା ବେଳେ ଜିଲ୍ଲାପାଳ ଅବୋଲି ସୁନିଲ ନରୱଣେ ଜିଲ୍ଲାରେ ଥିବା ସ୍କୁଲ ଗୁଡିକରେ ହକି ଖେଳକୁ ଲୋକପ୍ରିୟ କରିବା ପାଇଁ ପଦକ୍ଷେପ ଆରମ୍ଭ କରିଦେଇଛନ୍ତି। ସ୍କୁଲରେ ହକି ଖେଳ ପ୍ରତି ଆଗ୍ରହ ସୃଷ୍ଟି କରିବା ପାଇଁ ଜିଲ୍ଲା ଶିକ୍ଷା ଅଧିକାରୀ ଡଃ ରାଧାକାନ୍ତ ଗଡ଼ତିଆ, ଜିଲ୍ଲା କ୍ରୀଡା ଅଧିକାରୀ ସୁଶିଳ ମିଶ୍ର ,ଜିଲ୍ଲା ମଙ୍ଗଳ ଅଧିକାରୀ ଡୋମିନିକ ଟପୋ ଓ ଜିଲ୍ଲା ସ୍କୁଲ ଶାରୀରିକ ଶିକ୍ଷା ଅଧିକାରୀ ବିମଳ କୁମାର ତାଣ୍ଡିଙ୍କ ପ୍ରଚେଷ୍ଟାରେ ଜୁନିୟର , ସବ- ଜୁନିୟର ବାଳକ,ବାଳିକା ସ୍ତରରେ ଜିଲ୍ଲାରେ ଥିବା ସ୍କୁଲ ଓ ଆଶ୍ରମ ସ୍କୁଲ ଗୁଡିକରେ ହକି ପ୍ରତିଯୋଗିତା ହେଉଛି। ଏହା ସହିତ ଜିଲ୍ଲାରେ ୨୫ ଜଣ ଖେଳ ଶିକ୍ଷକଙ୍କୁ ପ୍ରାଥମିକ ପ୍ରଶିକ୍ଷଣ ଦିଆ ଯାଇଛି। ଗତ ତିନି ବର୍ଷରେ ଜିଲ୍ଲାର ୫୦ରୁ ଉର୍ଦ୍ଧ ସ୍କୁଲରେ ହକି ଖେଳ ଆରମ୍ଭ ହୋଇଛି। ୨୦୨୪ ମାର୍ଚ୍ଚ ମାସରେ ମୋତିଲାଲ ଯାଦବ ମେମୋରିଆ ସଂସ୍ଥା ପକ୍ଷରୁ ୭ ଦିନ ଧରି ୧୮୦ ଜଣ ସ୍କୁଲ ବାଳକ, ବାଳିକା ହକି ଖେଳାଳିଙ୍କୁ ରାଜ୍ୟସ୍ତରୀୟ ଦକ୍ଷ ପ୍ରଶିକ୍ଷକଙ୍କ ଦ୍ୱାରା ଆବାସିକ ହକି ପ୍ରଶିକ୍ଷଣ ପ୍ରଦାନ କରା ଯାଇଥିଲା । ରାଜ୍ୟ ସ୍କୁଲ ହକି ପ୍ରତିଯୋଗିତାରେ ଜିଲ୍ଲାର ବାଳକ, ବାଳିକା ମାନେ ସୁନାମ ଅର୍ଜନ କରି ଓଡିଶା ସ୍କୁଲ ଦଳରେ ପ୍ରତିନିଧିତ୍ୱ କଲେଣି।

ଜିଲ୍ଲା ପ୍ରଶାସନର ସହଯୋଗରେ ଜିଲ୍ଲାରେ ସବ-ଜୁନିୟର ବାଳକ ଓ ବାଳିକା ମାନଙ୍କ ମଧ୍ୟରେ ସ୍କୁଲସ୍ତରୀୟ ପ୍ରତିଯୋଗିତା ଆସନ୍ତା ନଭେମ୍ବର ମାସରେ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି । ଏହା ସହିତ କଲେଜ ସ୍ତରୀୟ ଓ ସିନିୟର କ୍ଲବ ମ୍ୟାଚ ଅନୁଷ୍ଠିତ ହେବ ବୋଲି ହକି ଓଡିଶାର ଉପ-ସଭାପତି ଜୀବନ ମହାନ୍ତି ପ୍ରକାଶ କରିଛନ୍ତି। ମୋ ସ୍କୁଲ ହକି କ୍ଲବ କାର୍ଯ୍ୟକ୍ରମରେ ଜିଲ୍ଲାରେ କଟାପାଲି ସ୍କୁଲକୁ ହକି କ୍ଲବ ପାଇଁ ମନୋନୀତ କରାଯାଇ ସେଠାରେ ହକି ଷ୍ଟାଡିୟମ ନିର୍ମାଣ ହୋଇଛି। ସେଠାରେ ଖୁବ ଶିଘ୍ର ଆଷ୍ଟ୍ରେଟର୍ପ ଷ୍ଟାଡିୟମର କାର୍ଯ୍ୟ ଆରମ୍ଭ ହେବ ବୋଲି ଲକ୍ଷ୍ୟ ରଖା ଯାଇଛି। ଯାହାକି ନିଜେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଏହି କାର୍ଯ୍ୟର ତଦାରଖ କରୁଛନ୍ତି। ମନ୍ତ୍ରୀ ଶ୍ରୀ ପୂଜାରୀ ସାଂସଦ ଥିବା ବେଳେ ଜିଲ୍ଲା ଖଣିଜ ପାଣ୍ଠିରୁ ହକି ଷ୍ଟାଡିୟମ ନିର୍ମାଣ ପାଇଁ ଅର୍ଥ ମଞ୍ଜୁରୀ କରିଥିଲେ। କିନ୍ତୁ ପ୍ରଶାସନିକ ଅବହେଳା ପାଇଁ ଅର୍ଥ ଖର୍ଚ୍ଚ ହୋଇ ପାରି ନାହିଁ। ଶ୍ରୀ ପୂଜାରୀ କ୍ରୀଡା ବିଭାଗ ଓ ପୂର୍ତ୍ତବିଭାଗର ପ୍ରମୁଖ ସଚିବଙ୍କ ସହିତ ଆଲୋଚନା କରିଛନ୍ତି। ଏହାଦ୍ୱାରା ହକି ଖେଳାଳି ଓ କ୍ରୀଡା ପ୍ରେମୀଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି।

# ରାଜ୍ୟସ୍ତରୀୟ ଭଲିବଲ ପାଇଁ ଜବାହାର ଉଚ୍ଚ ବିଦ୍ୟାଳୟର ୪ ଛାତ୍ରଛାତ୍ରୀ ମନୋନୀତ



କୋକସରା, (ସବ୍ୟୁ): ରାଜ୍ୟସ୍ତରୀୟ ଅଣ୍ଡର ୧୪/୧୭ ଭଲିବଲ ପ୍ରତିଯୋଗିତାରେ ଅଂଶଗ୍ରହଣ ପାଇଁ କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ଜବାହାର ଉଚ୍ଚ ବିଦ୍ୟାଳୟର ୪ ଜଣ ଛାତ୍ରଛାତ୍ରୀ ମନୋନୀତ ହୋଇଛନ୍ତି। ଆସନ୍ତା ୬/୧୦ ଠାରୁ ୯/୧୦ ପର୍ଯ୍ୟନ୍ତ ଗଜପତି ଜିଲ୍ଲା ପାରଳାଖେମୁଣ୍ଡି ଏମ. ଆର ବାଳକ ହାଇସ୍କୁଲ ଠାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଭଲିବଲ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ଜବାହାର ଉଚ୍ଚ ବିଦ୍ୟାଳୟର କ୍ରୀଡା ଶିକ୍ଷକ ଅମିତ କୁମାର ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅଣ୍ଡର ୧୭ରେ ଛାତ୍ରୀ ଜ୍ୟୋସ୍ନାମୟୀ ପ୍ରଧାନୀ, ରୂପାଲି ନାଏକ, ପଲ୍ଲବି ନେଗି ଓ ଅଣ୍ଡର ୧୪ ରେ ଛାତ୍ର ନରୋତ୍ତମ ପଟ୍ଟନାୟକ ରାଜ୍ୟ ସ୍ତରୀୟ ଭଲିବଲ କ୍ରୀଡା ପାଇଁ ମନୋନୀତ ହୋଇଛନ୍ତି।

# ଜିଲ୍ଲା କୋଶଲ ସେନାର ନୂତନ କମିଟି ଗଠିତ

କନ୍ଧମାଳ,(ସବ୍ୟୁ): ବୌଦ୍ଧ ଜିଲ୍ଲା କନ୍ଧମାଳ ବ୍ଲକର ମନମୁଣ୍ଡାସ୍ଥିତ ପୂର୍ତ୍ତ ବିଭାଗ ଡାକବଙ୍ଗଳାରେ ବୌଦ୍ଧ ଜିଲ୍ଲା କୋଶଲ ସେନା ପକ୍ଷରୁ ସୁବେଦାର ଲଳିତ ସାହୁଙ୍କ ସଭାପତିତ୍ୱରେ ସାଧାରଣ ବୈଠକ ଅନୁଷ୍ଠିତ ହୋଇଥିଲା। ସଭାରେ ପଶ୍ଚିମ ଓଡ଼ିଶାର ବିଭିନ୍ନ ସମସ୍ୟା ଓ ସ୍ୱତନ୍ତ୍ର କୋଶଲ ରାଜ୍ୟ ପାଇଁ ସମସ୍ତେ ଏକତ୍ରିତ ହୋଇ ଓଡ଼ିଶା ସରକାର ପାଖରେ ଲଢେଇ ଜାରି ରଖିବାକୁ ପ୍ରସ୍ତାବ ଦିଆଯାଇଥିଲା। ସେଥିପାଇଁ ଜିଲ୍ଲାସ୍ତରୀୟ ଏକ କମିଟି ଗଠନ କରିବାପାଇଁ ଆଲୋଚନା ହୋଇଥିଲା। ପ୍ରସ୍ତାବ ଅନୁସାରେ ସର୍ବସମ୍ମତି କ୍ରମେ ସଭାପତି ଭାବେ ସୁବେଦାର ଲଳିତ କୁମାର ସାହୁଙ୍କୁ ସଭାପତି, ଉପସଭାପତି ତରଣୀ ସେନ ମେହେର, ପ୍ରଶାନ୍ତ କର୍ଣ୍ଣ ଓ ରମାକାନ୍ତ ବଘାର, ସଂପାଦକ ଅନନ୍ତ କୁମାର ମିଶ୍ର, ଯୁଗ୍ମ ସଂପାଦକ ଆଶିଷ କୁମାର ନାୟକ, କୋଷାଧ୍ୟକ୍ଷ ସୁବ୍ରତ କୁମାର ଭୋଇ, ପରିଚାଳନାର ସକ୍ରିୟ ସଭ୍ୟ ଭାବେ ନିରଞ୍ଜନ କର୍ଣ୍ଣ,ମହେନ୍ଦ୍ର ମହାକୁଡ଼, ସୁମନ୍ତ ଥାଟି, ଆକାଶ ମେହେର, ହିମାଂଶୁ ଜାଲ, ଦୁର୍ଯ୍ୟୋଧନ ବନଛୋରଙ୍କୁ ମନୋନୀତ କରାଯାଇଛି। ପରେ ନୂତନ କମିଟୀର ସମସ୍ତ ସଦସ୍ୟଙ୍କୁ ସେନା ପକ୍ଷରୁ ସ୍ୱାଗତ କରାଯାଇଥିଲା। ପରେ ନୂତନ ସଭାପତି ଶ୍ରୀ ସାହୁ ଆଗାମୀ ଦିନରେ ଖୁବଶିଘ୍ର ତିନି ବ୍ଲକରେ ବ୍ଲକସ୍ତରୀୟ କମିଟି ଗଠନ କରି ବୌଦ୍ଧ ଜିଲ୍ଲାର ସମସ୍ତ ସମସ୍ୟା ଉପରେ ଧ୍ୟାନ ଦିଆଯିବ ନେଇ ପ୍ରକାଶ କରିଥିଲେ। ଅନନ୍ତ କୁମାର ମିଶ୍ର ଧନ୍ୟବାଦ ଦେଇଥିଲେ ।

# ଡୁଙ୍ଗୁରିପାଲି ବ୍ଲକସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତା

ଡୁଙ୍ଗୁରିପାଲି,(ସବ୍ୟୁ): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକର ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ବ୍ଲକସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ପ୍ରଜ୍ଞାନ ମିଶନ ପକ୍ଷରୁ ପ୍ରଧାନ ଆଚାର୍ଯ୍ୟ ବିଭୁତି ଭୂଷଣ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିବା ପ୍ରତିଯୋଗିତାରେ ଡୁଙ୍ଗୁରିପାଲି ବ୍ଲକର ବିଭିନ୍ନ ଶିକ୍ଷା ଅନୁଷ୍ଠାନରୁ ପ୍ରାୟ ୪୪ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ । ଶ୍ରୀମତ୍- ଭଗବତ ଗୀତାର ଚତୁର୍ଥ ଅଧାୟ ଆବୃତ୍ତି କରିଥିଲେ । ପ୍ରତିଯୋଗୀତା ହୋଇଥିବା ଚାରୋଟି ବର୍ଗ ରେ କ' ବିଭାଗରୁ ଯଶୀରାଣୀ ସାହୁ, ପ୍ରିନ୍ସ ଖୁଟୁଲା, ଶ୍ରୁତି ବନଛୋର,ଖ' ବିଭାଗରୁ ଗାୟତ୍ରୀ ନାଗ, ସୌମ୍ୟାରାଣୀ ବିଶ୍ୱାଳ, ଯାଜ୍ଞସେନୀ ବାଗ, ଗ' ବିଭାଗରୁ କିରଣ ନନ୍ଦ, ଖୁସି ଭୋଇ,ସୋହନା ମେହେର ଯଥାକ୍ରମେ ପ୍ରଥମ, ଦ୍ୱିତୀୟ, ତୃତୀୟ ଭାବେ ପୁରସ୍କୃତ ହୋଇ ଆସନ୍ତା ନଭେମ୍ବର ୨୪ରେ ସୋନପୁର ଶିଶୁ ବିଦ୍ୟା ମନ୍ଦିରରେ ହେବାକୁ ଥିବା ଜିଲ୍ଲାସ୍ତରୀୟ ପ୍ରତିଯୋଗୀତାକୁ ଉତ୍ତୀର୍ଣ୍ଣ ହୋଇଛନ୍ତି । ସାହିତ୍ୟ ଓ ସାଂସ୍କୃତିକ ସଂସଦର ସଭାପତି ଡ଼. ସୁବାସ ଚନ୍ଦ୍ର ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପଶ୍ଚିମ ପ୍ରାନ୍ତ ସମରସତା ବିଭାଗ ଗଣମାଧମ ପ୍ରମୁଖ ରାଧାବଲ୍ଲଭ ଷଡ଼ଙ୍ଗୀ ମୁଖ୍ୟ ଅତିଥି ରୂପେ ଯୋଗଦେଇ ସମସ୍ତ ସମସ୍ୟାର ସମାଧାନର ସୂତ୍ର ଗୀତା ଆବୃତ୍ତି ଓ ଅଭ୍ୟାସ ବୋଲି ମତ ବ୍ୟକ୍ତ କରିଥିଲେ । ଅବସର ପ୍ରାପ୍ତ ସଂସ୍କୃତ ଶିକ୍ଷକ ସୂର୍ଯ୍ୟଭାନୁ ଦାଶ ଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଅବସର ପ୍ରାପ୍ତ ପ୍ରାଥମିକ ଶିକ୍ଷକ ସୁବାସ ଚନ୍ଦ୍ର ଥଇତ ,ବ୍ରହ୍ମାନନ୍ଦ ମୟୀ ଏନଲାଇଟମେଣ୍ଟ ଟ୍ରଷ୍ଟର ବ୍ଲକ ସଂଯୋଜକ ଭବାନୀ ଶଙ୍କର ଚାନ୍ଦ, ଭଗବତ ପ୍ରବଚିକା ହରିପ୍ରିୟା ପଧାନ ସମ୍ମାନିତ ଅତିଥିଭାବେ ଯୋଗଦେଇ ଗୀତାକୁ ପ୍ରତ୍ୟହ ପାଠ କରୁଥିବା ବ୍ୟକ୍ତି ଜୀବନ ର ସମସ୍ତ ସମସ୍ୟାକୁ ଅଚିରେ ସମାଧାନ କରିପାରନ୍ତି ବୋଲି କହିଥିଲେ । ପ୍ରଜ୍ଞାନ ମିଶନର କାର୍ଯ୍ୟକର୍ତ୍ତା ଅନ୍ତର୍ଯ୍ୟାମୀ ହୋତା, ସାହସ୍ରାଂଶୁ ପଟ୍ଟନାୟକ, ବାଳଗୋପାଳ ଚାନ୍ଦ ପୁରସ୍କାର ବିତରଣ ରେ ସହଯୋଗ କରିଥିଲେ । ଡୁଙ୍ଗୁରିପାଲି ବ୍ଲକର ମାନ୍ୟଗଣ୍ୟ ସଂସ୍କୃତ ବିଦ୍ୱାନ ମଞ୍ଜୁଶ୍ରୀ ମିଶ୍ର, ଅମ୍ଳାନ ପାଣ୍ଡିଆ,ପ୍ରସନ୍ନ ମେହେର, ସୂର୍ଯ୍ୟଭାନୁ ଦାଶ, ଜୟ କୁମାର ସାହୁ, ଅଜିତ କୁମାର ରଣା ପ୍ରମୁଖ ବିଚାରପତି ଦାୟିତ୍ୱ ତୁଲାଇଥିଲେ । ଗୁରୁଜୀ ଅଶ୍ୱିନୀ ନାୟକ ସଭା ପରିଚାଳନା କରିଥିବା ବେଳେ ନରେନ୍ଦ୍ର ପୁରୋହିତ ଧନ୍ୟବାଦ ଅର୍ପଣ କରିଥିଲେ।

# ରାଜ୍ୟ ଜୁଡୋ ପ୍ରତିଯୋଗିତାରେ ଭାଗ ନେବେ ୩୪ ପ୍ରତିଯୋଗୀ




ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ଜିଲ୍ଲା ଜୁଡୋ ହଲ ଠାରେ ଜିଲ୍ଲାସ୍ତରୀୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ପ୍ରତିଯୋଗିତାର ୩୪ଜଣ କୃତି ପ୍ରତିଯୋଗୀ ରାଜ୍ୟ ଜୁଡୋ ପ୍ରତିଯୋଗିତାରେ ଭାଗ ନେବେ । ଶ୍ରେଷ୍ଠ ଖେଳାଳୀ ଭାବେ ଆଶିଷ କୁମାର ସାହୁ ଓ ଶୁଭଶ୍ରୀ ମେହେର ବିବେଚିତ ହୋଇଥିବା ବେଳେ ତାଙ୍କୁ ସମ୍ମାନିତ କରାଯାଇଥିଲା । ବିଧାୟକ ଜୟନାରାୟଣ ମିଶ୍ର ମୁଖ୍ୟ ଅତିଥି, ଲଜପତ୍ ରାଏ ଆଇନ କଲେଜ ଅଧ୍ୟକ୍ଷ ପ୍ରଫେସର ବିଜୟାନନ୍ଦ ବେହେରା ସମ୍ମାନିତ ଅତିଥି ଭାବେ ଯୋଗ ଦେଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ । ପୁଷ୍ପାଞ୍ଜଳି ସାହୁ ଓ ସମ୍ପାଦକ ସୁବାସ ଚନ୍ଦ୍ର ବେହେରା ବିଚାରକ ଦାୟିତ୍ୱ ତୁଲାଇଥିଲେ ।

(ଶ୍ରୀମଦ୍ଭଗବଦ୍ ଗୀତା ୧୦/୧୩)
–ବିଭୂତିଯୋଗଃ–
( ଅର୍ଜ୍ଜୁନ ଉବାଚ )

**ଆହୁସ୍ତ୍ୱାମୃଷୟଃ ସର୍ବେ ଦେବର୍ଷିର୍ନାରଦସ୍ତଥା ।**
**ଅସିତୋ ଦେବଲୋ ବ୍ୟାସଃ ସ୍ୱୟଂ ଚୈବ ବ୍ରବୀଷି ମେ ॥୧୩॥**

(ସଂକ୍ଷେପରେ କୁହାଯାଇଥିବା ବିଭୂତି ବିସ୍ତୃତଭାବରେ ଜାଣିବାକୁ ଉତ୍ସୁକ ହୋଇ ସାତଟି ଶ୍ଲୋକରେ ଭଗବାନଙ୍କୁ ସ୍ତବ କରି)ଅର୍ଜ୍ଜୁନ କହିଲେ– ଆପଣ ପରଂବ୍ରହ୍ମ, ପରମ ଆଶ୍ରୟ, ପରମ ପବିତ୍ର । ଭୃଗୁ ପ୍ରଭୃତି ଋଷିମାନେ, ଦେବର୍ଷି ନାରଦ, ଅସିତ, ଦେବଳ, ବ୍ୟାସ– ଆପଣଙ୍କୁ ନିତ୍ୟ, ପୁରୁଷ, ଜ୍ୟୋତିର୍ମୟ, ଆଦିଦେବ, ଜନ୍ମହୀନ ଏବଂ ବ୍ୟାପକ ବୋଲି କହନ୍ତି, ଆପଣ ନିଜେ ମଧ୍ୟ ମୋତେ ସେହି କଥା କହୁଛନ୍ତି ॥୧୩॥

# କୋଇଲାରୁ ମୁକ୍ତି

ସମ୍ପାଦକୀୟ

ଜଳବାୟୁ ପରିବର୍ତ୍ତନକୁ ରୋକିବା ପାଇଁ କୋଇଲା ବ୍ୟବହାର ଓ ଉତ୍ପାଦନ ବନ୍ଦ କରିବା ହେଉଛି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । କୋଇଲା, ସର୍ବାଧିକ ପ୍ରଦୂଷିତ ଜୀବାଶ୍ମ ଇନ୍ଧନ । ବିଶ୍ୱର ହାରାହାରି ତାପମାତ୍ରା ଶିଳ୍ପ ପୂର୍ବ ସମୟ ତୁଳନାରେ ୧.୫ ଡିଗ୍ରୀ ସେଲସିୟସରୁ ଅଧିକ ହେବା ଉଚିତ ନୁହେଁ । ଏହା ନିଶ୍ଚିତ କରିବାକୁ ଯାଇ,ବିଶ୍ୱର ଦେଶ ସମୂହ ଅନେକ ଗୁଡିଏ ନିଷ୍ପତ୍ତି ଉପରେ କାର୍ଯ୍ୟ କରୁଛନ୍ତି । କୋଇଲାର ବ୍ୟବହାରକୁ ୨୦୩୦ ସୁଦ୍ଧା ୪ ପ୍ରତିଶତକୁ ହ୍ରାସ କରିବା ସହ ୨୦୪୦ ସୁଦ୍ଧା ସମ୍ପୂର୍ଣ୍ଣ ଭାବରେ ଏହାର ବ୍ୟବହାର ବନ୍ଦ କରିବାକୁ ପଡିବ, ତେବେଯାଇ ଜଳବାୟୁ ସଙ୍କଟର ପ୍ରଭାବକୁ ଆମେ ହ୍ରାସ କରିପାରିବା । ବିଦ୍ୟୁତ ଉତ୍ପାଦନରୁ କୋଇଲା ହଟାଇବା ସହ ଅର୍ଥନୀତିର ଅନ୍ୟାନ୍ୟ କ୍ଷେତ୍ରକୁ ଡିକାର୍ବୋନାଇଜ୍ କରିବା ମଧ୍ୟ ଖୁବ୍ ଗୁରୁତ୍ୱପୂର୍ଣ୍ଣ । ଅନ୍ୟପକ୍ଷରେ, ୨୦୨୨ ମସିହାର ଏକ ତଥ୍ୟ ଅନୁସାରେ, କୋଇଲା ୩୬ ପ୍ରତିଶତ ବିଦ୍ୟୁତ୍ ଉତ୍ପାଦନ ଯୋଗାଇଥାଏ । ତେଣୁ ଏହାକୁ ହ୍ରାସ କରିବା ସମ୍ଭବ ନୁହେଁ ବୋଲି ବିଶ୍ୱାସ କରାଯାଉଥିଲା । କିନ୍ତୁ, ବିଦ୍ୟୁତ କ୍ଷେତ୍ରରେ ବ୍ୟବହୃତ କୋଇଲାର ଅଂଶ ଗତ କିଛି ବର୍ଷ ମଧ୍ୟରେ ଧୀରେ ଧୀରେ ହ୍ରାସ ପାଇବାରେ ଲାଗିଛି । ବିକଶିତ ଦେଶଗୁଡିକ ଯଥାଶୀଘ୍ର କୋଇଲା ବ୍ୟବହାର ବନ୍ଦ କରିବା ଉଚିତ କାରଣ ସେମାନଙ୍କର ଆର୍ଥିକ ସ୍ଥିତି ବିକାଶଶୀଳ ରାଷ୍ଟ୍ର ଅପେକ୍ଷା ଶକ୍ତିଶାଳୀ ଏବଂ ଏବେ ମଧ୍ୟ ବିକଶିତ ରାଷ୍ଟ୍ରଗୁଡିକ କୋଇଲା ଉପରେ କମ୍ ନିର୍ଭରଶୀଳ । କିନ୍ତୁ ସମସ୍ତ ଦେଶ ଏ ଦିଗରେ ନିଜ ନିଜର କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ଆବଶ୍ୟକ । ହାତଗଣତି କିଛି ଦେଶ ପ୍ରମାଣ କରିସାରିଛନ୍ତି ଯେ କୋଇଲାର ବ୍ୟବହାର ସମାପ୍ତ କରାଯାଇ ପାରିବ । ଏହାର ଗୋଟିଏ ବଡ ଉଦାହରଣ ହେଉଛି ବ୍ରିଟେନ, କୋଇଲା ବ୍ୟବହାର କରି ବିଦ୍ୟୁତ୍ ଉତ୍ପାଦନ କରିବା ପ୍ରକ୍ରିୟାକୁ ଏହା ବନ୍ଦ କରିପାରିଛି – ଅର୍ଥାତ ଜୀବାଶ୍ମ ଇନ୍ଧନ ଉପରେ ଏହାର ୧୪୨ ବର୍ଷର ନିର୍ଭରଶୀଳତାକୁ ସମାପ୍ତ କରିଦେଇଛି । ଦେଶର ଶେଷ କୋଇଲା ବିଦ୍ୟୁତ ଷ୍ଟେସନ୍, ରାଟକ୍ଲିଫ୍ ଅନ୍–ସୋରେ, ବନ୍ଦ ହେବାନେଇ ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇଛି । ବ୍ରିଟେନ ହିଁ କୋଇଲା ଶକ୍ତିର ଜନ୍ମସ୍ଥାନ ଏବଂ ଏବେ ଏହାକୁ ତ୍ୟାଗ କରିବାରେ ମଧ୍ୟ ଏହା ପ୍ରଥମ ପ୍ରମୁଖ ଅର୍ଥନୀତି ହେଇପାରିଛି । ପୂର୍ବତନ ପରିବେଶ ସଚିବ ଲର୍ଡ ଡେବେନ କହିଛନ୍ତି ଯେ' ଏହା ପ୍ରକୃତରେ ଏକ ଉଲ୍ଲେଖନୀୟ ଦିନ, କାରଣ ବ୍ରିଟେନ କୋଇଲା ଉପରେ ନିଜର ସମସ୍ତ ଶକ୍ତି ନିର୍ମାଣ କରିଥିଲା, ଯାହାକୁ ଶିଳ୍ପ ବିପ୍ଳବ କୁହାଯାଉଥିଲା । ଦୁନିଆର ପ୍ରଥମ କୋଇଲାଚାଳିତ ବିଦ୍ୟୁତ୍ ଷ୍ଟେସନ୍, ହୋଲବୋର୍ନ୍ ଭାୟାଡକ୍ଟ ପାୱାର୍ ଷ୍ଟେସନ୍, ୧୮୮୨ ମସିହାରେ ଲଣ୍ଡନରେ ଉଦ୍‌ଭାବକ ଥୋମାସ୍ ଏଡିସନଙ୍କ ଦ୍ୱାରା ନିର୍ମିତ ହୋଇଥିଲା – ଯାହାଦ୍ୱାରା ସହରରେ ଆଲୋକ ଜଳିଥିଲା । ସେହି ଦିନଠାରୁ ବିଂଶ ଶତାବ୍ଦୀର ପ୍ରଥମାର୍ଦ୍ଧ ପର୍ଯ୍ୟନ୍ତ କୋଇଲା ବ୍ରିଟେନର ସମସ୍ତ ବିଦ୍ୟୁତ୍ ଯୋଗାଇ ଆସୁଥିଲା । ୧୯୯୦ ମସିହାରୁ କ୍ରମେ ଏହାର ବ୍ୟବହାର ହ୍ରାସ ହେବାରେ ଲାଗିଲା, କିନ୍ତୁ ପରବର୍ତ୍ତୀ ଦୁଇ ଦଶନ୍ଧି ଧରି କୋଇଲା ବ୍ରିଟେନର ଗ୍ରୀଡ୍‌ର ଏକ ଗୁରୁତ୍ୱପୂର୍ଣ୍ଣ ଉପାଦାନ ହୋଇ ରହିଥିଲା । ୨୦୦୮ରେ, ବ୍ରିଟେନ ଜଳବାୟୁ ପରିବର୍ତ୍ତନକୁ ରୋକିବା ପାଇଁ କେତେକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଥିଲା ଏବଂ ଲକ୍ଷ୍ୟରେ ପହଁଚିବା ପାଇଁ ଆଇନକୁ କଡାକଡି କରିଥିଲା । ୨୦୧୫ରେ ତତ୍କାଳୀନ ଶକ୍ତି ଏବଂ ଜଳବାୟୁ ପରିବର୍ତ୍ତନ ସଚିବ ଅମ୍ବର ରୁଡ୍ ବିଶ୍ୱକୁ କହିଥିଲେ ଯେ ବ୍ରିଟେନ ଆସନ୍ତା ଦଶନ୍ଧି ମଧ୍ୟରେ କୋଇଲା ଶକ୍ତି ବ୍ୟବହାର ବନ୍ଦ କରିବ । ସେହି ଦିନଠାରୁ, ବ୍ରିଟେନ କୋଇଲା ବ୍ୟବହାର ବନ୍ଦ କରିବା ନେଇ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଇ ଆଜି ସଫଳ ହେଇ ଅନ୍ୟ ଦେଶଗୁଡିକ ପାଇଁ ଉଦାହରଣ ସୃଷ୍ଟି କରିପାରିଛି । ଅନେକ ଦେଶ ନିଜକୁ ନିଜେ ପ୍ରଶ୍ନ କରିଥିଲେ, 'ଯଦି ସେମାନେ କରିପାରୁଛନ୍ତି, ଆମେ କାହିଁକି ନୁହେଁ ? ବିଦ୍ୟୁତ ଉତ୍ପାଦନ ପାଇଁ କୋଇଲାର ବିକଳ୍ପ ଭାବରେ, ନବୀକରଣକ୍ଷମ ବା ଅକ୍ଷୟ ଶକ୍ତି ବିକାଶ ଉପରେ ବ୍ରିଟେନ ଧ୍ୟାନ ଦେଇ ଆଜି ଅନେକ ପରିମାଣରେ ସଫଳ ମଧ୍ୟ ହେଇପାରିଛି । ୨୦୧୦ରେ, ବ୍ରିଟେନ ଦେଶ ପାଇଁ ଦରକାର ହେଉଥିବା ମୋଟ ଶକ୍ତିର ମାତ୍ର ୭ ପ୍ରତିଶତ ଅକ୍ଷୟ ଶକ୍ତିରୁ ପାଇପାରିଥିଲା । ୨୦୨୪ର ପ୍ରଥମାର୍ଦ୍ଧରେ, ଏହା ୫୦ ପ୍ରତିଶତରେ ପହଞ୍ଚିଥିଲା ଏବଂ ଦେଶ ନିର୍ଦ୍ଧାରିତ ସମୟର ଗୋଟିଏ ବର୍ଷ ପୂର୍ବରୁ କୋଇଲାକୁ ପରିତ୍ୟାଗ କରିପାରିଲା । ବ୍ରିଟେନ ସହ ଅନ୍ୟାନ୍ୟ କେତେକ ଦେଶ ମଧ୍ୟ ଯଥେଷ୍ଟ ମାତ୍ରାରେ କୋଇଲା ହ୍ରାସ କରିପାରିଛନ୍ତି । ଗ୍ରୀସ୍ ଏବଂ ଇଂଲଣ୍ଡ କୋଇଲାରୁ ବିଦ୍ୟୁତ ଉତ୍ପାଦନକୁ ଯଥେଷ୍ଟ ପରିମାଣରେ ହ୍ରାସ ହାସଲ କରିଥିବାବେଳେ, ଡେନମାର୍କ, ସ୍ପେନ୍, ପର୍ତ୍ତୁଗାଲ୍, ଇସ୍ରାଏଲ୍, ରୋମାନିଆ, ଜର୍ମାନୀ, ଆମେରିକା ଏବଂ ଚିଲି ମଧ୍ୟ ଏ ଦିଗରେ ଉଲ୍ଲେଖନୀୟ ସଫଳତା ହାସଲ କରିପାରିଛନ୍ତି । ଯଦିଓ ଜଳବାୟୁ ପରିବର୍ତ୍ତନକୁ ନେଇ ଅନେକ ଗବେଷଣା ଚାଲିଛି ଏବଂ ଏହାର ନିୟନ୍ତ୍ରଣ ନେଇ ନୂଆ ନୂଆ ରାସ୍ତା ଉଦ୍ଭାବନ ହେବାରେ ଲାଗିଛି, କିନ୍ତୁ ଗ୍ରୀନ୍ ହାଉସ୍ ଗ୍ୟାସ୍ ନିର୍ଗମନକୁ ହ୍ରାସ କରିବା ଉପରେ ସବୁଠାରୁ ଅଧିକ ଗୁରୁତ୍ୱ ଦିଆଯିବା ଦରକାର ଏବଂ କୋଇଲା ସବୁଠାରୁ ଅଧିକ ଅପରିଷ୍କାର ଜୀବାଶ୍ମ ଇନ୍ଧନ ହୋଇଥିବାରୁ ଏହାକୁ ଆଗେ ତ୍ୟାଗ କରିବା ଜରୁରୀ । ଯଦିଓ କୋଇଲା ଶକ୍ତି ପ୍ରଦୂଷଣର ଏକ ପ୍ରମୁଖ ଉତ୍ସ, ଏହାର ଉପଲବ୍ଧତା ଦୃଷ୍ଟିରୁ ଏହା ଅଧିକ ପ୍ରଚଳିତ ଥିଲା ଯାହା ହୁଏତ ପବନ ଏବଂ ସୌର ଶକ୍ତିରେ ସମ୍ଭବ ନୁହେଁ । କାରଣ ଏହା ପାଣିପାଗ ପରିସ୍ଥିତି ଉପରେ ନିର୍ଭରଶୀଳ । ଅନ୍ୟପକ୍ଷରେ, କୋଇଲା ସ୍କ୍ରାପ୍ କରିବା ଏବଂ ଏହା ବଦଳରେ ଅକ୍ଷୟ ଶକ୍ତି ବ୍ୟବହାର କରିବା ନିଶ୍ଚିତ ଭାବେ ବ୍ୟୟସାପେକ୍ଷ ବା ଅକ୍ଷୟ ଶକ୍ତି ଉତ୍ପାଦନ ପାଇଁ ଆମକୁ ଅଧିକ ଖର୍ଚ୍ଚ କରିବାକୁ ପଡିବ । କିନ୍ତୁ କୋଇଲା ବ୍ୟବହାର ଦ୍ୱାରା ପରୋକ୍ଷରେ ଆମେ ଆମର ଓ ଆମ ସମାଜର ଅନେକ କିଛି କ୍ଷତି କରିଚାଲିଛେ । କୋଇଲା ବ୍ୟବହାର ନ କରିବା ଦ୍ୱାରା ଆମେ ଜଳବାୟୁ ପରିବର୍ତ୍ତନ ଏବଂ ଲୋକଙ୍କ ସ୍ୱାସ୍ଥ୍ୟ ଗତ ସମସ୍ୟାକୁ ଅନେକାଂଶରେ ରୋକିପାରିବା । କେତେକ ଆକଳନ ଅନୁସାରେ, ଏହା କରିବା ଦ୍ୱାରା, ବିଶ୍ୱ ଏହି ଶତାବ୍ଦୀର ଶେଷ ସୁଦ୍ଧା ପ୍ରାୟ ୭୮ ଟ୍ରିଲିୟନ ଡଲାରର ନେଟ ଲାଭ ପାଇବ । ତାହା ବର୍ତ୍ତମାନ ବିଶ୍ୱର ମୋଟ ଘରୋଇ ଉତ୍ପାଦନର ଚାରି–ପଞ୍ଚମାଂଶ ଅଟେ । ତେଣୁ କୋଇଲା ବ୍ୟବହାର ବନ୍ଦ କରିବା ପାଇଁ ଓ ଅକ୍ଷୟ ଶକ୍ତିର ବିକାଶ ପାଇଁ ଆମକୁ ଅଧିକ ଖର୍ଚ୍ଚ କରିବାକୁ ପଡିଲେ ମଧ୍ୟ, ଏହା ଯୁକ୍ତିଯୁକ୍ତ, କାରଣ ପ୍ରତ୍ୟକ୍ଷରେ ଆମେ ଆମର ଜଳବାୟୁ ପରିବର୍ତ୍ତନକୁ ରୋକିବା ସହ ମାନବ ସମାଜକୁ ବିପର୍ଯ୍ୟୟରୁ ରକ୍ଷା କରିପାରିବା ଏବଂ ପ୍ରଦୂଷଣ ଜନିତ ସ୍ୱାସ୍ଥ୍ୟଗତ ସମସ୍ୟାକୁ ପ୍ରତିରୋଧ କରିପାରିବା ।

# ବିରଜା ରଥଯାତ୍ରା



ଶ୍ରୀନିବାସ ସାମଲ

'ଚକ' କଥା ମନକୁ ଆସିଲା ମାନେ, 'ରଥ' କଥା ମନକୁ ଆପେ ଆପେ ଚାଲିଆସେ । ଭାରତୀୟ ସଂସ୍କୃତିରେ ରଥ ପରମ୍ପରା ବହୁ ପୁରୁଣା । ଏତେ ପୁରୁଣା ଯେ, ଏହାର ବର୍ଣ୍ଣନା ବେଦ ଓ ପୁରାଣର ଅନେକ ସ୍ଥାନରେ ଦେଖିବାକୁ ମିଳେ ।

*'ଆ କୃଷ୍ଣେନ ରଜସା ବର୍ତ୍ତମାନୋ*
*ନିବେଶୟନମୃତଂ ମର୍ତ୍ତ୍ୟଂ ଚ । ହିରଣ୍ୟୟେନ*
*ସବିତା ରଥେନା ଦେବୋ ଯାତି ଭୁବନାନି*
*ପଶ୍ୟନ ।'*
*ଋଗ୍ ବେଦ (୧.୩୫.୨)*

ଅର୍ଥାତ୍, ରାତ୍ରିର ଅନ୍ଧକାରରେ ଆଚ୍ଛନ୍ନ ଥିବା ଅନ୍ତରୀକ୍ଷକୁ ସ୍ୱଦୀପ୍ତିରେ ଉଦ୍ଭାସିତ କରି ସୂର୍ଯ୍ୟଦେବ ପ୍ରାତଃ ସମୟରେ ସୁବର୍ଣ୍ଣ ରଥରେ ଦ୍ୟୁଲୋକ ଓ ଭୂଲୋକକୁ ପରିକ୍ରମଣ କରି ଏହି ଦୁଇ ଲୋକର ଅଧିବାସୀଙ୍କୁ ଜାଗ୍ରତ ଓ ଚଳଚଞ୍ଚଳ କରାନ୍ତି । ଆର୍ଯ୍ୟଋଷିଙ୍କର ଏହି ବର୍ଣ୍ଣନାରେ ରଥର ସ୍ୱରୂପ ଓ ରଥରେ ବସି ଯାତ୍ରା କରିବାର ଉଦ୍ଦେଶ୍ୟ ପ୍ରକଟିତ ଏବଂ ଏଥିରୁ ସ୍ପଷ୍ଟ ଅନୁମେୟ ଯେ ରଥ ହିଁ ଦ୍ରୁତ ଗମନାଗମନ ଓ ପରିବହନର ମାଧ୍ୟମ ଥିଲା ପୁରାଣ କାଳରୁ । ଦେବ, ଦାନବ ଏପରିକି ରାଜା ମହାରାଜାମାନେ ରଥାରୂଢ଼ ହୋଇ ଯୁଦ୍ଧ ଯାତ୍ରା କରୁଥିଲେ ।

କେବଳ ବୈଦିକ ବା ପୁରାଣ ଯୁଗରେ ନୁହେଁ ପରବର୍ତ୍ତୀ କାଳରେ ରଥ ଓ ରଥଯାତ୍ରା ପରମ୍ପରା ସମଗ୍ର ଭାରତୀୟ ସଂସ୍କୃତିର ଏକ ଅବିଚ୍ଛେଦ୍ୟ ଅଙ୍ଗ ଭାବରେ ପ୍ରଚଳିତ । ଖ୍ରୀଷ୍ଟୀୟ ୩୯୯ରେ ଦ୍ୱିତୀୟ ଚନ୍ଦ୍ରଗୁପ୍ତଙ୍କ ରାଜତ୍ୱ ସମୟରେ, ଚୀନ୍ ପରିବ୍ରାଜକ ଫାହିୟାନ୍ ଭାରତ ପରିଭ୍ରମଣରେ ଆସିଥିଲେ । ତାଙ୍କ ଲେଖା ଅନୁସାରେ ସେ ସମୟରେ ପାଟଳୀପୁତ୍ର ନଗରୀରେ ମହାଯାନ ପନ୍ଥୀ ବୌଦ୍ଧମାନଙ୍କର ରଥଯାତ୍ରା ମହା ସମାରୋହରେ ପାଳିତ ହେଉଥିଲା ।

ଭାରତୀୟ ରଥ ପରମ୍ପରାରେ–ଆତ୍ମରଥ, ଯୋଗରଥ, ବିଷ୍ଣୁରଥ, ଶକ୍ତିରଥ, ସୂର୍ଯ୍ୟରଥ, କନ୍ଦର୍ପ ରଥ ଓ ରୂପ ରଥ ଆଦି ସପ୍ତରଥର ବର୍ଣ୍ଣନା ରହିଛି । କଠୋପନିଷଦରେ ଆତ୍ମଜ୍ଞାନ ସମ୍ପର୍କରେ ସୁନ୍ଦର ସୂତ୍ରରେ ମଣିଷ ଦେହକୁ ରଥ ସହ ତୁଳନା କରାଯାଇଛି । ଅର୍ଥାତ୍, ଦେହ ହେଉଛି ରଥ, ଆତ୍ମା ହେଲା ସେ ରଥର ରଥି, ବୁଦ୍ଧି ହେଲା ରଥର ସାରଥି, ଯେଉଁଠି ମନ ହେଲା ରଥ ଦଉଡ଼ି ଓ ଇନ୍ଦ୍ରିୟମାନେ ହେଲେ ସେ ରଥକୁ ଟାଣୁଥିବା ଘୋଡ଼ା । ଯେତେବେଳେ ଆମେ ରଥଯାତ୍ରାର କଥା କହୁ, ସେତେବେଳେ ପ୍ରଥମେ ବିଶ୍ୱ ପ୍ରସିଦ୍ଧ, ଆଷାଢ଼ ଶୁକ୍ଳ ଦ୍ୱିତୀୟାରେ ଅନୁଷ୍ଠିତ ହେଉଥିବା ମହାପ୍ରଭୁ ଜଗନ୍ନାଥ, ବଡ଼ଠାକୁର ବଳଭଦ୍ର ଓ ଦେବୀ ଭଗବତୀ ସୁଭଦ୍ରାଙ୍କ ଗୁଣ୍ଡିଚାଯାତ୍ରା ବା ଘୋଷଯାତ୍ରା କଥା ଭାବିଥାଉ । ପୁରୀର ରଥଯାତ୍ରା ବ୍ୟତୀତ ଅଶୋକାଷ୍ଟମୀରେ ଏକାମ୍ର ତୀର୍ଥ ତଥା ଭୁବନେଶ୍ୱରରେ ହେଉଥିବା ବାବା ଲିଙ୍ଗରାଜଙ୍କ ରୁକୁଣା ରଥଯାତ୍ରା, ଅର୍କକ୍ଷେତ୍ର କୋଣାର୍କରେ ମାଘ ସପ୍ତମୀରେ ହେଉଥିବା ସୂର୍ଯ୍ୟ ରଥଯାତ୍ରା, ଅନ୍ୟତମ । ସଂପ୍ରତି କୋଣାର୍କର ରଥଯାତ୍ରା ବନ୍ଦ ହୋଇଯାଇଛି । ସେହିପରି ଦେବୀମାନଙ୍କ ମଧ୍ୟରେ କେବଳ ଯାଜପୁରର ଅଧିଷ୍ଠାତ୍ରୀ ମା' ବିରଜାଙ୍କ ରଥଯାତ୍ରା ହୋଇଥାଏ ।

ତନ୍ତ୍ରଚୂଡ଼ାମଣି ଏବଂ ବିରଜା କ୍ଷେତ୍ର ମାହାତ୍ମ୍ୟ ଅନୁସାରେ, ସତ୍ୟ ଯୁଗରେ ଦେବୀ ସତୀଙ୍କ ନାଭି ବର୍ତ୍ତମାନ ସମୟର ଯାଜପୁର ଠାରେ ପଡ଼ିଥିଲା । ନାଭି ଦେଶରେ ନାରୀମାନେ ପିନ୍ଧୁଥିବା କଟିସୂତ୍ର ଅନୁସାରେ, ଏହି ପୀଠର ନାମ ଓଡ୍ଡ୍ୟାଣ ପୀଠ ବା ଉଡ୍ଡୀୟାନ ତନ୍ତ୍ରପୀଠ ହୋଇଅଛି, ଏବଂ ସେହି କ୍ରମରେ ଏହି ପ୍ରଦେଶର ନାମ ଓଡ୍ର ଦେଶ ଥିଲା । ମା'ଙ୍କୁ ପ୍ରତିଷ୍ଠା କରିବାକୁ ଆସି, ପିତାମହ ବ୍ରହ୍ମା ପୁଣ୍ୟତୋୟା ବୈତରଣୀ କୂଳରେ ଯଜ୍ଞ କରିଥିଲେ । ମାଘ ଅମାବାସ୍ୟା ବା ତ୍ରିବେଣୀ ଅମାବାସ୍ୟାରେ ଉକ୍ତ ଯଜ୍ଞାଗ୍ନିରୁ ଆର୍ବିଭୂତା ହୋଇଥିଲେ ଭଗବତୀ ମା' ବିରଜା ।

*'ଦେବୀଂ ବ୍ରହ୍ମାଗ୍ନିଜାତା ମହିଷତନୁଗତା*
*ଶୂଳ ଲାଙ୍ଗୁଳ ହସ୍ତା ଶୂଳଂ ଭିତ୍‌ବାଜ ପୃଷ୍ଠେ*
*ଶୂଳରିପୁ ମହିଷ ପ୍ରାଣହରା କରାଳା*
*କାନ୍ତ୍ୟା ସ୍ୱର୍ଣ୍ଣ୍ୟା ବନ୍ଦିତା ଶଶୀ*
*ଶିବ ଶୁଭନାଗ ବିଘ୍ନେନ୍ଦୁଚୁଡା*
*ବିରଜାମେ ମଂଗଳେ ମଂଗଳାନାମଂ ।'*

ଓଡ଼ିଶାରେ ଦେଖାଯାଉଥିବା ପ୍ରାଚୀନ ଦୁର୍ଗା ବିଗ୍ରହମାନଙ୍କ ମଧ୍ୟରେ ବିରଜା ସ୍ୱତନ୍ତ୍ର । ଏଠାରେ ଦେବୀ ଦ୍ୱିଭୁଜା ମହିଷାସୁର ମର୍ଦ୍ଦିନୀ ଦୁର୍ଗା ରୂପରେ ପୂଜା ପାଆନ୍ତି । ଦେବୀଙ୍କ ଗୋଟିଏ ହାତରେ ତ୍ରିଶୂଳ ଥିବା ବେଳେ ଅନ୍ୟ ହାତରେ ମହିଷାସୁରର ଲାଙ୍ଗୁଳ ରହିଛି ।

ଏଠାରେ ମହିଷାସୁର ମଇଁଷି ରୂପରେ ଖୋଦିତ, ଯାହା ଭାରତର ଅନ୍ୟ କୌଣସି ସ୍ଥାନରେ ଦେଖିବାକୁ ମିଳିନଥାଏ । ଦେବୀ ନିଜ ମୁକୁଟରେ ଗଣେଶ, ଶିବଲିଙ୍ଗ, ଶକ୍ତିଚକ୍ର ବା ଯୋନି, ନାଗ ଏବଂ ଅର୍ଦ୍ଧଚନ୍ଦ୍ର ଧାରଣ କରି ଅଛନ୍ତି । ମା'ଙ୍କ ବର୍ଣ୍ଣନା ସ୍କନ୍ଦ ପୁରାଣ, ବାୟୁ ପୁରାଣ, ବ୍ରହ୍ମାଣ୍ଡ ପୁରାଣ ଆଦିରେ ଦେଖିବାକୁ ମିଳେ । ଏପରିକି ମହାଭାରତରେ ତଥା ଆଦି ଗୁରୁ ଶଙ୍କରାଚାର୍ଯ୍ୟ ତାଙ୍କ ଅଷ୍ଟାଦଶ ଶକ୍ତିପୀଠ ସ୍ତୁତିରେ, ମା'ଙ୍କୁ ଗିରିଜା ଦେବୀ ରୂପରେ ସମ୍ବୋଧନ କରିଛନ୍ତି ।

ମା' ବିରଜାଙ୍କ ପତିତପାବନ ରଥଯାତ୍ରା ବହୁ ପ୍ରାଚୀନ । ଇତିହାସ କୁହେ ସୋମବଂଶୀମାନେ ଏହି ରଥଯାତ୍ରା ଆରମ୍ଭ କରିଥିଲେ । ପ୍ରତିବର୍ଷ ଭାଦ୍ରବ ଶୁକ୍ଳ ଦ୍ୱାଦଶୀ (ସୁନିଆଁ) ଦିନ ରଥ ପାଇଁ ବନଯାଗ ଯାତ୍ରା ବା ବେଲବରଣୀ ହୁଏ ଏବଂ ମୂଳାଷ୍ଟମୀ ଦିନ ପ୍ରତିଷ୍ଠା ମଣ୍ଡପ ପାଖରେ ଅନୁକୂଳ କରାଯାଇ ରଥ କାମ ଆରମ୍ଭ ହୁଏ । ମହାଳୟା ଅମାବାସ୍ୟା ତିଥିରେ ଅଧିବାସ କରାଯାଇ ପ୍ରତିପଦା ଦିନଠାରୁ ମହାନବମୀ ପର୍ଯ୍ୟନ୍ତ ୯ ଦିନ ବ୍ୟାପୀ ଏହି ରଥଯାତ୍ରା ଅନୁଷ୍ଠିତ ହୁଏ । ମହାପାର୍ବଣରେ ମା'ଙ୍କ ବିଜେ ପ୍ରତିମାଙ୍କୁ ସୁସଜ୍ଜିତ ରଥରେ ପରିକ୍ରମଣ କରାଯାଏ । ତା' ପୂର୍ବରୁ ଦେବୀଙ୍କ ରୌପ୍ୟ ଆଶାଦଣ୍ଡ ରଥ ମଣ୍ଡପକୁ ବିଜେ କରନ୍ତି । ସେଠାରେ ଗଣପତି ଓ ଦଶଦିଗପାଳଙ୍କ କଳସ ସ୍ଥାପନ କରାଯାଇ ପୂଜା କରାଯାଇଥାଏ । ନବ ଦିବସ ବ୍ୟାପୀ ପ୍ରତିଦିନ ଅପରାହ୍ନରେ ଏହା ମନ୍ଦିର ପରିକ୍ରମଣ କରେ ।

ରଥର ନାମ ସିଂହଧ୍ୱଜ/ବିଜୟ ରଥ/ମାୟା ରଥ ହୋଇଥିବାବେଳେ ରଥର ସାରଥି ହେଲେ ବ୍ରହ୍ମା । ୪୫ ହାତ ଉଚ୍ଚତା ବିଶିଷ୍ଟ ରଥଟି ୧୦୧୭ ଖଣ୍ଡ ନାନା ପ୍ରକାର କାଠରେ ନିର୍ମିତ । ରଥରେ ୧୨ଟି ଚକ ଓ ପ୍ରତି ଚକରେ ୮ଟି ଅଖ ଥାଏ । ରଥରେ ଯୋଡ଼ା ହୋଇଥାନ୍ତି ୫ଟି ଶ୍ୱେତ ରଙ୍ଗର ଘୋଡ଼ା । ଏଥିରେ ବନ୍ଧା ହୋଇଥିବା ଦୁଇଟି ଦଉଡ଼ି ହେଲେ ସ୍ୱର୍ଣ୍ଣଚୁଡ଼ ଓ ଶଙ୍ଖଚୁଡ଼ । ରଥରେ ୫ଟି ବିଦ୍ୟାଙ୍କ ସହ ୨୫ ଜଣ ପାର୍ଶ୍ୱ ଦେବତା ଓ ୯ ଜଣ ପାର୍ଶ୍ୱ ଦେବଦେବୀ ରହିଥାନ୍ତି । ରଥର ରକ୍ଷାକର୍ତ୍ତୀ ହେଲେ ସରସ୍ୱତୀ ଏବଂ ରକ୍ଷକ ହେଲେ ମହାବିଷ୍ଣୁ ଓ ନୃସିଂହ । ଏହାର ଶକ୍ତି ହେଲେ ବ୍ରହ୍ମଚାରିଣୀ ।

ଧ୍ୱଜାଚକ୍ର ହେଲେ ପରମବୈଷ୍ଣବୀ ଏବଂ ବିଶ୍ୱାସ କରାଯାଏ କି ଏହି ଧ୍ୱଜାରେ ମହା ତ୍ରିପୁରା ସୁନ୍ଦରୀ ରୁହନ୍ତି । ନବମୀ ଦିନ, ଦେବୀଙ୍କ ପାଖରେ ଅପରାଜିତା ପୂଜା କରାଯାଏ ଓ ଦେବୀ ମହିଷାସୁରକୁ ବଧ କରନ୍ତି । ରଥଯାତ୍ରା ଶେଷକରି ନବମୀ ଦିନ ମଧ୍ୟରାତ୍ରରେ ଦେବୀଙ୍କ ଚଳନ୍ତି ପ୍ରତିମାଙ୍କୁ ମହାଆଡ଼ମ୍ବରରେ ବିମାନରେ ବିଜେ କରି ଲାଖବିନ୍ଧା ପଡ଼ିଆକୁ ଶୋଭାଯାତ୍ରାରେ ନିଆଯାଏ । ସେଠାରେ ତା'ଙ୍କୁ ପୂଜା କରାଯାଇ, ଏକ ବିଶେଷ ପ୍ରକାର ପଣା ଲାଗି କରାଯାଏ ।

ପରେ ପୂଜାରୀ ନିଜକୁ ଦେବୀଙ୍କର ପ୍ରତିନିଧି ରୂପେ, ଚତୁର୍ଦ୍ଦିଗକୁ ଲାଖ (ତୀର) ନିକ୍ଷେପ କରନ୍ତି । ଏହାପରେ ଦେବୀଙ୍କ ପ୍ରତିମା ମନ୍ଦିରକୁ ଫେରନ୍ତି । ଶାରଦୀୟ ଦୁର୍ଗାପୂଜା ତଥା ଷୋଡ଼ଷ ଉପଚାର ପୂଜା ଉଭୟ ବୈଦିକ ଆଉ ତନ୍ତ୍ର ପଦ୍ଧତିରେ ହୋଇଥାଏ । ମା' ବିରଜା ଦେବୀଙ୍କର ଏହି ଅନନ୍ୟ ରଥଯାତ୍ରା ଦେଖିବାକୁ ବହୁ ଜନସମାଗମ ହୁଏ ।

**ହାଇଦ୍ରାବାଦ, ତେଲେଙ୍ଗାନା**
**ମୋ–୭୮୫୩୦୩୨୧୮୫**

# ରସାୟନ ଶାସ୍ତ୍ରର ପ୍ରଣେତା ନାଗାର୍ଜ୍ଜୁନ

ଡ. ସନ୍ତୋଷ କୁମାର ପଣ୍ଡା

ପ୍ରାଚୀନ ଭାରତ କେବଳ ଗଣିତ ଏବଂ ଜ୍ୟୋତିଷ ଶାସ୍ତ୍ରରେ ଅନେକ ନୂତନ ଉଦ୍ଭାବନ କରି ବିଶ୍ୱର ଜ୍ଞାନ ସମ୍ପଦକୁ ସମୃଦ୍ଧ କରି ନ ଥିଲା ବରଂ ରସାୟନ ବିଜ୍ଞାନ ପରି ଆଧୁନିକ କ୍ଷେତ୍ରରେ ମଧ୍ୟ ବିଶେଷ ଅବଦାନ ରଖିଥିଲା । ନାଗାର୍ଜ୍ଜୁନ ଏପରି ଜଣେ ପ୍ରସିଦ୍ଧ ରସାୟନ ବିଜ୍ଞାନୀ ଥିଲେ, ଯିଏ କି ରସାୟନ ଶାସ୍ତ୍ରର ପ୍ରଣେତା ଭାବେ ପରିଚିତ ।

ନାଗାର୍ଜ୍ଜୁନ ମଧ୍ୟପ୍ରଦେଶର ଛତିଶଗଡ ଅଞ୍ଚଳରେ ଜନ୍ମଗ୍ରହଣ କରିଥିଲେ । ବାଲୁକା ଛତିଶଗଡର ରାୟପୁର ଜିଲ୍ଲାର ପୈରୀ ନଦୀ କୂଳରେ ଥିବା ଏକ ଗ୍ରାମ । ପ୍ରାଚୀନ କାଳରେ ପୈରୀ ନଦୀର ନାମ ପାର୍ବତୀ ନଦୀ ଏବଂ ବାଲୁକା ଗାଁର ନାମ ଥିଲା – ବାଲୁ ଗ୍ରାମ । ସତପୁଡ଼ାର ସୁରମ୍ୟ ପର୍ବତମାଳା କୋଳରେ ଅବସ୍ଥିତ ଏହି ବାଲୁକା ଗ୍ରାମ ହେଉଛି ନାଗାର୍ଜ୍ଜୁନଙ୍କ ଜନ୍ମସ୍ଥାନ ।

ତାଙ୍କ ପିତା କୌଣ୍ଡିନ୍ୟ ଗୋତ୍ରରେ ଜନ୍ମିତ ଜଣେ ଦାକ୍ଷିଣାତ୍ୟ ବ୍ରାହ୍ମଣ ଥିଲେ । ସେ ଅତ୍ୟନ୍ତ ସାତ୍ତ୍ୱିକ, ଶିବଭକ୍ତ, କର୍ମକାଣ୍ଡୀ ତଥା ସୁଗୃହସ୍ଥ ଥିଲେ । ତାଙ୍କର କୌଣସି ସନ୍ତାନ ନ ଥିଲେ । ଦିନେ ରାତିରେ ଜଣେ ସାଧୁ ତାଙ୍କୁ ସ୍ୱପ୍ନରେ ଦେଖାଦେଲେ ଏବଂ କହିଥିଲେ ଯେ ଯଦି ସେ ଭକ୍ତି ଓ ବିଶ୍ୱାସର ସହିତ ସଦାଚାରୀ ବ୍ରାହ୍ମଣମାନଙ୍କୁ ଭୋଜନ କରାଇବେ, ତେବେ ସେ ଏକ ପୁତ୍ର ସନ୍ତାନ ପ୍ରାପ୍ତ ହେବେ । ତେଣୁ ସନ୍ତାନ ପ୍ରାପ୍ତି ପାଇଁ ବ୍ରାହ୍ମଣ ଦମ୍ପତି ମଧ୍ୟ ତାହା କରିଥିଲେ । ସମୟକ୍ରମେ ଏହି ସ୍ୱପ୍ନ ସତ୍ୟ ବୋଲି ପ୍ରମାଣିତ ହେଲା ଏବଂ ସେମାନଙ୍କ ଘରେ ଏକ ସୁନ୍ଦର ବାଳକ ଜନ୍ମ ହେଲା । କିନ୍ତୁ ଶିଶୁର ଜାତକ ତିଆରି କରିବାବେଳେ ଜ୍ୟୋତିଷମାନେ କହିଥିଲେ ଯେ ଏହି ଶିଶୁର ଆୟୁଷ ଅଳ୍ପ ।

ଜ୍ୟୋତିଷଙ୍କ ଏହି ଭବିଷ୍ୟବାଣୀରେ ପିତାମାତା ଚିନ୍ତିତ ହେଲେ । ଶିଶୁ ନାଗାର୍ଜ୍ଜୁନ ଜନ୍ମରୁ ବହୁତ ପ୍ରଭାବଶାଳୀ ଥିଲେ । ତେଣୁ ସେ ଖୁବ୍ ଶୀଘ୍ର ବେଦ ଏବଂ ବେଦାଙ୍ଗର ଅଧ୍ୟୟନ ସମାପ୍ତ କଲେ । ସେ ବଡ ହେବା ପରେ ଶ୍ରୀପୁର ବିଦ୍ୟାଳୟରେ ପଢିବାକୁ ଯାଇଥିଲେ, ଯାହା ବର୍ତ୍ତମାନ ସିରପୁର ନାମକ ଗାଁ ହୋଇ କେବଳ ରହିଯାଇଛି ।

ଏହା ପ୍ରାୟ ଖ୍ରୀଷ୍ଟପୂର୍ବ ୫୦ରୁ ଖ୍ରୀଷ୍ଟାବ୍ଦ ୧୨୦ ମଧ୍ୟର ଘଟଣା । ସେହି ସମୟରେ ସିରପୁର ମହାକୋଶଳର ରାଜଧାନୀ ଥିଲା । ଧନଧାନ୍ୟରେ ପରିପୂର୍ଣ୍ଣ ଏହି ସହରରେ ଏକ ବିଶ୍ୱବିଦ୍ୟାଳୟ ମଧ୍ୟ ଥିଲା, ଯେଉଁଠାରେ ଦେଶ ତଥା ଦେଶ ବାହାରୁ ଛାତ୍ରମାନେ ଅଧ୍ୟୟନ କରିବାକୁ ଆସୁଥିଲେ । ନାଗାର୍ଜ୍ଜୁନ ଏଠାରେ ବୌଦ୍ଧ ଦର୍ଶନ ଅଧ୍ୟୟନ କରିଥିଲେ ଏବଂ ବୌଦ୍ଧ ମତରେ ଦୀକ୍ଷିତ ମଧ୍ୟ ହୋଇଥିଲେ । ଶିକ୍ଷା ସମାପ୍ତ କରିବା ପରେ ସେ ଉକ୍ତ ବିଶ୍ୱବିଦ୍ୟାଳୟରେ ପ୍ରଫେସର ଭାବରେ ଶିକ୍ଷାଦାନ ଆରମ୍ଭ କରିଥିଲେ ।

ସେହି ସମୟରେ ମହାକୋଶଳରେ ଭୟଙ୍କର ଦୁର୍ଭିକ୍ଷ ଦେଖାଦେଇଥିଲା । ବାର ବର୍ଷ ଧରି ବର୍ଷା ଅଭାବରୁ ଲୋକମାନେ ଭୋକରେ ମରିବା ଆରମ୍ଭ କଲେ । ତା'ପରେ ରାଜା ଆର୍ଯ୍ୟଦେବ ନାଗାର୍ଜ୍ଜୁନଙ୍କୁ ଏହି ସମସ୍ୟାର ସମାଧାନ ପାଇଁ ପରାମର୍ଶ ମାଗିଥିଲେ ।

ନାଗାର୍ଜ୍ଜୁନ ଜଣେ ରସାୟନ ବିଜ୍ଞାନୀ ହୋଇଥିବାରୁ, ଏହି ସମସ୍ୟା ବିଷୟରେ ଗମ୍ଭୀର ଭାବରେ ଚିନ୍ତା କରିବା ଆରମ୍ଭ କଲେ । ସେ କିଛି ଦିନ ପାଇଁ ଏକାନ୍ତ ବାସରେ ରହିଲେ ।

କିଛି ଦିନ ପରେ, ସେ ରାଜାଙ୍କ ନିକଟକୁ ଏକ ବାର୍ତ୍ତା ପଠାଇଲେ ଯେ ତାଙ୍କ ରାଜ୍ୟରେ ଥିବା ତମ୍ବା ସଂଗ୍ରହ କରି ନିଜ ଆଶ୍ରମକୁ ପଠାନ୍ତୁ । ରାଜା ମଧ୍ୟ ତାହା ହିଁ କଲେ । କିଛି ଦିନ ପରେ, ଯେତେବେଳେ ନାଗାର୍ଜ୍ଜୁନ ତାଙ୍କୁ ଆଶ୍ରମକୁ ଡାକିଲେ, ତାଙ୍କ ସାମ୍ନାରେ ଏକ ବିରାଟ ସୁନା ଗଦା ଥିଲା ।

ଏହା ପରେ ନାଗାର୍ଜ୍ଜୁନ ରାଜାଙ୍କୁ ଏହି ସୁନା ନେବାକୁ ଓ ଅନ୍ୟ ଦେଶରେ ବିକ୍ରୟ କରିବାକୁ, ଖାଦ୍ୟ କ୍ରୟ କରି, ଲୋକମାନଙ୍କ ମଧ୍ୟରେ ବାଣ୍ଟିବାକୁ ପରାମର୍ଶ ଦେଇଥିଲେ । ଏହିପରି ଭାବେ, ନାଗାର୍ଜ୍ଜୁନ, ତାଙ୍କର ବିଶେଷ ପ୍ରତିଭା ବଳରେ, ରସାୟନ ବିଜ୍ଞାନର ସାହାଯ୍ୟରେ, ଏହି ସମସ୍ୟାର ସମାଧାନ କଲେ ।

ନାଗାର୍ଜ୍ଜୁନଙ୍କ ଜନ୍ମ ଏବଂ ଜନ୍ମ ସ୍ଥାନ ବିଷୟରେ କୌଣସି ସଠିକ୍ ପ୍ରମାଣ ନାହିଁ । କେତେକ ପଣ୍ଡିତଙ୍କ ଅନୁଯାୟୀ, ସେ ଗୁଜୁରାଟର ସୋମନାଥ ନିକଟସ୍ଥ ଦୈହିକ ଦୁର୍ଗ ନାମକ ଏକ ସ୍ଥାନରେ ଜନ୍ମଗ୍ରହଣ କରିଥିଲେ । କିନ୍ତୁ ଏହା ନିଶ୍ଚିତ ଯେ ସେ ଜଣେ ମହାନ ବୈଜ୍ଞାନିକ ଥିଲେ ଏବଂ ସେ ଅନେକ ନିମ୍ନ ଧାତୁକୁ ସୁନାରେ ପରିଣତ କରିବାର ପଦ୍ଧତି ଉଦ୍ଭାବନ କରିଥିଲେ । ତାଙ୍କ ଦ୍ୱାରା ଲିଖିତ 'ରସ ରତ୍ନାକର' ଓ 'ରସେନ୍ଦ୍ର ମଙ୍ଗଳ' ପୁସ୍ତକ ରସାୟନ ବିଜ୍ଞାନର ଦୁଇଟି ଅମୂଲ୍ୟ ରତ୍ନ ।

ରସ ରତ୍ନାକର ଗ୍ରନ୍ଥରେ ମୁଖ୍ୟ ରସ ଭାବେ ନିମ୍ନଲିଖିତ ରସାୟନର ଉଲ୍ଲେଖ ଅଛି– ୧) ମହାରସ, ୨) ଉପରସ, ୩) ସାମାନ୍ୟରସ, ୪) ରତ୍ନ, ୫) ଧାତୁ, ୬) ବିଷ, ୭) କ୍ଷାର, ୮) ଅମ୍ଳ, ୯) ଲବଣ ଓ ୧୦) ଭସ୍ମ ।

ସେହିପରି ମହାରସର ପ୍ରକାର ଭେଦ– ୧) ଅଭ୍ରଂ, ୨) ବୈକ୍ରାନ୍ତ, ୩) ଭାଷିକ, ୪) ବିମଳା, ୫) ଶିଳାଜତୁ, ୬) ସାସ୍ୟକ, ୭) ଚପଳା ଓ ୮) ରସକ ।

ଉପରସର ପ୍ରକାର ଭେଦ – ୧) ଗନ୍ଧକ, ୨) ଗୈରିକ, ୩) କାଶିସ୍, ୪) ସୁବରି, ୫) ଲାଳକ, ୬) ମନ, ୭) ଶିଳା, ୮) ଅଞ୍ଜନ ଓ ୯) କଙ୍କୁଷ୍ଠ ।

ସାମାନ୍ୟ ରସର ପ୍ରକାର ଭେଦ– ୧) କୋୟିଲା, ୨) ଗୌରୀପାଷାଣ, ୩) ନବସାର, ୪) ବରାଟକ, ୫) ଅଗ୍ନିଜାର, ୬) ଲାଜବର୍ତ୍ତ, ୭) ଗିରି ସିନ୍ଦୂର, ୮) ହିଙ୍ଗୁଳ ଓ ୯) ମୁର୍ଦ୍ଦାଡ଼ ଶ୍ରଂମକମ୍ ।

ସେହିପରି ଦଶ ପ୍ରକାର ବିଷ ମଧ୍ୟ ଅଛି । ରସ ରତ୍ନାକରର ନବମ ଅଧ୍ୟାୟରେ ରସଶାଳା ଅର୍ଥାତ୍ ପ୍ରୟୋଗଶାଳାର ବିସ୍ତୃତ ବର୍ଣ୍ଣନା ଅଛି, ଯେଉଁଥିରେ ୩୨ରୁ ଅଧିକ ଯନ୍ତ୍ରର ବ୍ୟବହାର ହୋଇଥାଏ । ସେଥିରୁ ଦୋଳ, ସ୍ୱଦେନୀ,ପାଟନ, ଅଧସ୍ୱଦନ,ଢେକୀ,ବାଲୁକ, ତୀର୍ଯ୍ୟକ, ପାଟନ, ବିଦ୍ୟାଧର, ଧୂପ, କୋଷ୍ଠି, କଚ୍ଛପ, ଡମ୍ବରୁ ଇତ୍ୟାଦି ମୁଖ୍ୟ ।

ଚିକିତ୍ସା କ୍ଷେତ୍ରରେ ତାଙ୍କର ଅବଦାନ ଉଲ୍ଲେଖନୀୟ । ସେ ଶୁଶ୍ରୁତ ସଂହିତା ପରି ଉତ୍ତର ତନ୍ତ୍ର ରଚନା କରିଥିଲେ । ଆୟୁର୍ବେଦ ଚିକିତ୍ସା କ୍ଷେତ୍ରରେ ରଚିତ ତାଙ୍କର ପ୍ରମୁଖ ଗ୍ରନ୍ଥଗୁଡ଼ିକ ହେଲା:–

୧) ଆରୋଗ୍ୟ ମଞ୍ଜରୀ, ୨) କକ୍ଷ ପୁଟାନ୍ତ୍ର ୩) ଯୋଗସାର ୪)ଯୋଗାଷ୍ଟକ ।

ସେ ପାରଦ ଉପରେ ଅନେକ ଅନୁସନ୍ଧାନ କରି ଏହାକୁ ଭସ୍ମରେ ପରିଣତ କରିବାର ପଦ୍ଧତି ଆବିଷ୍କାର କରିଥିଲେ ଏବଂ ବିଭିନ୍ନ ଧାତୁ ମାରଣ, ଜାରଣ କରିବାର ପଦ୍ଧତି ମଧ୍ୟ ବର୍ଣ୍ଣନା କରିଥିଲେ । ତାଙ୍କର ଧାରଣା ଥିଲା ଯେ ଯଦି ଧାତୁମାନଙ୍କୁ ମାରଣ କଲାପରେ ଖିଆଯାଏ, ତେବେ ଶରୀରକୁ ସବୁବେଳେ ରୋଗମୁକ୍ତ ରଖାଯାଇପାରିବ ।

ନାଗାର୍ଜ୍ଜୁନ ଜଣେ ମହାନ ଦାର୍ଶନିକ ଥିଲେ । ତାଙ୍କର 'ଦର୍ଶନ ଶୂନ୍ୟବାଦ' ନାମରେ ପ୍ରସିଦ୍ଧ ହେଲା । ସେ ମଧ୍ୟ ବୌଦ୍ଧ ଦର୍ଶନର ପ୍ରଥମ ପ୍ରଣେତା ଭାବେ 'ମାଧମିକ ସିଦ୍ଧାନ୍ତ' ଦର୍ଶନ ପ୍ରବର୍ତ୍ତନ କରିଥିଲେ । ସେ ହିଁ ବୈଦିକ ଦର୍ଶନ ଏବଂ ବୌଦ୍ଧ ଦର୍ଶନ ମଧ୍ୟରେ ସମନ୍ୱୟ ସ୍ଥାପନ କରି ଭାରତର ଜାତୀୟ ଏକାତ୍ମତା କ୍ଷେତ୍ରରେ ଏକ ମହତ ଅବଦାନ ରଖିଥିଲେ ।

ବାଗ୍ମୀତା କାରଣରୁ ତାଙ୍କୁ ନାଳନ୍ଦା ବିଶ୍ୱବିଦ୍ୟାଳୟର କୁଳପତି ଭାବରେ ନିଯୁକ୍ତ କରାଯାଇଥିଲା । କେବଳ ଏତିକି ନୁହେଁ କାଶ୍ମୀରରେ ଅନୁଷ୍ଠିତ ଅଖିଳ ବିଶ୍ୱ ବୌଦ୍ଧ ମହାସଙ୍ଘର ସଭାପତି ମଧ୍ୟ ତାଙ୍କୁ କରାଯାଇଥିଲା । ଆନ୍ଧ୍ରପ୍ରଦେଶର କୃଷ୍ଣା ନଦୀ ଉପରେ ନିର୍ମିତ ଏକ ବିଶାଳ ବନ୍ଧକୁ ତାଙ୍କ ସ୍ମୃତିରେ 'ନାଗାର୍ଜ୍ଜୁନ ସାଗର' ନାମରେ ନାମିତ କରାଯାଇଛି ।

ବର୍ତ୍ତମାନ ସମୟରେ ବଡ଼ ଆବଶ୍ୟକତା ହେଉଛି ରସାୟନ ଶାସ୍ତ୍ର ବା ଚିକିତ୍ସା ଶାସ୍ତ୍ର ସହ ଜଡ଼ିତ ବୈଜ୍ଞାନିକମାନଙ୍କୁ ନାଗାର୍ଜ୍ଜୁନଙ୍କ ରଚିତ ଗ୍ରନ୍ଥଗୁଡିକର ଗଭୀର ଅଧ୍ୟୟନ କରିବା ଦରକାର ।

କଟକ

# ସ୍ୱାର୍ଥ ଥିବା ସମବେଦନା

ଅମୃତବାଣୀ



ଗୋଟିଏ ଦୈନିକ ବଜାରରେ ଦୁଇ ଜଣ ପରିବା ବେପାରୀ ଯଦୁ ଓ ପବିତ୍ର ପାଖାପାଖି ବସିକି ପ୍ରତିଦିନ ପରିବା ବିକ୍ରିକରି ଥାଆନ୍ତି । ସେଥିରେ ମିଳୁଥିବା ଲାଭରେ ନିଜ ନିଜର ପରିବାର ପ୍ରତିପୋଷଣ କରୁଥାଆନ୍ତି । ଉଭୟେ ଭିନ୍ନ ଭିନ୍ନ ଗ୍ରାମର । ପବିତ୍ର ଯେଉଁଦିନ ସେ ଦୈନିକ ବଜାରକୁ ନିଜର ପରିବା ବିକ୍ରି କରି ଆସି ନ ଥାଏ, ସେଦିନ ଯଦୁ ଅତ୍ୟନ୍ତ ଖୁସିଥାଏ । କାରଣ ସେଦିନ ତା'ର ଟିକିଏ ଅଧିକ ବିକ୍ରି ଓ ଲାଭ ହେବ । ଗତ ଗୋଟିଏ ସପ୍ତାହ ହେବ ପବିତ୍ର ସେହି ଦୈନିକ ବଜାରକୁ ଆସୁ ନ ଥାଏ । ଯଦୁର ଭଲ ବିକ୍ରି ଓ ଲାଭ ହେଉଥାଏ । ତେଣୁ ସେ ଖୁସି ଥାଏ । ଦିନେ ସେ ଭାବିଲା କାଳେ ପବିତ୍ର ଅନ୍ୟ କୌଣସି ବଡ଼ ବେପାର କରିଛି କି ? ଅଧିକ ଲାଭ ପାଇ ତା'ଠାରୁ ଅଧିକ ଅର୍ଥ ରୋଜଗାର କରି ଧନୀ ହୋଇଯିବଣି । ତେଣୁ ସେଦିନ ଯଦୁ ତାକୁ ଦେଖା କରିବାକୁ ଗଲା । ପବିତ୍ରର ଗାଁରେ ପହଞ୍ଚି ସେ ଦେଖିଲା ପବିତ୍ର ତା'ର ଘରେ ବସିଛି । ଯଦୁକୁ ଦେଖି ସେ ଖୁସି ହୋଇ ଅତିଥି ସତ୍କାର କଲା । ତା'ପରେ ସେ ସବୁ ପଚାରି ଜାଣିପାରିଲା ଯେ ପବିତ୍ରକୁ ଜ୍ୱର ହେଉଥିବାରୁ ଦୈନିକ ବଜାରକୁ ପରିବା ବିକ୍ରି କରି ଯାଉନାହିଁ । ସେଦିନ ସେ ସୁସ୍ଥ ଅନୁଭବ କରୁଥିଲା ଏବଂ ଆଉ ଦୁଇ ଦିନ ପରେ ସେ ପୁଣି ପନିପରିବା ସେହି ବଜାରକୁ ବିକିନେବ ବୋଲି କହିଲା । ଏସବୁ ଶୁଣି ଯଦୁ ଉପରେ ଉପରେ ମିଛ ସମବେଦନା ଜଣାଇ ମୁରୁକି ହସିଲା । କାରଣ ସତରେ ଯଦୁ ପବିତ୍ରକୁ ସମବେଦନା ଜଣେଇବାକୁ ଯାଇ ନ ଥିଲା ବା ତା'ର ସ୍ୱାସ୍ଥ୍ୟ ଅବସ୍ଥା ଦେଖିବାକୁ ଯାଇ ନ ଥିଲା । ସେ ଉପରୁ ଉପରୁ କହିଲା– ଯାହାହେଉ, ଭଲ ହେଇଗଲୁ ପବିତ୍ର । ତୁ ଦୈନିକ ବଜାରକୁ ଯାଉ ନ ଥିବାରୁ ମୋର ମନ ଦୁଃଖ ଥିଲା । ଏତିକି କହି ଯଦୁ ସେଠାରୁ ନିଜ ଘରକୁ ଫେରିଆସିଲା । କିନ୍ତୁ ମନେ ମନେ ସେ ଭାବୁଥାଏ– ଯାହାହେଉ ପବିତ୍ର ଆର୍ଥିକ ରୋଜଗାରରେ ତା'ଠାରୁ ଆଗକୁ ବଢ଼ି ନାହିଁ, ଅନ୍ୟ କିଛି ବଡ଼ ବ୍ୟବସାୟ କରିନାହିଁ । ସତରେ, ଯଦୁ ଭଳି ଏମିତି ଉପରୁ ମିଥ୍ୟା ସମବେଦନା ଦେବା ଲୋକମାନଙ୍କୁ ପବିତ୍ର ଭଳି ଲୋକ ସହଜରେ ତ ଚିହ୍ନି ପାରନ୍ତି ନାହିଁ, ଅନ୍ୟ ପକ୍ଷରେ ସହଜରେ ବିଶ୍ୱାସ କରି ଅନେକ ସମୟରେ ଅସୁବିଧାର ସମ୍ମୁଖୀନ ହୋଇଥାଆନ୍ତି । ଯଦୁର ଏଭଳି ସହାନୁଭୂତିକୁ ସ୍ୱାର୍ଥ ଥିବା ସମବେଦନା କୁହାଯିବ । ଏହାଦ୍ୱାରା ସରଳ ଲୋକମାନଙ୍କର ଆବେଗ ବା ଭାବନାକୁ ଗଭୀର ଭାବରେ ଆଘାତ ପହଞ୍ଚିଥାଏ । ଏଭଳି ଆଘାତ ପହଞ୍ଚାଇବାରେ ନିଜର ସମୟ ନଷ୍ଟ ନ କରି ସ୍ୱାବଲମ୍ବୀ,ଆତ୍ମନିର୍ଭରଶୀଳ ତଥା କର୍ମଠ ହେବା ଆବଶ୍ୟକ ।

**ସନ୍ତୋଷ କୁମାର ଅଦାବର**
**ବୀରମହାରାଜପୁର,ସୁବର୍ଣ୍ଣପୁର**

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ–ମେଲ୍‌ରେ ପଠାଇପାରିବେ । (ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ,ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ଦେବଯୁଗ୍ ଫାଉଣ୍ଡେସନ୍ ଦ୍ୱାରା ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ




ଭୁବନେଶ୍ୱର (ସବ୍ୟୁ): ପୁରୁଣା ଭୁବନେଶ୍ୱର ଅଞ୍ଚଳ ୫୫ନମ୍ବର ୱାର୍ଡ ସ୍ଥିତ କୈଳାସ ସଦନ ପ୍ରାଙ୍ଗଣରେ, ରବିବାର ଅପରାହ୍ନରେ ବିଶିଷ୍ଟ ସମାଜ ସେବି ଦେବବ୍ରତ ନାୟକଙ୍କ ନେତୃତ୍ୱରେ ସମାଜ ସେବା ସଂସ୍ଥା ଦେବଯୁଗ୍ ଫାଉଣ୍ଡେସନ୍ ଦ୍ୱାରା ପୁରୁଣା ଭୁବନେଶ୍ୱର, ୫୫ନମ୍ବର ୱାର୍ଡର ନିତିଦିନର କର୍ମକର୍ତାମାନଙ୍କ ପାଇଁ ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏଠାରେ ମୁଖ୍ୟ ଅତିଥି ଭାବେ ପୂର୍ବତନ କେନ୍ଦ୍ର ମନ୍ତ୍ରୀ ବିଶେଶ୍ୱର ଟୁଡୁ, ବେଶେଷ ଅତିଥି ଭାବେ ପୂର୍ବତନ ବିଜେପି ରାଜ୍ୟ ସଭାପତି ସମୀର ମହାନ୍ତି, ବିଜେପି କର୍ମକର୍ତା ତୃପ୍ତିମୟୀ ମକଦମ, ଆଦିବାସୀ ମୋର୍ଚା ରାଜ୍ୟ ଉପସଭାପତି ଫଗୁ ହାଁସଦାହ, ନେତ୍ରୀ ରଶ୍ମି ମହାପାତ୍ର ଏବଂ ନାରୀ ନେତ୍ରୀ ଶ୍ରୀମତୀ ସିପ୍ରା ସେନାପତି ପ୍ରମୁଖ ଯୋଗ ଦେଇଥିଲେ ଏବଂ ସମସ୍ତ କର୍ମଚାରୀ ତଥା ସ୍ୱିପର, କ୍ଲିନର, ପି ଏଚ ଡି, ଇଲେକଟ୍ରିସିଆନ, ସିକ୍ୟୁରିଟି, ଶିଳ୍ପୀ, ଖବର କାଗଜ, କ୍ଷୀର, ଗ୍ୟାସ ଏବଂ ଅନ୍ୟ ସମସ୍ତ ସାମଗ୍ରୀ ଯୋଗାଉଥିବା ଭାଇ ଭଉଣୀ ମାନଙ୍କୁ ମାନପତ୍ର ଏବଂ ବସ୍ତ୍ର ସ୍ୱରୂପ ଉପହାର ଦେଇ ସମ୍ବର୍ଦ୍ଧିତ ଏବଂ ସମ୍ମାନିତ କରିଥିଲେ । ଦେବଯୁଗ୍ ଫାଉଣ୍ଡେସନ୍ ଦ୍ୱାରା ଏହା ଏକ ନିଆରା ପଦକ୍ଷେପ ଏବଂ ରାଜଧାନୀରେ ଥିବା ସମସ୍ତ ୱାର୍ଡ ଏବଂ ତାଙ୍କର କର୍ମକର୍ତା ମାନଙ୍କ ପାଇଁ ଏହା ଏକ ଉଜ୍ଜ୍ୱଳ ଉଦାହରଣ ଭାବେ ଉଭା ହୋଇ ଅଛି ବୋଲି ଉପସ୍ଥିତ ଥିବା ସମସ୍ତ ଜନ ମାନଙ୍କରେ ଚର୍ଚ୍ଚା ହେଉଥିଲା ।

## ରାଷ୍ଟ୍ରଭାଷା ପରୀକ୍ଷାର ମର୍ଯ୍ୟାଦାହାନି ନକରିବାକୁ ଅନୁରୋଧ

ଭୁବନେଶ୍ୱର,(ସବ୍ୟୁ) : ୧୯୫୪ ମସିହାରୁ ଓଡ଼ିଶାରେ ହିନ୍ଦୀ ପ୍ରଚାର, ପ୍ରସାର ଜାରି ରହିଛି । ଓଡିଶା ରାଷ୍ଟ୍ରଭାଷା ପରିଷଦ, ଜଗନ୍ନାଥଧାମ, ଚକ୍ରକୋଟଲେନ, ଦାମୋଦରରୋଡ, ବଳିଆପଣ୍ଡା, ପୁରୀ-୧ ପକ୍ଷରୁ ଏହା ଚାଲୁରହିଛି । ଏହି ସଂସ୍ଥାଦ୍ୱାରା ପରିଚାଳିତ ସମସ୍ତ ପରୀକ୍ଷା ଭାରତ ସରକାର ତଥା ଓଡିଶା ସରରକାରଙ୍କ ସ୍ଥାୟୀ ମାନ୍ୟତା ପାଇଛି । ପ୍ରତି ବର୍ଷ ଏହି ସଂସ୍ଥାରେ ହଜାର ହଜାର ପରୀକ୍ଷାର୍ଥୀ ଉତ୍ତୀର୍ଣ୍ଣ ହୋଇ ରାଜ୍ୟ ତଥା ରାଜ୍ୟ ବାହାରେ ବିଭିନ୍ନ ସରକାରୀ ଓ ବେସରକାରୀ ସଂସ୍ଥାରେ କର୍ମ ସଂସ୍ଥାନ କରୁଛନ୍ତି । ଏହି ସଂସ୍ଥା ଓଡିଶାରେ ରାଷ୍ଟ୍ରଭାଷା ପ୍ରାଥମିକ ଠାରୁ ଶାସ୍ତ୍ରୀ ପର୍ଯ୍ୟନ୍ତ ପରୀକ୍ଷା ପରିଚାଳନା କରୁଛି । ବର୍ଷର ବିଭିନ୍ନ ସମସୟରେ କର୍ମଶାଳା, ଭାଷା ଶିକ୍ଷଣ ଆଦି ଅନେକ କାର୍ଯ୍ୟକ୍ରମ ମଧ୍ୟ କରୁଛି । ସାମ୍ବାଦିକ ତଥା ଶିକ୍ଷା ବିଭାଗର ଉଚ୍ଚ ଅଧିକାରୀମାନେ ଅନୁଷ୍ଠାନ ସଂପର୍କରେ ଅନୁଶୀଳନ ନକରି ତଥ୍ୟ ଅନୁସନ୍ଧାନ ନକରି ଅନୁଷ୍ଠାନର ମର୍ଯ୍ୟାଦାହାନୀ କଲା ଭଳି ସମ୍ବାଦ ପରିବେଷଣ ନକରିବାକୁ ଅନୁଷ୍ଠାନର ସାଧାରଣ ସମ୍ପାଦକ ବଳରାମ ରଣସିଂହ ଅନୁରୋଧ କରିଛନ୍ତି । ଏହାସହିତ ସେ ଆହୁରି ମଧ୍ୟ କହିଛନ୍ତି ଯେ, ସଠିକ ପ୍ରମାଣପତ୍ର ସହ ଆମ ଅନୁଷ୍ଠାନ ନିର୍ଭୀକ ଭାବେ କାର୍ଯ୍ୟ କରୁଛି ।

## ରାଜ୍ୟ ଆଉଟ ସୋସିଂ କର୍ମଚାରୀ ମହାସଂଘର ଦାବି

# ଛଟେଇ କର୍ମଚାରୀଙ୍କୁ ପୁନଃ ନିଯୁକ୍ତି ଓ ସ୍ଥାୟୀତ୍ୱ

ଖୋର୍ଦ୍ଧା, (ସବ୍ୟୁ): ଖୋର୍ଦ୍ଧା ଗୀତାଭବନ ପରିସରରେ ରାଜ୍ୟ ଆଉଟ ସୋର୍ସିଂ କର୍ମଚାରୀ ମହାସଂଘ ପକ୍ଷରୁ ବିଭିନ୍ନ ସମସ୍ୟା ନେଇ ଏକ ସାଧାରଣ ସଭା ଓ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ସଂଘର ବହୁବିଧ ସମସ୍ୟା ସମାଧାନ, ଛଟେଇ କର୍ମଚାରୀଙ୍କୁ ପୁନଃ ନିଯୁକ୍ତି, ଡେଲିୱେଜେସ କର୍ମଚାରୀଙ୍କୁ ସମାନ ଆର୍ଥିକ ଓ ଆନୁଷାଙ୍ଗିକ ସୁବିଧା, ସମସ୍ତ ବର୍ଗର ଆଉଟ ସୋର୍ସିଙ୍ଗ କର୍ମଚାରୀଙ୍କୁ ସ୍ଥାୟୀତ୍ୱ ନେଇ ବହୁବାର ଶାନ୍ତିପୂର୍ଣ୍ଣ ଧର୍ମଘଟ ପରେ ପୂର୍ବ ସରକାର ପ୍ରତିଶୃତି ଦେଇଥିଲେ ଆଉଟ ସୋର୍ସିଙ୍ଗ କର୍ମଚାରୀଙ୍କ ପ୍ରତି ନ୍ୟାୟ ପ୍ରଦାନ କରାଯିବ । କୋଭିଡ଼ ମହାମାରୀ ସମୟରେ କର୍ମଚାରୀ ମାନେ ଦିନରାତି ପରିଶ୍ରମ କରି ସେବା ଯୋଗାଇଥିଲେ । ବିଭିନ୍ନ ବିଭାଗରେ ୬ ରୁ ୧୬ବର୍ଷ ପର୍ଯ୍ୟନ୍ତ ନିଷ୍ଠାର ସହ ସେବା ଯୋଗାଇ ଥିବା କର୍ମଚାରୀମାନଙ୍କୁ ଚାକିରିରୁ ଛଟେଇ କରାଗଲା । ଗୃହ ବିଭାଗ ଡ଼ାଟାଏଂଟ୍ରି ଅପରେଟର ନିଯୁକ୍ତି ଉପରେ ଗତ ୨୦୨୨ଜୁଲାଇ ୩ତାରିଖ ରେ ଏକ ନିଷେଧାଦେଶ ଜାରି କଲେ । ଫଳରେ ରାଜ୍ୟରୁ ପ୍ରାୟ ଚାରି ହଜାରରୁ ଉର୍ଦ୍ଧ୍ୱ କର୍ମଚାରୀଙ୍କୁ ଚାକିରି ହରାଇଲେ । ମହାଙ୍ଗା ବଜାରରେ ମାତ୍ର ୨୫% ଦରମା ବୃଦ୍ଧି ଘୋଷଣା କଲେ ଯାହା



ସମସ୍ତ ଆଉଟ ସୋର୍ସିଙ୍ଗ କର୍ମଚାରୀଙ୍କୁ ଆଜି ଯାଏ ମିଳିଲା ନାହିଁ । ଏପରିକି ଛୁଟି ଦିନ ରୁ ବି ବଂଚିତ କରାଯାଇଛି । ଅନ୍ୟ ସରକାରୀ କର୍ମଚାରୀମାନଙ୍କ ଭଳି ସମାନ ସୁବିଧା, ସମସ୍ତ ବର୍ଗର ଆଉଟ ସୋର୍ସିଙ୍ଗ କର୍ମଚାରୀଙ୍କୁ ସ୍ଥାୟୀ ଓ ସ୍ଥାୟୀ ପ୍ରକ୍ରିୟା ଶେଷ ହେବା ପର୍ଯ୍ୟନ୍ତ ସର୍ବ ନିମ୍ନ ଦରମା ସହିତ ଚାକିରୀ ର ନିରାପତା ପାଇଁ ସଂଘ ନିବେଦନ କରିଛନ୍ତି । ମହାସଂଘର କର୍ମକର୍ତା ମାନେ ନୂତନ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରି ଛଟେଇ କର୍ମଚାରୀମାନଙ୍କୁ ପୁନଃ ନିଯୁକ୍ତି ସହ ଛଟେଇ ବନ୍ଦ କରିବା, ଡ଼େଲି ୱେଜେସ କର୍ମଚାରୀଙ୍କୁ ଆଉଟ ସୋର୍ସିଙ୍ଗ କର୍ମଚାରୀମାନଙ୍କ ଭଳି ସମାନ ସୁବିଧା ପ୍ରଦାନ କରିବା ସହ ସମସ୍ତ ବର୍ଗର ଆଉଟ ସୋର୍ସିଙ୍ଗ କର୍ମଚାରୀଙ୍କୁ ସ୍ଥାୟୀ କରିବା ଓ ସ୍ଥାୟୀ ପ୍ରକ୍ରିୟା ଶେଷ ହେବା ପର୍ଯ୍ୟନ୍ତ ସର୍ବ ନିମ୍ନ ଦରମା ସହିତ ଚାକିରୀ ର ନିରାପତା ପାଇଁ ନିବେଦନ କରିଥିଲେ । ମହାସଂଘର ସାଙ୍ଗଠାନିକ ସମ୍ପାଦକ ତାପସ କୁମାର ମିଶ୍ର, ସାଧାରଣ ସମ୍ପାଦକ ହେମନ୍ତ କୁମାର ବଡ଼ିଆ, ଜିଲ୍ଲା ସଭାପତି ସୁବ୍ରତ କୁମାର ମିଶ୍ର, ଉପ-ସଭାପତି ସୌଭାଗ୍ୟ ଶତପଥ ଓ ସମ୍ପାଦକ ଅବଦୁଲ କସୁମ ଖାନ ପ୍ରମୁଖ ସଂଘ ର ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିଥିଲେ । ବୈଠକ ରେ ଜିଲ୍ଲାର ବିଭିନ୍ନ ବ୍ଲକରୁ ଯୋଗଦେଇଥିବା ଆଉଟ ସୋର୍ସିଙ୍ଗ କର୍ମଚାରୀଙ୍କୁ ଆଗାମୀ ଦିନର ଆହ୍ୱାନ ପ୍ରତି ପ୍ରସ୍ତୁତ ରହିବାକୁ ପରାମର୍ଶ ଦେଇଥିଲେ ।

## ବିଜେଡିର ଉପଦେଷ୍ଟା କମିଟି ବୈଠକ

# ବିଜେପି ସରକାରଙ୍କ ବିଫଳତାକୁ ଲୋକଙ୍କ ପାଖରେ ପହଞ୍ଚାଇବୁ : ବିଜେଡି

ଭୁବନେଶ୍ୱର, (ସବ୍ୟୁ): ବିଜୁ ଜନତା ଦଳର ଉପଦେଷ୍ଟା କମିଟିର ବୈଠକ ଦଳର ବରିଷ୍ଠ ନେତା ପ୍ରସନ୍ନ ଆଚାର୍ଯ୍ୟଙ୍କ ଅଧକ୍ଷତାରେ ଶଙ୍ଖଭବନ ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଯୋଗଦେଇ ଦଳର ବରିଷ୍ଠ ନେତା ତଥା ଉପଦେଷ୍ଟା କମିଟିର ସଦସ୍ୟମାନେ କହିଥିଲେ ବିଜୁଜନତା ଦଳ ଗତ ନିର୍ବାଚନରେ କ୍ଷମତାଚ୍ୟୁତ ହୋଇଥିଲେ ହେଁ, ବିଭିନ୍ନ ଦଳ ପାଇଥିବା ଭୋଟସଂଖ୍ୟା ହିସାବରେ, ଏବେ ବି ରାଜ୍ୟର ଏକ ନମ୍ବର ଦଳ ହୋଇ ରହିଛି । ତା ଛଡା ବିଜୁଜନତା ଦଳର ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବେ ବି ଓଡିଶାବାସୀଙ୍କ ସବୁଠାରୁ ଅଧିକ ପସନ୍ଦ ନେତାର ମାନ୍ୟତା ବଜାୟ ରଖିଛନ୍ତି । ରାଜ୍ୟରେ ଆରମ୍ଭ ହୋଇଥିବା ଜନ ସମ୍ପର୍କ ପଦଯାତ୍ରା କାର୍ଯ୍ୟକ୍ରମକୁ ବିପୁଳ ଜନ ସମର୍ଥନ ଦେଖିବାକୁ ମିଳୁଛି । ବର୍ତ୍ତମାନର ବିଜେପି ସରକାରଙ୍କ ବିଭିନ୍ନ କାର୍ଯ୍ୟରେ ବିଫଳତା ଜନ ସାଧାରଣଙ୍କ ପାଖରେ ପହଁଚିଛି ।



ଏହି ବୈଠକରେ ବିଜେଡି ସମନ୍ୱୟ କମିଟିର ଅଧ୍ୟକ୍ଷ ଦେବୀ ପ୍ରସାଦ ମିଶ୍ର ଦଳ ତରଫରୁ ବିଭିନ୍ନ ପ୍ରସଙ୍ଗ ଉପରେ ନିଆଯାଇଥିବା ପଦକ୍ଷେପ ଗୁଡିକ ଉପରେ ଆଲୋକପାତ କରିଥିଲେ । ସେହିପରି କାର୍ଯ୍ୟକ୍ରମ ରୂପାନ୍ତରୀଣ କମିଟିର ଆବାହକ ସଞ୍ଜୟ ଦାସବର୍ମା ଓ ସଭ୍ୟସଂଗ୍ରହ ଅଭିଯାନ କମିଟିର ଆବାହକ ଅତନୁ ସବ୍ୟସାଚୀ ନାୟକ ସେମାନଙ୍କର କାର୍ଯ୍ୟସୂଚୀ ଉପରେ ଆଲୋକପାତ କରିଥିଲେ । ଦଳର ମୁଖପାତ୍ର ତଥା ମିଡ଼ିଆ ସଂଯୋଜକ ଡଃ ଲେନିନ୍ ମହାନ୍ତି ଦଳର ମିଡ଼ିଆଟିମ୍ ଦ୍ୱାରା ବିଭିନ୍ନ ପ୍ରସଙ୍ଗରେ ନିଆଯାଉଥିବା ବିଭିନ୍ନ ପଦକ୍ଷେପ ଉପରେ ସୂଚନା ଦେଇଥିଲେ । ଏହି ବୈଠକରେ, ଉପଦେଷ୍ଟା କମିଟିର ସଦସ୍ୟ ଶ୍ରୀମତୀ ଉଷା ଦେବୀ, ପ୍ରଫୁଲ୍ଲ ସାମଲ, ଚନ୍ଦ୍ରଶେଖର ସାହୁ, ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ପ୍ରଫୁଲ୍ଲ ମଲ୍ଲିକ, ଅଶୋକ ଚନ୍ଦ୍ର ପଣ୍ଡା, ପଦ୍ମନାଭବେହେରା, ବଦ୍ରି ନାରାୟଣ ପାତ୍ର, ଭୂପିନ୍ଦରସିଂ, ମଙ୍ଗଳାକିସାନ, ରବି ନାରାୟଣ ନନ୍ଦ, ଆୟୁବଖାନ, ଶଶୀଭୂଷଣ ବେହେରା, ଶ୍ରୀମତୀ ସରୋଜିନୀ ହେମ୍ବ୍ରମ, ରଜନୀ କାନ୍ତ ସିଂ, ଗଣେଶ୍ୱର ବେହେରା ଇତ୍ୟାଦି ଯୋଗଦେଇ ନିଜର ମତ ରଖିଥିଲେ ।

## ସେଞ୍ଚୁରିଆନ୍ ବିଶ୍ୱବିଦ୍ୟାଳୟରେ

# ଏନର୍ଜି ସ୍ୱରାଜ ଫାଉଣ୍ଡେସନ୍‌ର ଭୁବନେଶ୍ୱର ଅଧ୍ୟାୟ ଆରମ୍ଭ

ଜଟଣୀ,(ସବ୍ୟୁ): ସେଞ୍ଚୁରିଆନ୍ ବିଶ୍ୱବିଦ୍ୟାଳୟ ପରିସରରେ ଏନର୍ଜି ସ୍ୱରାଜ ଫାଉଣ୍ଡେସନର ଭୁବନେଶ୍ୱର ଅଧ୍ୟାୟ ଆରମ୍ଭ କରାଯାଇଛି । ଆଇଆଇଟି ବମ୍ବେର ପ୍ରଫେସର ଏବଂ ଏନର୍ଜି ସ୍ୱରାଜ ଫାଉଣ୍ଡେସନର ପ୍ରତିଷ୍ଠାତା ପ୍ରଫେସର ଚେତନ ସିଂହ ସୋଲାଙ୍କୀ ଏବଂ ସେଞ୍ଚୁରିଆନ୍ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସୁପ୍ରିୟା ପଟ୍ଟନାୟକଙ୍କ ଉପସ୍ଥିତିରେ ଉଦ୍‌ଘାଟିତ ହୋଇଛି । ପରିବେଶ ସୁରକ୍ଷିତ ଉର୍ଜାର ମୂଳଲକ୍ଷ୍ୟ ହେଲା ଜଳବାୟୁ ପରିବର୍ତ୍ତନର ମୁକାବିଲା କରିବା । ଭୁବନେଶ୍ୱର ଅଧ୍ୟାୟର ଆଭିମୁଖ୍ୟ ହେଉଛି ସୂର୍ଯ୍ୟ ଶକ୍ତିକୁ ନବୀକରଣ ଯୋଗ୍ୟ ସମ୍ପଦରେ ଗ୍ରହଣକରି ଜୋର୍ ଦେବା ଓ ଉର୍ଜା ସ୍ୱାଧୀନତାକୁ ଅଗ୍ରସର କରିବା ଏବଂ ଏନର୍ଜି ସ୍ୱରାଜ ଫାଉଣ୍ଡେସନ୍‌ର ବିଶାଳ ମିଶନ ସହିତ ସମନ୍ୱୟ କରି ଜଳବାୟୁ ପରିବର୍ତନକୁ ରୋକିବାର ସମାଧାନକୁ ବିକେନ୍ଦ୍ରୀକୃତ କରିବା । ପ୍ରଫେସର ଚେତନ ସୋଲାଙ୍କୀ କହିଛନ୍ତି, ଜଳବାୟୁ ପରିବର୍ତନର ଏକ ତତ୍କାଳୀକ ସମସ୍ୟା ଯାହାକୁ ବିକେନ୍ଦ୍ରୀକୃତ ଏବଂ ବ୍ୟବହାରିକ ଉର୍ଜା ସମାଧାନ ଦ୍ୱାରା ମୁକାବିଲା କରିବା ଆବଶ୍ୟକ । ଏହି ସଂକଟର ମୁକାବିଲା କରିବାରେ ସହାୟକ ହେବ ସୂର୍ଯ୍ୟ ଶକ୍ତି । ସେଞ୍ଚୁରିଆନ୍ ବିଶ୍ୱବିଦ୍ୟାଳୟ ଭଳି ଶିକ୍ଷାନୁଷ୍ଠାନ ଏହାର ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଛି । ସୂର୍ଯ୍ୟଶକ୍ତିର ବ୍ୟବହାର ଦୈନନ୍ଦିନ ଜୀବନରେ, ଏହି ଶକ୍ତିର ଲାଭ ସଂପର୍କରେ ଲୋକମାନଙ୍କୁ ସଚେତନ କରାଯିବା ସହିତ ପ୍ରଶିକ୍ଷଣ ସଭା ଆୟୋଜନ କରାଯିବା ସହ ଶିକ୍ଷା ଦେବା ଉପରେ ଜୋର୍ ଦିଆଯିବ । ଭୁବନେଶ୍ୱର ଅଧ୍ୟାୟ ଓଡ଼ିଶାର ଗ୍ରାମୀଣ ଅଂଚଳଗୁଡିକରେ ସୂର୍ଯ୍ୟ ଶକ୍ତି ପ୍ରକଳ୍ପର ଆବଶ୍ୟକତା ଉପରେ ଦୃଷ୍ଟି ଦିଆଯିବା ନେଇ ପ୍ରଫେସର ସୋଲାଙ୍କି ମତବ୍ୟକ୍ତ କରିଥିଲେ ।

# ଡନ୍‌ବସ୍କ ସ୍କୁଲରେ ଦଶହରା ପୂଜା ଉତ୍ସବ

କଟକ, (ସ୍ୱପ୍ର) : ସ୍ଥାନୀୟ ମହାନଦୀବିହାର ସ୍ଥିତ ଡନ୍‌ବସ୍କ ସ୍କୁଲ୍‌ରେ ଦଶହରା ପୂଜା ଉତ୍ସବ ପାଳିତ ହୋଇଯାଇଛି । ଏହି ଉତ୍ସବରେ ସ୍ଥାନୀୟ ପୂର୍ବତନ ବିଧାୟକ ଡଃ ପ୍ରଭାତ ରଞ୍ଜନ ବିଶ୍ୱାଳ, ୪୭ନଂ ୱାର୍ଡ କର୍ପୋରେଟର ଇଂ ସୁବ୍ରତ ଘଡାଇ, ସମାଜସେବୀ ସଞ୍ଜୟ ଜେନା ପ୍ରମୁଖ ଯୋଗଦେଇ ବିଦ୍ୟାଳୟର ଏପରି କାର୍ଯ୍ୟକ୍ରମର ପ୍ରଶଂସା କରିବା ସହିତ କୋମଳମତୀ ଛାତ୍ରଛାତ୍ରୀମାନଙ୍କ ମନରେ ପରମ୍ପରା ଭିତ୍ତିକ ପୂଜା ପାର୍ବଣର ଚେତନା ଜାଗ୍ରତ କରି ତାଙ୍କୁ ଭବିଷ୍ୟତ ଗଠନରେ ପ୍ରେରଣା ଦେଉଥିବା ସ୍କୁଲ କର୍ତ୍ତୃପକ୍ଷଙ୍କୁ




ସାଧୁବାଦ ଜଣାଇଥିଲେ । ସ୍କୁଲର ପ୍ରିନ୍‌ସପାଲ ତଥା ପ୍ରତିଷ୍ଠାତା ଏଲିନା ରାଉତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍କୁଲର ଛାତ୍ରଛାତ୍ରୀମାନେ ଗଢିଥିବା ମାଆଙ୍କ ମୂର୍ତ୍ତୀ ପ୍ରଦର୍ଶନ କରିବା ସହିତ ଦାଣ୍ଡିଆ ନୃତ୍ୟ ପ୍ରଦର୍ଶନ କରିଥିଲେ । ଶେଷରେ ପିଲାମାନଙ୍କୁ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା ।

# ଚୌଦ୍ୱାର-କଟକ ବିଜେଡି ପକ୍ଷରୁ ୫୨-୫୩ନଂ ୱାର୍ଡରେ ଜନସଂପର୍କ ପଦଯାତ୍ରା

କଟକ, (ସ୍ୱପ୍ର): ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ପ୍ରତିବର୍ଷ ଭଳି ଚଳିତ ବର୍ଷ ଚୌଦ୍ୱାର-କଟକ ପକ୍ଷରୁ ଜନସମ୍ପର୍କ ପଦଯାତ୍ରା ପୂର୍ବତନ ବିଧାୟକ ଡଃ ପ୍ରଭାତ ରଂଜନ ବିଶ୍ୱାଳଙ୍କ ଆହ୍ୱାନରେ ୱାର୍ଡ ନଂ୫୨-୫୩ରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟଅତିଥିଭାବେ ପୂର୍ବତନ ମନ୍ତ୍ରୀ ତଥା ବିଜେଡି ଉପସଭାପତି ଦେବୀ ପ୍ରସାଦ ମିଶ୍ର ଯୋଗଦେଇ ଏହି ବିଶାଳ ପଦଯାତ୍ରାରେ ସାମିଲ



ହୋଇଥିଲେ । ବିଧାୟକ ସୌଭିକ୍ ବିଶ୍ୱାଳଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ପଦଯାତ୍ରାରେ ପଇପ୍ରାନ୍ତ ସଭାରେ ମୁଖ୍ୟଅତିଥି ଶ୍ରୀ ମିଶ୍ର ଉଦ୍‌ବୋଧନ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଡେପୁଟୀ ମେୟର-ଦମୟନ୍ତୀ ମାଝୀ, ଦେବେନ୍ଦ୍ର ଖୁିଆ, ମହେନ୍ଦ୍ର ନାୟକ, ନଗର କମିଟିର-ତାପସ ମହାନ୍ତି, ଫିରୋଜ ମହାପାତ୍ର, କର୍ପୋରେଟର- ସୌଭାଗିନୀ ଜେନା, ଅରବିନ୍ଦ ଜେନା, ପ୍ରଦୀପ୍ତ କିଶୋର ଖୁଣ୍ଟିଆ, ତାପସ ସାମନ୍ତରାୟ, ଇଂ ସୁବ୍ରତ ଘଡାଇ, ବିଶ୍ୱ ବନ୍ଦିତା ପଣ୍ଡା, ବିଧାୟକଙ୍କ ପ୍ରତିନିଧି-ରମାକାନ୍ତ ଲେଙ୍କା, ସାରଙ୍ଗପାଣି ଷଡଙ୍ଗୀ, ବିନୟ କେତନ ଚୌଧୁରୀ, ରାଧେଶ୍ୟାମ ରଣା ପ୍ରମୁଖ ଶହଶହ ମହିଳା ପୁରୁଷ କର୍ମୀ ଯୋଗଦେଇ ପୂର୍ବ ସରକାରଙ୍କ ଲୋକାଭିମୁଖୀ କାର୍ଯ୍ୟକ୍ରମର ଅବତାରଣା କରିଥିଲେ । ଏଥିରେ ବିଭିନ୍ନ ପୂଜା କମିଟିର ସଭାପତି, ସମ୍ପାଦକ ଓ ସଦସ୍ୟମାନେ ମୁଖ୍ୟ ଅତିଥି ଓ ବିଧାୟକଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟଦାନ କରି ସମ୍ମାନୀତ କରିଥିଲେ । ଏହି ପଦଯାତ୍ରାରେ ବହୁ ସଂଖ୍ୟାରେ ଯୁବ, ମହିଳା, ଛାତ୍ର ଓ ସକ୍ରୀୟ କର୍ମୀ ପ୍ରମୁଖ ଯୋଗଦେଇଥିଲେ ।

# ଇପିଏଫ ପେନସନର୍ସ ସଂଘର ପୁରୀ ଜିଲ୍ଲା କମିଟି ସାଧାରଣ ସଭା

ପୁରୀ (ସବ୍ୟୁ): ରବିବାର ପୂର୍ବାହ୍ନରେ ସ୍ଥାନୀୟ ଆଖଣ୍ଡଳମଣି ମନ୍ଦିର ପ୍ରାଙ୍ଗଣରେ ଅଲ ଓଡିଶା ଇପିଏଫ ପେନସନର୍ସ ସଙ୍ଘ, ପୁରୀ ଜିଲ୍ଲା କମିଟିର ନିଷ୍ପତ୍ତିକ୍ରମେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି । ପୁରୀ ଜିଲ୍ଲା କମିଟି ସଭାପତି କୈଳାସ ଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଏହି ସଭା ଅନୁଷ୍ଠିତ ହୋଇଥିଲା । ଅଲ ଓଡିଶା ଇପିଏଫ ପେନସନର୍ସ ଆସୋସିଏସନ ସମେତ କେନ୍ଦ୍ରୀୟ ସଂଗଠନ ମାନେ ଦୀର୍ଘଦିନ ଧରି ସର୍ବନିମ୍ନ ପେନସନ ୯୦୦୦ଟଙ୍କାକୁ ବୃଦ୍ଧି ସହ ମହଙ୍ଗା ଭତ୍ତା ପ୍ରଦାନ ନିମନ୍ତେ କେନ୍ଦ୍ର ସରକାରଙ୍କ ନିକଟରେ ଗଣତାନ୍ତ୍ରିକ ପନ୍ଥାରେ ଦାବି କରୁଥିଲେ ମଧ୍ୟ କେନ୍ଦ୍ର ସରକାର ଏଥିପ୍ରତି କର୍ଣ୍ଣପାତ କରୁନାହାନ୍ତି । ଅନ୍ୟପକ୍ଷରେ ପୁଞ୍ଜିପତି ମାନଙ୍କୁ ଅଯାଚିତଭାବେ ରିହାତି ଓ ଅନୁଦାନ ପ୍ରଦାନ କରୁଥିବା ବେଳେ ଦେଶ ବିକାଶରେ ବିଭିନ୍ନ କଳ କାରଖାନା ଓ ସରକାରୀ ଅନୁଦାନପ୍ରାପ୍ତ ସଂସ୍ଥା ମାନଙ୍କରେ କାମକରି ଅବସର ପରେ ସର୍ବନିମ୍ନ ପେନସନ ବିନା ମହଙ୍ଗା ଭତ୍ତାରେ ୧୦୦୦ଟଙ୍କା ପେନସନ ପାଇ ଅତ୍ୟନ୍ତ ଦୁଃଖ ଦୁର୍ଦ୍ଦଶାରେ କାଳାତିପାତ କରୁଛନ୍ତି । ଆଇନଗତ ଲଢେଇ ପରେ ୨୦୨୨ମସିହାରେ ସର୍ବୋଚ୍ଚ ନ୍ୟାୟାଳୟ ବର୍ଦ୍ଧିତ ପେନସନ ପ୍ରଦାନ ପାଇଁ ଆଦେଶ ଦେଇଥିଲେ ମଧ୍ୟ ସେଥିରେ ଇପିଏଫ କର୍ମକର୍ତ୍ତାମାନେ ଟାଳଟୁଳ ନିତିକୁ ଆପଣେଇ ଏଯାବତ ତାହା




ପ୍ରଦାନ କରୁନାହାନ୍ତି । କେନ୍ଦ୍ର ସରକାରଙ୍କ ଏତାଦୃଶ ମନୋଭାବ ପାଇଁ ଉପସ୍ଥିତ ସଭ୍ୟ / ସଭ୍ୟା ମାନେ ଘୋର ନିନ୍ଦା ପ୍ରକଟ କରିଥିଲେ । ଆଗାମୀ ଦିନରେ ଏହି ଦାବି ହାସଲ ପାଇଁ ଆନ୍ଦୋଳନକୁ ତୀବ୍ର କରିବାକୁ ସର୍ବସମ୍ମତି ଭାବେ ନିଷ୍ପତ୍ତି ନିଆଗଲା । ପୁରୀ ଜିଲ୍ଲା କମିଟି ସଭାପତି କୈଳାଶ ଚନ୍ଦ୍ର ସାହୁଙ୍କ ନେତୃତ୍ୱରେ ସର୍ବସମ୍ମତିକ୍ରମେ ଏକ ଷୋଳ ଜଣିଆ କମିଟି ଗଠନ କରାଗଲା । ଆଗାମୀ ଦିନରେ ସେ କମିଟି ସମସ୍ତ ନିଷ୍ପତ୍ତି ଗ୍ରହଣ କରିବାପାଇଁ ସ୍ଥିର କରାଗଲା । ଉକ୍ତ ସଭାରେ ରାଜ୍ୟ କମିଟି ସଭାପତି ବିଜୟ କୁମାର ଜେନା, ସାଧାରଣ ସମ୍ପାଦକ ଭାଗ୍ୟଧର ବ୍ରହ୍ମା, ରାଜ୍ୟ କମିଟି ଉପଦେଷ୍ଟା ନଟବର ଆଚାର୍ଯ୍ୟ ରାଜ୍ୟ କମିଟି କାର୍ଯ୍ୟକାରୀ ସଭାପତି ତଥା ଖୋର୍ଦ୍ଧା ଜିଲ୍ଲା କମିଟି ସଭାପତି ପ୍ରଫୁଲ୍ଲ କୁମାର ଦାସ ଓ ଖୋର୍ଦ୍ଧା ଜିଲ୍ଲା ସମ୍ପାଦକ ପ୍ରକାଶ କୁମାର ପଟ୍ଟନାୟକ ଅତିଥି ଭାବେ ଯୋଗ ଦେଇଥିଲେ । ଉପସ୍ଥିତ ଅତିଥି ମାନେ ଆଗାମୀ ଦିନରେ ଜିଲ୍ଲା କମିଟିକୁ ସୁଦୃଢ କରିବା ସହ ଶୃଙ୍ଖଳିତ ଭାବେ ସଂଗଠନକୁ ଆଗେଇ ନେବା ପାଇଁ ଅନୁରୋଧ କରିଥିଲେ । ତତସହିତ ଆଗାମୀ ନଭେମ୍ବର ମାସ ୩ ଓ ୪ ତାରିଖ ଦୁଇ ଦିନ ଧରି ସଙ୍ଘର ରାଜ୍ୟ ସମ୍ମିଳନୀ ସ୍ଥାନୀୟ ସଂସ୍କୃତି ଭବନ ଠାରେ ଅନୁଷ୍ଠିତ ହେବାକୁ ଯାଉଛି । ଏଣୁ ପୁରୀ ଜିଲ୍ଲା କମିଟି ସଭ୍ୟ / ସଭ୍ୟା ମାନଙ୍କୁ ଆହ୍‌ୱାନ ଦେଇଥିଲେଛ ଶେଷରେ ନଟବର ଆଚାର୍ଯ୍ୟ ଧନ୍ୟବାଦ ଦେଇଥିଲେ ।

# ଟାଙ୍ଗେଣୀ ପାହାଡ ଖଣିରୁ ଯୁବକଙ୍କ ମୃତଦେହ ଉଦ୍ଧାର

ଖୋର୍ଦ୍ଧା, (ସବ୍ୟୁ): ଖୋର୍ଦ୍ଧା ସଦରଥାନା ଅନ୍ତର୍ଗତ କାଇପଦର ଟାଙ୍ଗେଣୀ ପାହାଡରୁ ଯୁବକଙ୍କ ଗଳିତ ମୃତଦହ ଉଦ୍ଧାର ହୋଇଛି । ମୃତକଙ୍କ ପରିଚୟ ମିଳିନଥିବାବେଳେ ପୁଲିସ ଏହି ଘଟଣାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରୀ ରଖିଛି । ଟାଙ୍ଗେଣୀ ପାହାଡ ଖଣି କୁ ଆଜି କିଛି ଯୁବକ ସକାଳେ ଯାଇଥିବାବେଳେ ଏକ ମୃତଦେହ ଭାସୁଥିବା ଦେଖି ପୁଲିସ କୁ ଖବର ଦେଇଥିଲେ । ପୁଲିସ ପହଁଚି ଅଗ୍ନିସମ ବାହିନୀ ସହାୟତାରେ ପ୍ରାୟ ୩୦ରୁ ୩୫ବର୍ଷ ବୟସର ଜଣେ ଯୁବକର ଗଳିତ ମୃତ ଦେହ କୁ ଉଦ୍ଧାର କରିଛି । ମୃତ ଯୁବକ ର ବାମ ହାତରେ ଏକ ଟାଟୁ ରେ ବାବା ଲଭ୍ ବୋଉ ଲେଖାଯାଇଥିବା ବେଳେ ଡାହାଣ ହାତରେ ଅନ୍ୟ ଏକ ପ୍ରିଂଟ ଟାଟୁ ରହିଛି । ମୃତ ଯୁବକ ହଳଦିଆ ଓ କଳା ମିଶ୍ରିତ ରଙ୍ଗର ଅଧା ଟି-ସାର୍ଟ ଏବଂ ବ୍ଲାକ୍ ଟ୍ରାକ ପ୍ୟାଂଟ ପିନ୍ଧିଛନ୍ତି । ତାର ପେଟରେ ଏକ ଗାମୁଛା ବନ୍ଧା ହୋଇଥିଲା । ମୃତଦେହଟି ପ୍ରାୟ ୩/୪ ଦିନ ହେବ ବୋଲି ଅନୁମାନ କରାଯାଉଥିବାବେଳେ ଯୁବକଙ୍କ ଶରୀର ପାଣିରେ ପଡି ଫୁଲିଯାଇଛି । ଉଦ୍ଧାର ମୃତ ଦେହକୁ ବ୍ୟବଛେଦ ନିମନ୍ତେ ପୁଲିସ ଖୋର୍ଦ୍ଧା ରୁ ଏମସ୍ ପଠାଇଥିବା ସୂଚନା ଦେଇଛି ।

# ଆଇଆଇଟି ଭୁବନେଶ୍ୱରରେ ସନ୍ଦର୍ଭରେ ଭାରତୀୟ ନଲେଜ୍ ସିଷ୍ଟମ୍ ରାଷ୍ଟ୍ରୀୟ ପାଠ୍ୟ ଚକ୍ର

ଭୁବନେଶ୍ୱର, (ସବ୍ୟୁ): ଭାରତୀୟ ପ୍ରଦ୍ୟୋଗିକ ସଂସ୍ଥାନ, ଅରୁଗୁଳ ପରିସର ରେ ଶିକ୍ଷା ସଂସ୍କୃତି ଉତ୍ଥାନ ନ୍ୟାସ ଏବଂ ଭାରତୀୟ ପ୍ରଦ୍ୟୋଗିକ ସଂସ୍ଥାନ, ଭୁବନେଶ୍‌ରର ମିଳିତ ଆନୁକୁଲ୍ୟରେ ଭାରତୀୟ ନଲେଜ୍ ସିଷ୍ଟମ୍ ବିଷୟ ରେ ଏକ ରାଷ୍ଟ୍ରୀୟ ପାଠ୍ୟଚକ୍ର ଆୟୋଜିତ ହୋଇଯାଇଛି । ଏହି ପାଠ୍ୟ ଚକ୍ର ସହ ଶିକ୍ଷା ସଂସ୍କୃତି ଉତ୍ଥାନ ନ୍ୟାସ ଓଡିଶା ପ୍ରାନ୍ତର ଅଭ୍ୟାସ ବର୍ଗ ମଧ୍ୟ ଉଦ୍ଘାଟନ ହୋଇଥିଲା ଯାହା ୫ ଓ ୬ ଦୁଇ ଦିନ ନ୍ୟାସ ର କାର୍ଯ୍ୟକର୍ତ୍ତାଙ୍କ ପାଇଁ ଉଦ୍ଦିଷ୍ଟ ରହିଥିଲା । ଭାରତୀୟ ନୋଲେଜ୍ ସିଷ୍ଟମ କିପରି ଭାରତୀୟ ଶିକ୍ଷା ର ବୈପ୍ଳବିକ ପରିବର୍ତ୍ତନ ଆଣିପାରିବ ତାହାର ପୁଙ୍ଖାନୁପୁଙ୍ଖ ବିବରଣୀ ସହ ବିସ୍ତୃତ ବ୍ୟକ୍ତ୍ୟ ରଖିଥିଲେ ଶିକ୍ଷା ସଂସ୍କୃତି ଉତ୍‌ଥାନ ନ୍ୟାସ ର ରାଷ୍ଟ୍ରୀୟ ସଚିବ ଡ ଅତୁଲ ଭାଇ କୋଠାରୀ । ଶିକ୍ଷା ପଦ୍ଧତି, ଶିକ୍ଷା ର ସୌନ୍ଦ, ମୂଲ୍ୟାଙ୍କନ ଓ ରାଷ୍ଟ୍ରୀୟ ଶିକ୍ଷା ନୀତିରେ ଜ୍ଞାନ ପରମ୍ପରା ସମ୍ପୂର୍ଣ୍ଣ ବିଜ୍ଞାନ ସମ୍ମତ ବୋଲି ମତ ରଖି ଥିଲେ ଓ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ଏମ୍ ପି ବାଲେଶ୍ୱର ବିଷୟ ର ବିଭିନ୍ନ ଦିଗ ଓ ତାର ଉପାଦେୟତା ଉପରେ ଆଲୋକ



ପାତ କରିଥଲେ । ଏଥି ସହିତ ନଭେମ୍ବର ୧୭/୧୮ ରେ ହେବାକୁ ଥିବା ଜ୍ଞାନ କୁମ୍ଭର ପୋଷ୍ଟର ମଧ୍ୟ ବିମୋଚନ ଅତିଥି ମାନଙ୍କ ଦ୍ୱାରା କରାଯାଇଥିଲା । ଏହି ପାଠ୍ୟ ଚକ୍ର ରେ ଓଡ଼ିଶାର ୫ ଟି ଜିଲ୍ଲା ରୁ ୧୨୦ ଜଣ ଛାତ୍ର ଛାତ୍ରୀ ,ପ୍ରୋଫେସର୍ ଓ ନ୍ୟାସ ର କାର୍ଯ୍ୟ କର୍ତ୍ତା ଯୋଗଦାନ କରିଥଲେ । ଆସିଷ୍ଟାଣ୍ଟ ପ୍ରଫେସର ଅର୍. ଭେଙ୍କଟ ରାଘବନ୍ ଙ୍କ ଧନ୍ୟବାଦ ସହ ରାଷ୍ଟ୍ର ଗାନ ଗାଇ ପାଠ୍ୟ ଚକ୍ର ସମାପନ ହୋଇଥିଲା ।

ଭାରତୀୟ ଜ୍ଞାନ ପରମ୍ପରା ର ଉପଯୋଗୀତା ର ଆବଶ୍ୟକ ପାଇଁ ମତ ରଖିଥିଲେ ।

ଭାରତୀୟ ପ୍ରାଦ୍ୟୋଗିକ ସଂସ୍ଥାନ ର ନିର୍ଦ୍ଦେଶକ ପ୍ରଫେସର ଶ୍ରୀପଦ କରମଲକର ରିସର୍ଚ୍ଚ ଓ ଇନୋଭେସନ ସହ ଭାରତୀୟ ନୋଲେଜ୍ ସିଷ୍ଟମ କୁ କିପରି କାର୍ଯ୍ୟ କରୀ କରିହେବ ସେ ବିଷୟ ରେ ବକ୍ତବ୍ୟ ରଖିଥିଲେ । ମଞ୍ଚାସିନ ଅତିଥି ମାନଙ୍କ ମଧ୍ୟରେ ଝାରଖଣ୍ଡ ରାଏ ବିଶ୍ୱବିଦ୍ୟାଳୟର କୁଳପତି ସବିତା ସେଙ୍ଗର ଭାରତୀୟ

# ଇନଫୋସିଟିରେ ଖୋଲିଲା ଓଡିଶ୍ରୀ ବିରିୟାନୀ ରେସ୍ତୋରାଁ

ଭୁବନେଶ୍ୱର, (ସବ୍ୟୁ): ବର୍ତ୍ତମାନ ସମୟରେ ସମସ୍ତଙ୍କ ପ୍ରଥମ ପସନ୍ଦ ପାଲଟିଛି ରେସ୍ତୋରାଁ । ସାଙ୍ଗ ସାଥି



ହେଉ କି ପରିବାର ଲୋକ ସହ ଏସି ରୁମରେ ଖାଦ୍ୟର ମଜ୍ଜା ନେଉଛନ୍ତି । ଏହାକୁ ନଜରରେ ରଖି ଭୁବନେଶ୍ୱରରେ ଭଳିକି ଭଳି ରେସ୍ତୋରାଁ ଖୋଲିଛି । ଏହି କ୍ରମରେ ଇନଫୋସିଟି ପ୍ଲାଜା ପଟିଆରେ ଖୋଲିଛି 'ଓଡିଶ୍ରୀ ବିରିୟାନୀ' ରେସ୍ତୋରାଁ । ଏହି ରେସ୍ତୋରାଁରେ ଇଣ୍ଡିଆନ, ଚାଇନିଜ୍, ତନ୍ଦୁର ମେନ୍ୟୁ ସହ ଅନେକ ଖାଦ୍ୟ ମିଳିପାରିବ । ଅତିଥି ଭାବେ କଟକ ବାରବାଟୀର ପୂର୍ବତନ ବିଧାୟକ ମହମ୍ମଦ ମୋକିମ, ବିଧାୟକ ଗୌତମ ବୁଦ୍ଧ ଦାସ, ଅଭିନେତ୍ରୀ ଆହାନ ବରାଳ, ଖ୍ୟାତାନାମ ସେଫ୍ ସୁନୀଲ ପାଣିଗ୍ରାହୀ ପ୍ରମୁଖ ଯୋଗ ଦେଇ ଏହି କାର୍ଯ୍ୟକୁ ଉଦ୍ଘାଟନ କରି କେବଳ ଓଡିଶା ନୁହେଁ ସାରା ଭାରତ ବର୍ଷରେ ଏହାର ଶାଖା ଖୋଲୁ ବୋଲି କହିଥିଲେ । ନିର୍ଦ୍ଦେଶିକା ସସ୍ମିତା ଦାଶଙ୍କ ସହ ସାମ୍ବାଦିକ ରାମଜୀବନ ଗୋଛାୟତ ଓ ବେଣୁଧର ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ । ଆଗାମୀ ଦିନରେ ଓଡିଶ୍ରୀ ଗ୍ଲୋବାଲ ଭେର୍ଣ୍ଣର ନାମକ କମ୍ପାନୀ ତରଫରୁ ରାଜ୍ୟର ଅନ୍ୟ ସ୍ଥାନରେ ଏହି ରେସ୍ତୋରାଁ ଖୋଲାଯିବ ବୋଲି ଏହାର ପରିଚାଳନା ନିର୍ଦ୍ଦେଶକ ଦେବାଶିଷ ମହାପାତ୍ର ପ୍ରକାଶ କରିଛନ୍ତି ।

# ବର୍ଷାରେ ଭାଙ୍ଗିଲା ଦୁର୍ଗାପୂଜା ତୋରଣ

ଭୁବନେଶ୍ୱର, (ସବ୍ୟୁ) : ରବିବାର ଅପରାହ୍ଣ ବର୍ଷାରେ ଦୁର୍ଗାପୂଜା ତୋରଣ ଭାଙ୍ଗିପଡିବାରୁ ଯାତାୟାତ ବ୍ୟାହତ ହେବା ସାଙ୍ଗକୁ ସମ୍ପୃକ୍ତ ଅଞ୍ଚଳରେ ଥିବା କେତେକ ସାଇନ ବୋର୍ଡ ମଧ୍ୟ ଭାଙ୍ଗି ଯାଇଛି ।

ରସୁଲଗଡ ଦୁର୍ଗାପୂଜାରେ ୩୦ଫୁଟ ଉଚ୍ଚର ଲାଇଟ୍ ତୋରଣ ନିର୍ମାଣ ହୋଇଥିଲା । ପ୍ରବଳ ବର୍ଷା ପାଇଁ ସମ୍ପୃକ୍ତ ତୋରଣ ଭୁଶୁଡି ପଡିଲା । କାହାର କ୍ଷୟକ୍ଷତି ହୋଇନଥିଲେ ମଧ୍ୟ ରାସ୍ତାରେ କିଛି ସମୟ ଯାତାୟାତ ବ୍ୟାହତ ହୋଇଥିଲା । ପୂଜା କମିଟି ପକ୍ଷରୁ ତ୍ୱରିତ ବେଗରେ ଭାଙ୍ଗିଯାଇଥିବା ତୋରଣର ଆସବାବପତ୍ରକୁ ଉଠାଇ ନିଆଯାଇଛି । ଏଠାରେ ପୁନରାୟ କମ୍ ଉଚ୍ଚାରେ ଏକ ମଜଭୁତ ତୋରଣ ନିର୍ମାଣ ହେବ ବୋଲି କମିଟିର ଜଣେ ସଦସ୍ୟ କହିଛନ୍ତି । ତୋରଣ ଭାଙ୍ଗିପଡିବା ଦ୍ୱାରା କମିଟିର ବହୁ ଆର୍ଥିକ କ୍ଷତି ହୋଇଛି ।

ହାଇକୋର୍ଟ ଦେଇଥିବା ଗାଇଡ୍‌ଲାଇନକୁ କଟକ କିମ୍ବା ଭୁବନେଶ୍ୱର ଦୁର୍ଗାପୂଜା କମିଟି ସଦସ୍ୟ ଠିକ୍ ଭାବେ ପାଳନ କରୁନଥିବାରୁ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେଉଛି । ରବିବାର ପରିବର୍ତ୍ତେ ଯଦି ଗହଳି ସମୟରେ ତୋରଣ ଭୁଶୁଡି ପଡିକଥାନ୍ତା ତେବେ ବହୁ ଲୋକ କ୍ଷତିଗ୍ରସ୍ତ ହୋଇଥାନ୍ତେ ବୋଲି ମତପ୍ରକାଶ ପାଇଛି ।

# ତିରୁପତି ପ୍ରସାଦରୁ ବାହାରିଲା ପୋକ !




**ହାଇଦ୍ରାବାଦ:** ତିରୁପତି ତିରୁମାଲା ମନ୍ଦିରର ପ୍ରସାଦକୁ ନେଇ ଥମୁନି ବିବାଦଛ ଏଠାରେ ଲଡ୍ଡୁରେ ଅପମିଶ୍ରିତ ଘିଅ ଓ ପଶୁ ଚର୍ବି ମିଶା ଯାଉଥିବା ନେଇ ବିବାଦ ଥମି ନଥିବା ବେଳେ ଏବେ ଏହାର ପ୍ରସାଦରୁ ବାହାରିଛି ପୋକଛ ଏଭଳି କିଛି ସଙ୍ଗୀନ ଅଭିଯୋଗ ଆଣିଛନ୍ତି ଜଣେ ଭକ୍ତ । ତେବେ ଏହି ଅଭିଯୋଗକୁ ତିରୁମାଲା ତିରୁପତି ଦେବସ୍ଥାନମ ଖଣ୍ଡନ କରିଛି ।

ପ୍ରକୃତରେ ଏହି ଘଟଣା ହେଉଛି ଅକ୍ଟୋବର ୨ ତାରିଖ ତଥା ବୁଧବାରର । ଚନ୍ଦୁ ନାମକ ଜଣେ ଭକ୍ତ ଓ୍ବରଙ୍ଗଲାରୁ ତିରୁମାମଲା ମନ୍ଦିରକୁ ଭେଙ୍କଟେଶ୍ୱର ସ୍ୱାମୀଙ୍କ ଦର୍ଶନ ପାଇଁ ଆସିଥିଲେ । ସେ ମନ୍ଦିର ଭିତରେ ଲଣ୍ଡା ହେବା ପରେ ପ୍ରସାଦ ସେବନ କରିବାକୁ ଯାଇଥିଲେ । ତେବେ ପ୍ରସାଦ ଖାଇବା ବେଳେ ସେଥିରେ ଏକ ପୋକ ଚାଲୁଥିବା ଦେଖିବାକୁ ପାଇଥିଲେ ।

ଏନେଇ ସେ ସେଠାରେ ଉପସ୍ଥିତ ଥିବା କର୍ମଚାରୀଙ୍କୁ କହିଥିଲି । କିନ୍ତୁ ସେମାନଙ୍କ ଯାହା ପ୍ରତିକ୍ରିୟା ରଖିଥିଲେ ତାହା ପୋକଠାରୁ ଅଧିକ ଆଶ୍ଚର୍ଯ୍ୟଜନକ ଥିଲା ବୋଲି ଭକ୍ତଜଣକ କହିଛନ୍ତି । ସେମାନେ କହିଥିଲେ ଯେ, ବେଳେବେଳେ ଏଭଳି ଘଟେ ।

ଏଭଳି ଘଟଣା ସାମ୍ନାକୁ ଆସିବା ପରେ ଭକ୍ତ ଜଣଙ୍କ ଏହା ଗ୍ରହଣୀୟ ନୁହେଁ ବୋଲି କହିଛନ୍ତି । ଏଥିସହ ଏଥିରୁ ଟିଟିଡି କର୍ତ୍ତୃପକ୍ଷଙ୍କ ଘୋର ଅବହେଳା ପଦାରେ ପଡିଛି । ଯେଉଁମାନେ ଦାୟୀ ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ଦାବି କରିଛନ୍ତି ।

ଏହି ପୂରା ଘଟଣାର ଭିଡିଓ ଓ ଫଟୋ ସୋଶାଲ ମିଡିଆରେ ଭାଇରାଲ ହେବାରେ ଲାଗିଛି । ସେପଟେ ପ୍ରସାଦ ସେବନ ପାଇଁ ବ୍ୟବହୃତ କଦଳୀ ପତ୍ରରୁ ଏହି ପୋକ ଆସିଥାଇପାରେ ବୋଲି ମନ୍ଦିର ଅଧିକାରୀମାନେ କହିଛନ୍ତି । ତେବେ ଏହି ଅବହେଳା ଗ୍ରହଣୀୟ ନୁହେଁଛ ଯଦି ପିଲାମାନେ କିମ୍ବା ଅନ୍ୟମାନେ ଏହି ଦୂଷିତ ଖାଦ୍ୟ ଖାଇ ଅସୁବିଧାରେ ପଡ଼ନ୍ତି ଏଥିପାଇଁ କିଏ ଦାୟୀ ରହିବେ ବୋଲି ଭକ୍ତ ଜଣକ ପ୍ରଶ୍ନ କରିଛନ୍ତି । ଏହି ଘଟଣା ସାମ୍ନାକୁ ଆସିବା ପରେ ମନ୍ଦିର କର୍ମଚାରୀମାନେ ସେମାନଙ୍କୁ ଅପମାନିତ ଓ ଭୟଭୀତ କରିବାକୁ ଚେଷ୍ଟା କରିଥିଲେ ବୋଲି ଭକ୍ତ ଚନ୍ଦୁ ଅଭିଯୋଗ କରିଛନ୍ତି । ସେପଟେ ପ୍ରସାଦରେ ପୋକ ଥିବା ଅଭିଯୋଗକୁ ଭିତ୍ତିହୀନ ଏବଂ ମିଥ୍ୟା ବୋଲି କହି ଟିଟିଡି ଦୃଢ଼ ଭାବେ ଏହାକୁ ଖଣ୍ଡନ କରିଛି । ପ୍ରତିଦିନ ହଜାର ହଜାର ଭକ୍ତଙ୍କ ପାଇଁ ଫ୍ରେସ୍ ପ୍ରସାଦ ପ୍ରସ୍ତୁତ କରାଯାଇଥାଏ । ପ୍ରସାଦରେ ପୋକ୍ ପଡ଼ିବା ଅସମ୍ଭବ ନୁହେଁ ବୋଲି ତିରୁମାଲା ତିରୁପତି ଦେବସ୍ଥାନମ କହିଛି ।

## ନଦୀରେ ବୁଡ଼ିଗଲେ ୭ ପିଲା, ଗୋଟିଏ ପରିବାରର ତିନି ଭାଇ ମୃତ



**ନୂଆଦିଲ୍ଲୀ:** ନଦୀରେ ଗାଧୋଇବା ବେଳେ ୭ ନାବାଳକ ବୁଡ଼ି ଯାଇଛନ୍ତି । ସେମାନଙ୍କ ମଧ୍ୟରୁ ତିନି ଜଣଙ୍କ ମୃତ୍ୟୁ ଘଟି ଥିବାବେଳେ ୨ ଜଣଙ୍କୁ ଉଦ୍ଧାର କରାଯାଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛିଛ ମୃତକମାନେ ତିନି ଭାଇ ବୋଲି ଜଣାପଡ଼ି ।

ସୂଚନା ଅନୁସାରେ, ଏହି ଘଟଣା ବିହାରର ରୋହତାସରେ ଘଟିଛି । ଆଜି ସକାଳେ ୭ ଜଣ ନାବାଳକ ସୋନ ନଦୀକୁ ଗାଧୋଇବାକୁ ଯାଇଥିଲେ । ଜଣେ ନାବାଳକ ପ୍ରଥମେ ଗାଧୋଇବାକୁ ଯାଇ ବୁଡ଼ି ଯାଇଥିଲେ । ଫଳରେ ଅନ୍ୟମାନ ତାଙ୍କୁ ଉଦ୍ଧାର କରିବା ପାଇଁ ନଦୀକୁ ପଶିଥିଲେ । କିନ୍ତୁ ଜଣଙ୍କ ପରେ ଜଣେ ପାଣିରେ ବୁଡି ଯାଇଥିଲେ । ସ୍ଥାନୀୟ ଲୋକ ପିଲାମାନଙ୍କ ପାଟି ଶୁଣି ତୁରନ୍ତ ସେମାନଙ୍କୁ ଉଦ୍ଧାର କରିବା ପାଇଁ ଚେଷ୍ଟା କରିବା ସହ ଅଗ୍ନିଶମ ବାହିନୀ ଏବଂ ଉଦ୍ଧାରକାରୀ ଟିମକୁ ଖବର ଦେଇଥିଲେ । ଖବର ପାଇ ଉଦ୍ଧାରକାରୀ ଟିମ୍ ପାଞ୍ଚ ଜଣଙ୍କୁ ଉଦ୍ଧାର କରିଥିଲା । ମାତ୍ର ସେମାନଙ୍କ ମଧ୍ୟରୁ ତିନି ଜଣଙ୍କ ମୃତ୍ୟୁ ହୋଇଯାଇଛି । ସେହିପରି ଦୁଇ ଜଣଙ୍କ ଅବସ୍ଥା ଗୁରୁତର ରହିଛି । ବର୍ତ୍ତମାନ ସେମାନଙ୍କ ଚିକିତ୍ସା ଚାଲିଛି ।

ସେପଟେ, ଅନ୍ୟ ଦୁଇ ପିଲାଙ୍କ ପତ୍ତା ମିଳୁନି । ଖବର ଲେଖା ହେବା ସୁଦ୍ଧା ଉଦ୍ଧାର କାର୍ଯ୍ୟ ଜାରି ରହିଥିଲା । ସବୁଠୁ ବଡ଼ କଥା ହେଉଛି କି ମୃତ ୩ ନାବାଳକ ଗୋଟିଏ ପରିବାରର । ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।

## ଅସ୍ତ୍ରଶସ୍ତ୍ର ଯୋଗାଣ ବନ୍ଦ ନେଇ ଫ୍ରାନ୍ସ-ଇସ୍ରାଏଲ ମୁହାଁମୁହିଁ

ଜେରୁଜେଲମ୍: ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଫ୍ରାନ୍ସର ରାଷ୍ଟ୍ରପତି ଇମାନୁଏଲ୍ ମାକ୍ରୋନ୍‌ଙ୍କ ପ୍ରତି ଆପତ୍ତିଜନକ ମନ୍ତବ୍ୟ ଦେଇଛନ୍ତି । ଫ୍ରାନ୍ସ ରାଷ୍ଟ୍ରପତି ଶନିବାର କହିଥିଲେ ଯେ ସମସ୍ତ ଦେଶ ଇସ୍ରାଏଲକୁ ଅସ୍ତ୍ରଶସ୍ତ୍ର ଯୋଗାଣ ବନ୍ଦ କରିଦେବା ଆବଶ୍ୟକ । ଏସବୁ ଇସ୍ରାଏଲ ଗାଜାରେ ବ୍ୟବହାର କରୁଛି । ଏହାପରେ ନେତାନ୍ୟାହୁ କହିଥିଲେ ଯେ ଏଭଳି କହିବା ସମୟରେ ଫ୍ରାନ୍ସ ରାଷ୍ଟ୍ରପତି ଲଜ୍ଜିତ ହେବା ଉଚିତ୍ ଥିଲା । ଦୁଇଦେଶ ମୁଖ୍ୟଙ୍କ ଆରୋପ ପ୍ରତ୍ୟାରୋପ ଯୋଗୁ ଫ୍ରାନ୍ସ ଏବଂ ଇସ୍ରାଏଲ ମଧ୍ୟରେ କୂଟନୈତିକ ବିବାଦ ସୃଷ୍ଟି ହୋଇଛି । ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଏହାକୁ କଡ଼ା ସମାଲୋଚନା କରି କହିଛନ୍ତି ଯେ ଫ୍ରାନ୍ସର ସହାୟତା ବିନା ଆମେ ମଧ୍ୟ ଯୁଦ୍ଧରେ ଜିତିବୁ ।

ଅକ୍ଟୋବର ୭ରେ ହମାସ ଦ୍ୱାରା ହୋଇଥିବା ଏହି ଆକ୍ରମଣର ପ୍ରଥମ ବାର୍ଷିକୀ ପୂର୍ବରୁ ଫ୍ରାନ୍ସ ରାଷ୍ଟ୍ରପତି କହିଛନ୍ତି ଯେ ଯୁଦ୍ଧ କରୁଥିବା ଦଳ ମଧ୍ୟରେ ଏକ ରାଜନୈତିକ ସମାଧାନ ପାଇଁ ଇସ୍ରାଏଲକୁ ଅସ୍ତ୍ରଶସ୍ତ୍ର ଯୋଗାଣ ବନ୍ଦ କରିବା ଆବଶ୍ୟକଛ ମାକ୍ରୋନ୍ ବ୍ରଡକାଷ୍ଟର ଫ୍ରାନ୍ସ ଇଣ୍ଟରକୁ କହିଛନ୍ତି, ମୁଁ ଭାବୁଛି ଆଜିର ସମୟର ପ୍ରାଥମିକତା ହେଉଛି ଆମେ ଏକ ରାଜନୈତିକ ସମାଧାନକୁ ଫେରିବାଛ ଗାଜାରେ ଯୁଦ୍ଧ କରିବା ପାଇଁ ଇସ୍ରାଏଲକୁ ଅସ୍ତ୍ରଶସ୍ତ୍ର ଯୋଗାଣ ବନ୍ଦ କରିବା ଜରୁରୀ । ସପ୍ତାହେ ପୂର୍ବରୁ ରେକର୍ଡ ହୋଇଥିବା ସାକ୍ଷାତକାରରେ ଫ୍ରାନ୍ସ ରାଷ୍ଟ୍ରପତି କହିଥିଲେ, ଫ୍ରାନ୍ସ ଅସ୍ତ୍ରଶସ୍ତ୍ର ବିତରଣ କରୁନାହିଁ । ମାକ୍ରୋନ୍ ଗାଜା ସଙ୍କଟକୁ ନେଇ ନିଜର ଚିନ୍ତାଧାରାକୁ ଦୋହରାଇ ଏହି ଅଞ୍ଚଳରେ ତୁରନ୍ତ ଅସ୍ତ୍ରବିରତି କରିବାକୁ କହିଥିଲେ । ସେ କହିଥିଲେ ମୁଁ ଅନୁଭବ କରୁଛି, ଆମକୁ କିଛି ଶୁଣାଯାଉ ନାହିଁଛ ଫ୍ରାନ୍ସ ରାଷ୍ଟ୍ରପତି କହିଛନ୍ତି ମୁଁ ଭାବୁଛି ଏହା ଏକ ଭୁଲ, ଯେଉଁଥିରେ ଇସ୍ରାଏଲର ସୁରକ୍ଷା ମଧ୍ୟ ଜଡିତ ଅଛି । ଏହି ବିବାଦ ଘୃଣା ସୃଷ୍ଟି କରୁଛି ବୋଲି ସେ କହିଛନ୍ତି । ସେ ଏହା ମଧ୍ୟ କହିଛନ୍ତି ଲେବାନନରେ ଉତ୍ତେଜନା ହ୍ରାସ କରିବା ଏକ ପ୍ରାଥମିକତା ହେବା ଉଚିତ । ଲେବାନନ ନୂତନ ଗାଜା ହୋଇପାରିବ ନାହିଁ ।

ମଧ୍ୟପ୍ରାଚ୍ୟରେ ଚାଲିଥିବା ସଙ୍କଟ ଉପରେ ମାକ୍ରୋନଙ୍କ ମନ୍ତବ୍ୟର ଜବାବ ଦେବାକୁ ଇସ୍ରାଏଲର ପ୍ରଧାନମନ୍ତ୍ରୀ ଏକ ଭିଡିଓ ବିବୃତି ଜାରି କରିଛନ୍ତି । ଶନିବାର ସନ୍ଧ୍ୟାରେ ଅଂଶୀଦାର ହୋଇଥିବା ଏକ ବିବୃତିରେ ମାକ୍ରୋନଙ୍କ ମନ୍ତବ୍ୟକୁ ନେତାନ୍ୟାହୁ ଅପମାନଜନକ ବୋଲି କହିଛନ୍ତି । ସେ କହିଛନ୍ତି ସଭ୍ୟତାର ଶତ୍ରୁ ବିରୁଦ୍ଧରେ ଇସ୍ରାଏଲ୍ ସାତୋଟି ମୋର୍ଚ୍ଚାରେ ନିଜର ସୁରକ୍ଷା କରୁଛି । ଗାଜା, ଲେବାନନ୍, ଓ୍ୱେଷ୍ଟବ୍ୟାଙ୍କ, ୟେମେନ, ସିରିଆ, ଇରାକ ଏବଂ ଇରାନକୁ ସୂଚିତ କରି ସେ ଏହା କହିଛନ୍ତି । ଇରାନ ନେତୃତ୍ୱାଧୀନ ବର୍ବର ବାହିନୀ ବିରୋଧରେ ଇସ୍ରାଏଲ୍ ଲଢୁଥିବାବେଳେ ସମସ୍ତ ସଭ୍ୟ ଦେଶ ନିଶ୍ଚିତ ଭାବରେ ଇସ୍ରାଏଲର ପ୍ରତିରକ୍ଷା ପାଇଁ ଛିଡା ହେବେ । ଇସ୍ରାଏଲକୁ ଅସ୍ତ୍ରଶସ୍ତ୍ର ପରିବହନ ଉପରେ ପ୍ରତିବନ୍ଧକ ଲଗାଇବାକୁ ଆବଶ୍ୟକତା ଉପରେ ପ୍ରତିକ୍ରିୟା ଦେଇ ନେତାନ୍ୟାହୁ ପ୍ରଶ୍ନ କରିଛନ୍ତି, ଇରାନ ଏହାର ପ୍ରକ୍ସି ଉପରେ ଏହି ପ୍ରକାର ଅସ୍ତ୍ରଶସ୍ତ୍ର ଉପରେ ପ୍ରତିବନ୍ଧକ ଲଗାଉଛି କି ନାହିଁ । ସେ କହିଛନ୍ତି, ଆତଙ୍କବାଦ ଏକତ୍ର ଠିଆ ହୋଇଛି । କିନ୍ତୁ ଏହି ଆତଙ୍କବାଦକୁ ବିରୋଧ କରୁଥିବା ଦେଶମାନେ ଇସ୍ରାଏଲ ଉପରେ ଅସ୍ତ୍ରଶସ୍ତ୍ର ଉପରେ ପ୍ରତିବନ୍ଧକ ଲଗାଇବାକୁ ଦାବି କରୁଛନ୍ତି । ଏହା କେତେ ଲଜ୍ଜାଜନକ ! ସେମାନଙ୍କ ସମର୍ଥନ ସହିତ କିମ୍ବା ବିନା ଇହୁଦୀ ରାଜ୍ୟ ଜିତିବ । ଯୁଦ୍ଧ ଜିତିବା ପରେ ସେମାନଙ୍କୁ ଅଧିକ ଲଜ୍ଜା ଲାଗିବ ବୋଲି ସେ କହିଛନ୍ତି । ନେତାନ୍ୟାହୁଙ୍କ କ୍ରୋଧିତ ଭାଷଣର ଉତ୍ତରରେ ଫ୍ରାନ୍ସର ରାଷ୍ଟ୍ରପତି କାର୍ଯ୍ୟାଳୟ କହିଛି ଯେ ମାକ୍ରୋନ୍ ଇସ୍ରାଏଲର ସୁରକ୍ଷାକୁ ସମର୍ଥନ କରନ୍ତିଛ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି । ଇସ୍ରାଏଲର ସୁରକ୍ଷା ପ୍ରତି ଫ୍ରାନ୍ସର ପ୍ରତିବଦ୍ଧତା ବିଷୟରେ ମାକ୍ରୋନ୍ ବ୍ୟକ୍ତିଗତ ଭାବରେ କହିଛନ୍ତି ବୋଲି କାର୍ଯ୍ୟାଳୟ ପକ୍ଷରୁ ବିବୃତିରେ କୁହାଯାଇଛି ।

## ଭାରତ ପହଞ୍ଚିଲେ ମାଳଦ୍ୱୀପ ରାଷ୍ଟ୍ରପତି

ନୂଆଦିଲ୍ଲୀ: ନୂଆଦିଲ୍ଲୀରେ ପହଞ୍ଚିଛନ୍ତି ମାଳଦ୍ୱୀପ ରାଷ୍ଟ୍ରପତି ମହମ୍ମଦ ମୁଇଜ୍ଜୁ । ମୁଇଜ୍ଜୁଙ୍କ ସହ ତାଙ୍କ ପତ୍ନୀ ସାଜିଦା ମହମ୍ମଦ ମଧ୍ୟ ଅଛନ୍ତି । ସେ ଭାରତରେ ୫ ଦିନ ରହିବେ ଛ ଏହି ଗସ୍ତ ସମୟରେ ରାଷ୍ଟ୍ରପତି ମୁଇଜ୍ଜୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଅନ୍ୟ ବରିଷ୍ଠ ଅଧିକାରୀଙ୍କ ବ୍ୟତୀତ ଭାରତର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସହ ବୈଠକ କରିବାର ଜାଣିବାକୁ ମିଳିଛି । ଏହା ପରେ ସେ ମୁମ୍ବାଇ ଏବଂ ବେଙ୍ଗାଲୁରୁରେ ବ୍ୟବସାୟିକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ ।

ସୂଚନାଥାଉକି, ମାଲଦ୍ୱୀପ ହେଉଛି ଭାରତ ମହାସାଗର ର ପ୍ରମୁଖ ସାମୁଦ୍ରିକ ପଡ଼ୋଶୀ । ଭାରତର 'ପଡୋଶୀ ପ୍ରଥମ ନୀତି' ପ୍ରଧାନମନ୍ତ୍ରୀଙ୍କ ଦୃଷ୍ଟିଭଙ୍ଗୀରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି । ନିକଟରେ ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ୍ ଜୟଶଙ୍କରଙ୍କ ମାଲଦ୍ୱୀପ ଗସ୍ତ ପରେ ରାଷ୍ଟ୍ରପତି ମୁଇଜ୍ଜୁଙ୍କ ଭାରତ ଗସ୍ତ ଦୁଇ ଦେଶର ସମ୍ପର୍କକୁ ସୁଦୃଢ କରିବ ବୋଲି ଆଶା କରାଯାଉଛି । ସେ ଅକ୍ଟୋବର ୬ ରୁ ୧୦ ପର୍ଯ୍ୟନ୍ତ ଦିଲ୍ଲୀ ଗସ୍ତରେ ରହିବେ । ଏହା ପୂର୍ବରୁ ସେ ପିଏମ ମୋଦୀଙ୍କ ଶପଥ ଗ୍ରହଣ ସମାରୋହରେ ଯୋଗଦେବା ପାଇଁ ନୂଆଦିଲ୍ଲୀ ଆସିଥିଲେ ।

## ପୃଥିବୀ ସହ ମାଡ଼ ହେବ ସୌର ଝଡ଼

ନୂଆଦିଲ୍ଲୀ: ପୃଥିବୀ ସହ ମାଡ଼ ହେବାକୁ ଯାଉଛି ସୌର ଝଡ଼ । ଯାହା ଫଳରେ ବୈଦ୍ୟୁତିକ ଯୋଗାଯୋଗ ପ୍ରଭାବିତ ହୋଇପାରେ । ଆମେରିକୀୟ ବୈଜ୍ଞାନିକମାନେ ଏଭଳି ଚେତାବନୀ ଦେଇଛନ୍ତି ।

ବୈଜ୍ଞାନିକମାନେ ପୂର୍ବାନୁମାନ କରିଛନ୍ତି ଯେ ଆଗାମୀ ସୌର ଝଡ଼ ଦୂରସଞ୍ଚାର ଏବଂ ଉପଗ୍ରହ ଉପରେ ପ୍ରଭାବ ପକାଇପାରେ । ଭାରତୀୟ ବୈଜ୍ଞାନିକମାନେ ଏହାର ତଦାରଖ କରୁଛନ୍ତି । ଆଗାମୀ କିଛି ଦିନ ପୃଥିବୀ ପାଇଁ ଗୁରୁତ୍ୱପୂର୍ଣ୍ଣ ରହିବ ଯେହେତୁ ଝଡ଼ ଦ୍ରୁତଗତିରେ ଆଗକୁ ବଢୁଛି ।

ପୃଥିବୀର ଚୁମ୍ବକୀୟ କ୍ଷେତ୍ରରେ ଏକ ବଡ଼ ହଲଚଲ ସୃଷ୍ଟି କରିପାରେ ଯାହାକୁ ଜିଓମ୍ୟାଗ୍ନେଟିକ୍ ଝଡ଼ କୁହାଯାଏ । ରେଡିଓ ବ୍ଲାକଆଉଟ୍ ବିଦ୍ୟୁତ କାଟ ପରି ପ୍ରଭାବ ସୃଷ୍ଟି କରିପାରେ । ବର୍ତ୍ତମାନର ସେର ଚକ୍ରର ସବୁଠାରୁ ଶକ୍ତିଶାଳୀ ସେରଝଡ଼ କରୋନାଲ୍ ମାସ୍ ଇଜେକସନ (ସିଏମଇ) ସହିତ ଧକ୍କା ହେବାକୁ ପୃଥିବୀ ଯାଉଛି । ଅପରପକ୍ଷରେ ଇସ୍ରୋର ବିଶେଷଜ୍ଞମାନେ ସତର୍କତା ଅବଲମ୍ବନ କରିବାକୁ ଭାରତୀୟ ଉପଗ୍ରହ ଅପରେଟରମାନଙ୍କୁ ସୂଚନା ଦେଇଛନ୍ତି । ତଥାପି ଏହା ପାଇଁ ପୃଥିବୀର ସିଧାସଳଖ କୌଣସି କ୍ଷତି କରିପାରେ ନାହିଁ, କାରଣ ଗ୍ରହର ଚୁମ୍ବକୀୟ କ୍ଷେତ୍ର ଏବଂ ବାୟୁମଣ୍ଡଳ ଆମକୁ ଏହି ଝଡରୁ ରକ୍ଷା କରିଥାଏ ।

### ରାଷ୍ଟ୍ରପତିଙ୍କ ମେଓ୍ୱାର ସିଟି ପ୍ୟାଲେସ୍ ପରିଦର୍ଶନ

## ମେଓ୍ୱାର-ଓଡ଼ିଶା ଗୌରବମୟ ଇତିହାସ ସଂପର୍କରେ ଚର୍ଚ୍ଚା



ଉଦୟପୁର: ମେଓ୍ୱାରର ରାଜପରିବାରର ଆମନ୍ତ୍ରଣକ୍ରମେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗୁରୁବାର ଦିନ ଉଦୟପୁର ସ୍ଥିତ ସିଟି ପ୍ୟାଲେସ ପରିଦର୍ଶନ କରିଛନ୍ତି । ରାଜପରିବାର ସଦସ୍ୟ ଡ. ଲକ୍ଷ୍ୟରାଜ ସିଂହ ରାଷ୍ଟ୍ରପତିଙ୍କୁ ମେଓ୍ୱାର ପରମ୍ପରା ଅନୁଯାୟୀ ସ୍ୱାଗତ କରିଥିଲେ। ରାଷ୍ଟ୍ରପତିଙ୍କ ସହିତ ରାଜସ୍ଥାନ ରାଜ୍ୟପାଳ ହରିଭାଉ କିଶନରାଓ ବାଗଡ଼େ ଓ ରାଜ୍ୟ ଉପମୁଖ୍ୟମନ୍ତ୍ରୀ ଡା. ପ୍ରେମଚାନ୍ଦ ବୈରଓ୍ୱା ମଧ୍ୟ ସିଟି ପ୍ୟାଲେସ ପରିଦର୍ଶନ କରିଥିଲେ। ଲକ୍ଷ୍ୟରାଜ ଏହି ଅବସରରେ ମେଓ୍ୱାର ମହାରାଣାମାନଙ୍କ ଦେଶପ୍ରେମ, ତ୍ୟାଗ, ବଳିଦାନ ଓ ସ୍ୱାଭିମାନର ଗୌରବମୟ ଇତିହାସ ସଂପର୍କରେ ରାଷ୍ଟ୍ରପତିଙ୍କୁ ଅବଗତ କରାଇଥିଲେ। ସେମାନଙ୍କ ମଧ୍ୟରେ ମେଓ୍ୱାର ଏବଂ ଓଡ଼ିଶାର ଐତିହାସିକ ସଂପର୍କ ବିଷୟରେ ମଧ୍ୟ ଆଲୋଚନା ହୋଇଥିଲା । ରାଜପ୍ରସାଦରେ ସାକ୍ଷାତ ଆଲୋଚନା ସମୟରେ ଲକ୍ଷ୍ୟରାଜଙ୍କ ଧର୍ମପତ୍ନୀ ରାଣୀ ନିଭୃତି କୁମାରୀଙ୍କ ସମେତ ପରିବାରର ସଦସ୍ୟମାନେ ଉପସ୍ଥିତ ଥିଲେ । ସୂଚନାଯୋଗ୍ୟ ଯେ, ନିଭୃତି କୁମାରୀ ହେଉଛନ୍ତି ବଲାଙ୍ଗୀର ରାଜପରିବାରର ତଥା ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ଏବଂ ସାଂସଦ ସଙ୍ଗୀତା କୁମାରୀ ସିଂହଦେଓଙ୍କ ଏକମାତ୍ର କନ୍ୟା ।



















# ପ୍ରଥମ ଟି-୨୦: ଭାରତର ସହଜ ବିଜୟ

ଗ୍ୱାଲିୟର,୬।୧୦(ଏଜେନ୍ସି): ପ୍ରଥମ ଟି-୨୦ ମ୍ୟାଚରେ ଭାରତ ୭ ୱିକେଟରେ ବାଂଲାଦେଶକୁ ଧରାଶାୟୀ କରିଛି । ଏଥିସହ ୩ ମ୍ୟାଚ ବିଶିଷ୍ଟ ଶୃଙ୍ଖଳାରେ ଭାରତ ୧-୦ର ଗୁରୁତ୍ୱପୂର୍ଣ୍ଣ ଅଗ୍ରଣୀ ହାସଲ କରିଛି । ୧୨୮ ରନର ଲକ୍ଷ୍ୟକୁ ଟିମଇଣ୍ଡିଆ ୧୧.୫ ଓଭରରେ ହାସଲ କରି ନେଇଥିଲା । ଅଭିଷେକ ଶର୍ମା ୭ ବଲରୁ ୧୬ରନ, ସୂର୍ଯ୍ୟକୁମାର ଯାଦବ ୧୪ ବଲରୁ ୨୯, ସଞ୍ଜୁ ସାମସନ ୧୯ ବଲରୁ ୨୯ ରନ କରି ଆଉଟ ହୋଇଥିବା ବେଳେ ହାର୍ଦ୍ଦିକ ପାଣ୍ଡ୍ୟା ୧୬ ବଲରୁ ୩୯ ଓ ନୀତିଶ କୁମାର ରେଡ୍ଡୀ ୧୫ ବଲରୁ ୧୬ ରନ କରି ଅପରାଜିତ




ରହିଥିଲେ । ମୁସ୍ତାଫିଜର ରହେମାନ ଓ ମେହେଦୀ ହାସନ ମିରାଜ ଗୋଟିଏ ଲେଖାଏଁ ୱିକେଟ ନେଇଥିଲେ । ପ୍ରଥମେ ବ୍ୟାଟିଂ କରି ବାଂଲାଦେଶ ଟିମ ଭାରତୀୟ ବୋଲରଙ୍କ ଉଚିତ ମୁକାବିଲା କରି ନ ପାରି ୧୯.୫ ଓଭରରେ ୧୨୭ ରନ କରି ଅଲଆଉଟ ହୋଇ ଯାଇଥିଲା । ମେହେଦି ହାସନ ମିରାଜ ୩୫ ଓ ନାଜମୁଲ ହୁସେନ ଶାନ୍ତୋଙ୍କ ୨୭ ରନ ବ୍ୟତୀତ ଅନ୍ୟ କୌଣସି ବ୍ୟାଟ୍ସମ୍ୟାନ ବିଶେଷ ଯୋଗଦାନ ଦେଇ ପାରି ନ ଥିଲେ । ଭାରତ ପକ୍ଷରୁ ଅର୍ଶଦୀପ ସିଂ ଓ ବରୁଣ ଚକ୍ରବର୍ତ୍ତୀ ୩ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ ।

# ଟି-୨୦ ମହିଳା ବିଶ୍ୱକପ: ପାକିସ୍ତାନକୁ ଧରାଶାୟୀ କଲା ଭାରତ

ଦୁବାଇ,୬।୧୦(ଏଜେନ୍ସି): ଚଳିତ ଟି-୨୦ ବିଶ୍ୱକପରେ ପ୍ରଥମ ବିଜୟ ହାସଲ କରିଛି ଭାରତ । ଚିର ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ୬ ୱିକେଟରେ ମାତ୍ ଦେଇଛି ଟିମ୍ ଇଣ୍ଡିଆ । 'କର ବା ମର' ସ୍ଥିତିରେ ଥିବା ଏହି ମ୍ୟାଚକୁ ସହଜରେ ଜିତି ସମ୍ମାନ ରକ୍ଷା କରିଛନ୍ତି ମହିଳା ଖେଳାଳି ।

ଦୁବାଇ ଇଣ୍ଟରନ୍ୟାସନାଲ କ୍ରିକେଟ ଷ୍ଟାଡିୟମରେ ଖେଳା ଯାଇଥିଲା ଏହି ହାଇଭୋଲଟେଜ୍ ମ୍ୟାଚ୍ । ଟସ୍ ଜିତି ପାକିସ୍ତାନ ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା । ମାତ୍ର ଭାରତୀୟ ବୋଲର୍ ଫତିମା




ସନାଙ୍କ ନିଷ୍ପତ୍ତିକୁ ଭୁଲ୍ ପ୍ରମାଣିତ କରିଥିଲେ । ଆରମ୍ଭରୁ ଝଡ଼ାଇ ଥିଲେ ଗୋଟିଏ ପରେ ଗୋଟିଏ ୱିକେଟ୍ । କୌଣସି ପାକିସ୍ତାନ ଖେଳାଳି ଭାରତୀୟ ବୋଲରଙ୍କ ଆଗରେ ବେଶି ସମୟ ତିଷ୍ଠି ପାରିନଥିଲେ ।

ଫଳରେ ଦଳ ନିର୍ଦ୍ଧାରିତ ଓଭରରେ ୮ ୱିକେଟ ହରାଇ ୧୦୫ ରନ୍ କରିଥିଲା । ପାକିସ୍ତାନ ପକ୍ଷରୁ କେବଳ ନିଦା ଦାର ସର୍ବାଧିକ ୨୮ ରନ୍ କରିଥିଲେ । ଅନ୍ୟ କେହି ବଡ଼ ଅଙ୍କ ଛୁଇଁ ପାରିନଥିଲେ ।

୧୦୬ ରନ୍‌ର ବିଜୟଲକ୍ଷ୍ୟକୁ ପିଛା କରି ଭାରତୀୟ ମହିଳା ଦଳ ୧୮.୫ ଓଭରର ୪ ୱିକେଟ୍ ହରାଇ ୧୦୮ ରନ୍ କରିଥିଲା । ୧୯ ରନ୍ ଦେଇ ୩ ୱିକେଟ୍ ଅକ୍ତିଆର କରିଥିବା ଅରୁଣଧୋତି ରେଡ୍ଡୀଙ୍କୁ ପ୍ଲେୟାର ଅଫ୍ ଦ ମ୍ୟାଚ ବିବେଚିତ କରାଯାଇଥିଲା । ଭାରତର ଶାଫଳୀ ବର୍ମା ୩୨, ଜେମିମା ରୋଡ୍ରିଗୁଏଜ୍ ୨୩, ହରମନପ୍ରୀତ କୌର ୨୯ ରନ୍ କରିଥିଲେ । ଦୀପ୍ତି ଶର୍ମା ୭ ଓ ସଂଜୀବନ ସାଜନ ୪ ରନ୍ ଅପରାଜିତ ଇନିଂସ ଖେଳି ମ୍ୟାଚ ଅଗ୍ରଣୀ କରିଥିଲେ । ବିଜୟ ସହ ଭାରତୀୟ ମହିଳା ଦଳ ପଏଣ୍ଟ ଖାତା ଖୋଲିଛି । ଦୁଇ ମ୍ୟାଚରୁ ଗୋଟିଏ ବିଜୟ ସହ ଭାରତ ଗ୍ରୁପ୍ ଏ ଟେବୁଲର ଚତୁର୍ଥ ସ୍ଥାନରେ ରହିଛି ।




## ସାହାଣୀ କପ୍ ଫୁଟବଲ ଡବଲ ଲେଗ୍ ଫାଇନାଲ
# ପ୍ରଥମ ମ୍ୟାଚ ଜିତିଲା ବରଗଡ଼

ଭୁବନେଶ୍ୱର,୬।୧୦ (ସବ୍ୟୁ): ୬୩ତମ ସିନିୟର ପୁରୁଷ ଆନ୍ତଃ ଜିଲ୍ଲା ସାହାଣୀ କପ୍‌ର ଡବଲ ଲେଗ୍ ବିଶିଷ୍ଟ ଫାଇନାଲରେ ବରଗଡ଼ ବିଜୟ ହାସଲ କରିଛି । ରବିବାର ବାରିପଦା ଜୋନ୍‌ରେ ପ୍ରଥମ ମ୍ୟାଚରେ ବରଗଡ଼ ୩-୦ ଗୋଲ୍‌ରେ ମୟୂରଭଞ୍ଜକୁ ଧରାଶାୟୀ କରିଥିଲା । ବିଜୟୀ ବରଗଡ଼ ପକ୍ଷରୁ ୧୪ ମିନିଟ୍‌ରେ ରାଜୁ ବେହେରା, ୩୧ ମିନିଟ୍‌ରେ ପ୍ରଭାତ ଦନସେନା ଓ ୯୧ତମ ମିନିଟ୍‌ରେ ଚନ୍ଦ୍ର ମୁର୍ମୁ ଗୋଲସ୍କୋର କରିଥିଲେ । ମୟୂରଭଞ୍ଜ ସାଂସଦ ନବଚରଣ ମାଝୀ, ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ମହାପାତ୍ର, ବିଧାୟକ ପ୍ରକାଶ ସୋରେନ, ଫାଓ ସମ୍ପାଦକ ଆଶୀର୍ବାଦ ବେହେରା, କୋଷାଧ୍ୟକ୍ଷ ଅଧୀପ ଦାସ, ଉପସଭାପତି ବିଜୟ ଦାସ, ଅସୀତ ବରଣପତି ଓ ଯୁଗ୍ମ ସମ୍ପାଦକ ଅଭିଜିତ ପାଳ ଯୋଗଦେଇଥିଲେ । ଡବଲ ଲେଗ୍ ତଥା ଫାଇନାଲରେ ଦ୍ୱିତୀୟ ତଥା ଫାଇନାଲ ନିର୍ଣ୍ଣାୟକ ମ୍ୟାଚ ସୁନ୍ଦରଗଡ଼ ଜୋନ୍‌ରେ ମଙ୍ଗଳବାର ଖେଳାଯିବ ।

# ନନ୍‌ଚାକୁ ସେମିନାର ଉଦ୍‌ଯାପିତ

ଭୁବନେଶ୍ୱର,୬।୧୦ (ସବ୍ୟୁ): ଭୁବନେଶ୍ୱର ସ୍ଥିତ ଉତ୍କଳ କରାଟେ ସ୍କୁଲ ଠାରେ ନନ୍‌ଚାକୁ ସେମିନାର ଅନୁଷ୍ଠିତ ହୋଇଯାଇଛି । ବିଭିନ୍ନ ସ୍ଥାନରୁ ମୋଟ୍ ୧୨୦ ଜଣ ଶିକ୍ଷାର୍ଥୀ ଯୋଗଦେଇଥିଲେ। ଶାରୀରିକ ଅଭିବୃଦ୍ଧି ହେବା ସହିତ ଆତ୍ମରକ୍ଷା ପାଇଁ ନନ୍‌ଚାକୋ ସମରକଳା ବ୍ୟବହାର କରାଯାଇପାରିବ । ବର୍ତ୍ତମାନ ସମୟରେ ଏହା ଏକ କ୍ରୀଡା ଭାବରେ ମାନ୍ୟତା ପାଇସାରିଛି । ଜାତୀୟ ନନ୍‌ଚାକୋ ଫେଡେରେସନ୍ ସହ ଅନୁବନ୍ଧିତ ରାଜ୍ୟ ସଂଘ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ପ୍ରଶିକ୍ଷଣ ଶିବିରରେ ଓଡ଼ିଶାରୁ ବିଭିନ୍ନ ଜିଲ୍ଲାରୁ ମୋଟ୍ ୧୨୦ ଜଣ ଶିକ୍ଷାର୍ଥୀ ଯୋଗଦେଇଥିଲେ । ଶିବିରକୁ ସପନ କୁମାର ମିଶ୍ର ଓ ଦୀପକ କୁମାର ସାମନ୍ତରାୟ ପରିଚାଳନା କରିଥିଲେ । ବିଜେପିର ବରିଷ୍ଠ ନେତା ଜଗନ୍ନାଥ ପ୍ରଧାନ ମୁଖ୍ୟ ଅତିଥି ଓ ସିନିୟର ଆଡଭୋକେଟ କାଳୀପ୍ରସାଦ ନନ୍ଦ ଯୋଗଦେଇ ଶିକ୍ଷାର୍ଥୀଙ୍କୁ ମାନପତ୍ର ପ୍ରଦାନ କରିଥିଲେ । ନିକଟ ଭବିଷ୍ୟତରେ ରାଜ୍ୟରେ ନନଚାକୋ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା ।

## ରାଜ୍ୟ ସ୍କୁଲ ଓପନ ଚେସ୍
# ଆର୍ଯ୍ୟନ୍ସ ବିଜେତା

ଭୁବନେଶ୍ୱର,୬।୧୦ (ସବ୍ୟୁ): ଓଡ଼ିଶା ରାଜ୍ୟ ଚେସ ସଂଘ ଏବଂ ଷ୍ଟୁଆର୍ଟ ସ୍କୁଲର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଦ୍ୱିତୀୟ ରାଜ୍ୟ ସ୍କୁଲ ଓପନ ଚେସ୍ ଚାମ୍ପିଅନ୍‌ସିପ୍‌ରେ ସାମନ୍ତରାପୁର ସେଣ୍ଟ ଜାଭିୟର ହାଇସ୍କୁଲର ଛାତ୍ର ଆର୍ଯ୍ୟନ୍ସ ମିଶ୍ର ଚାମ୍ପିଅନ୍ ହୋଇଛନ୍ତି । ସାଇରଞ୍ଜନ ମିଶ୍ର ଦ୍ୱିତୀୟ, ହିମାଂଶୁ ଶେଖର ସାହୁ ତୃତୀୟ, ପ୍ରୟାସ ସାହୁ, ଚତୁର୍ଥ ଏବଂ ବିନୟ ଆଶୁତୋଷ ମହାରଣା ପଞ୍ଚମ ସ୍ଥାନ ଅଧିକାର କରିଛନ୍ତି । ପୁରସ୍କାର ବିତରଣ ଉତ୍ସବରେ ଷ୍ଟୁଆର୍ଟ ସ୍କୁଲ ସେକ୍ରେଟାରୀ ଏଫ୍‌ସି ନର୍ଥ, ସ୍ୱାତି ସୁଦେସ୍ନା ଦାସ, ଓଡ଼ିଶା ରାଜ୍ୟ ଚେସ ସଂଘ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ, କ୍ରୀଡା ଶିକ୍ଷକ ଅସିତ କୁମାର ସାହୁ ଓ ସୁପର୍ଣ୍ଣା ନାୟକ ଉପସ୍ଥିତ ରହି ପୁରସ୍କୃତ କରିଥିଲେ ।

## ଏସିଆ ରଗ୍‌ବୀ ଏମିରେଟ୍-୭ ଟ୍ରଫି
# ଭାରତୀୟ ମହିଳା ଦଳକୁ ରୌପ୍ୟ

ଭୁବନେଶ୍ୱର,୬।୧୦ (ସବ୍ୟୁ): ନେପାଳର କାଠମାଣ୍ଡୁରେ ଅନୁଷ୍ଠିତ ଏସିଆ ରଗ୍‌ବୀ ଏମିରେଟ୍ସ-୭ ଟ୍ରଫିରେ ଭାରତୀୟ ମହିଳା ଦଳ ରୌପ୍ୟ ପଦକ ଜିତିଛି । ଏହି ପ୍ରତିଯୋଗିତାରେ ଭାରତ ପକ୍ଷରୁ କିସ୍‌ର ୩ ଜଣ ଛାତ୍ରୀ ହୁପି ମାଝି, ନିର୍ମାଲ୍ୟ ରାଉତ ଓ ଡୁମୁନି ମାରାଣ୍ଡି ଅଂଶଗ୍ରହଣ କରିଥିଲେ । ଫାଇନାଲ ମ୍ୟାଚରେ ଭାରତ ୫-୨ ବ୍ୟବଧାନରେ ଫିଲିଫାଇନ୍ସ ନିକଟରୁ ହାରିଯାଇଥିଲା । ପଦକ ସଫଳତା ପାଇଁ କିଟ୍ ଓ କିସ୍ ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ, ଭାରତୀୟ ମହିଳା ରଗବୀ ଦଳକୁ ଅଭିନନ୍ଦନ ଜଣାଇଛନ୍ତି ।

## ଲିଜେଣ୍ଡସ୍ ଲିଗ୍ କ୍ରିକେଟ୍
# ସୂର୍ଯ୍ୟସକୁ ହରାଇଲା ହାଇଦ୍ରାବାଦ

ଜମ୍ମୁ,୬।୧୦: ମୌଲାନା ଆଜାଦ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ଲିଜେଣ୍ଡସ୍ ଲିଗ୍ କ୍ରିକେଟ୍‌ର ଏକ ମ୍ୟାଚରେ ଇର୍ଫାନ ପଠାନଙ୍କ ନେତୃତ୍ୱାଧିନ କୋଣାର୍କ ସୂର୍ଯ୍ୟସକୁ ୪ ୱିକେଟ୍‌ରେ ଧରାଶାୟୀ କରିଛି ତୋଏମ ହାଇଦ୍ରାବାଦ । ଚଳିତ ଲିଗ୍‌ରେ ଏହା ତୋୟମ ହାଇଦ୍ରାବାଦର ଦ୍ୱିତୀୟ ବିଜୟ ହୋଇଥିବା ବେଳେ କୋଣାର୍କ ସୂର୍ଯ୍ୟସର ଦ୍ୱିତୀୟ ପରାଜୟ । ୬ ମ୍ୟାଚରୁ ୬ ପଏଣ୍ଟ ସହ ଟେବୁଲର ଦ୍ୱିତୀୟ ସ୍ଥାନରେ ରହିଛି କୋଣାର୍କ । ସେହିଭଳି ତୋୟମ ହାଇଦ୍ରାବାଦ ୬ ମ୍ୟାଚରୁ ୫ ପଏଣ୍ଟ ସହ ତୃତୀୟ ସ୍ଥାନକୁ ଉଠିଛି । ଏହି ମ୍ୟାଚରେ କୋଣାର୍କ ସୂର୍ଯ୍ୟସ ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୯ ୱିକେଟ୍ ହରାଇ ୧୦୦ ରନ୍ କରିଥିଲା । ମୁନାବୀରା ସର୍ବାଧିକ ୫୧ ରନ୍ କରିଥିଲେ ।




ଜବାବରେ ହାଇଦ୍ରାବାଦ ଅଧିନାୟକ ଗୁରୁକିରାତି ସିଂ ମାନଙ୍କ ଅପରାଜିତ ୫୨ ରନ୍ ସହାୟତାରେ ଲକ୍ଷ୍ୟ ସ୍ଥଳରେ ପହଞ୍ଚିଥିଲା ।
















**Printed & Published by Satyanarayan Mohanty** for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, **Chief Editor:** Rakesh Chandra Mohanty: **ମୁଖ୍ୟ ସମ୍ପାଦକ:** ରାକେଶ ଚନ୍ଦ୍ର ମହାନ୍ତି । **Editor:** Papu Mohanty: **ସମ୍ପାଦକ:** ପପୁ ମହାନ୍ତି